


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-339 •SUNDAY •7 JUNE 2026 •PAGE-12+4 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୩୩୯ •ରବିବାର •୭ ଜୁନ୍ ୨୦୨୬ •ପୃଷ୍ଠା-୧୨+୪ (ସିନ୍ଦୂରା) •ଟ.୭.୦୦





## ଏକତରଫା ପ୍ରେମ ନିବେଦନରେ ବିଫଳ ଯୁବକର ଉନ୍ମତ୍ତକାଣ୍ଡ

# ଯୁବତୀ ଓ ମାଆଙ୍କ ବେକରେ ଖଣ୍ଡା ଲଗାଇ ହତ୍ୟା ଧମକ

ଡେରାବିଶ,୬।୬(ସମିସ): ଏକତରଫା ପ୍ରେମ କରି ବିଫଳ ହେବା ପରେ ଜଣେ ଯୁବକ କଲେଜ ଫାଟକ ଆଗରେ ଯୁବତୀ ଓ ତାଙ୍କ ମା'ଙ୍କ ବେକରେ ଖଣ୍ଡା ଲଗାଇ ହତ୍ୟା ଧମକ ଦେବା ଘଟଣା କେନ୍ଦ୍ରାପଡ଼ା ଜିଲ୍ଲାର ଆଇନଶୃଙ୍ଖଳା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ବଜାରରେ ଆଜି ଏହି ଘଟଣା ଘଟିଛି। ଯୁବକଜଣଙ୍କ

### ଅଭିଯୁକ୍ତ ଯୁବକକୁ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା-ଗୋଲରାହାଟ ରାସ୍ତାରୁ ଆରମ୍ଭ କରି ଡେରାବିଶ କଲେଜ ପରିସର ପର୍ଯ୍ୟନ୍ତ ପ୍ରାୟ ଏକ ଘଣ୍ଟା କାଳ ଆତଙ୍କ ଖେଳାଇଥିଲା। ଏ ସଂପର୍କରେ ଯୁବତୀଜଣଙ୍କ ଡେରାବିଶ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲା, ଡେରାବିଶ କଲେଜରେ ପଢୁଥିବା +୩ ପ୍ରଥମ ବର୍ଷର ଛାତ୍ର ହ୍ରିତିକ ରଞ୍ଜନ ଜେନା। ତା' ଘର କେନ୍ଦ୍ରାପଡ଼ା ମୀରପାଟଣା ଅଞ୍ଚଳରେ।

ଅଭିଯୋଗ ଅନୁଯାୟୀ, ହ୍ରିତିକ ତା' ଉପର ବ୍ୟାଚ୍‌ର ଜଣେ ଯୁବତୀଙ୍କୁ ଏକତରଫା ଭଲ ପାଉଥିଲା। ସପ୍ତାହେ ହେବ ସେ ତାଙ୍କୁ ପ୍ରେମ ନିବେଦନ କରି ଆସୁଥିଲା। କିନ୍ତୁ ଯୁବତୀଜଣଙ୍କ ବାରମ୍ବାର ତା' ନିବଦେନକୁ ପ୍ରତ୍ୟାଖ୍ୟାନ କରିବାରୁ ହ୍ରିତିକ ତାଙ୍କୁ ହଇରାଣ କରିବା



ସହ ବାଟଘାଟରେ ଗାଳିଗୁଲଜ, ଟଣାଓଟରା କରିଆସୁଥିଲା। ଏଥିରେ ଭୟଭୀତ ହୋଇ ୩ ଦିନ ହେଲା ଯୁବତୀଜଣଙ୍କ କଲେଜ ବନ୍ଦ କରିଦେଇଥିଲେ। ତେବେ ଏଥିରୁ ନିସ୍ତାର ପାଇବା ପାଇଁ ଆଜି ଯୁବତୀଜଣଙ୍କ କଲେଜରେ ଅବିଭାବକ ମିଟିଂ ଥିବା କହି ନିଜ ମା'ଙ୍କୁ ସାଙ୍ଗରେ ଧରି ଆଜି କଲେଜ ଆସିଥିଲେ। ସେ ଓ ତାଙ୍କ ମା' କେନ୍ଦ୍ରାପଡ଼ା-ଗୋଲରାହାଟ ରାସ୍ତାର ଦୁମୁକାହାଟଠାରେ କଲେଜ ସନ୍ନିକଟ ରାସ୍ତାରେ ତାଙ୍କ ମା'ଙ୍କ ସହ ପହଞ୍ଚିବା ପରେ ହ୍ରିତିକ ସେମାନଙ୍କୁ ଅଟକାଇଥିଲା। ସେଠାରେ ପୁଣିଥରେ ହ୍ରିତିକ ପ୍ରେମ ନିବେଦନ କରିଥିଲା। ଏହା ଦେଖି ଯୁବତୀଙ୍କ ମା' ବିରୋଧ କରିବାରୁ ହ୍ରିତିକ୍ ତାଙ୍କୁ ଚାପୁଡ଼ା ମାରିବା ସହ ଗାଳିଗୁଲଜ କରିଥିଲା। ଏପରିକି, ତାଙ୍କ ଚୁଟି ଧରି ଘୋଷାଡ଼ି ନେଇ ମାଡ଼ ମାରିଥିଲା। ଏଥିସହ ନିଜ ବ୍ୟାଗ୍‌ରେ ରଖିଥିବା ଏକ ଭୁଜାଲି ବାହାର କରି ତାଙ୍କ ବେକରେ ଲଗାଇ ଦେଇଥିଲା। ପ୍ରାୟ ଘଣ୍ଟାଏକାଳ ହ୍ରିତିକ୍ ଏପରି ଆତଙ୍କରାଜ ଚଳାଇଥିବା ଦେଖି ସ୍ଥାନୀୟ ଅଞ୍ଚଳର କେତେକ ସାହାସୀ ଯୁବକ କୌଶଳକ୍ରମେ ତାକୁ କାବୁ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ହ୍ରିତିକକୁ ଧରି ଥାନାକୁ ନେଇଥିଲା। ପରେ ଯୁବତୀଙ୍କ ଅଭିଯୋଗକୁ ଆଧାରରେ ପୁଲିସ ନମ୍ବର ୧୫୦/୨୬ରେ ଏକ ମାମଲା ରୁଜୁ କରି ଯୁବତୀ ଓ ତାଙ୍କ ମାଆଙ୍କ ବୟାନ ରେକର୍ଡ କରିଛି। ଏଥିସହ ଅଭିଯୁକ୍ତ ହ୍ରିତିକର ଡାକ୍ତରୀ ପରୀକ୍ଷା କରାଯିବା ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ସୂତ୍ରରୁ ଜଣାଯାଇଛି।

# ବାଘଛାଲ ଜବତ; ୮ ଗିରଫ

## ଗ୍ରାହକ ଅପେକ୍ଷାରେ ଥିଲେ, ମାଡ଼ି ବସିଲା ବନ ବିଭାଗ

ରାୟଗଡ଼/କଲ୍ୟାଣସିଙ୍ଗପୁର, ୬।୬(ସମିସ): ରାୟଗଡ଼ା ଡିଭିଜନ୍ ବନଖଣ୍ଡ ଅନ୍ତର୍ଗତ କଲ୍ୟାଣସିଂପୁର ରେଞ୍ଜ ଅଧୀନ ରିଭଲକଣା ଛକରେ ଚଢ଼ଉ କରି ବନ ବିଭାଗ ଗୋଟିଏ କଲରାପତରିଆ ବାଘଛାଲ ଜବତ କରିବା ସହ ଏହି ବେଆଇନ କାରବାରରେ ସଂପୃକ୍ତ ୮ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ଗ୍ରାହକ ଅପେକ୍ଷାରେ ଥିବା ବେଳେ କଲ୍ୟାଣସିଂପୁର

### କଲରାପତରିଆଶୂନ୍ୟ କର୍ଲାପାଟ ରିଜର୍ଭ ଫରେଷ୍ଟ!

ଓ ରାୟଗଡ଼ ରେଞ୍ଜ ଅଧିକାରୀ ସଚ୍ଚିଦାନନ୍ଦ ପରିଡ଼ା, ଅନୀଲ ପାଣିଗ୍ରାହୀ, ଫରେଷ୍ଟର୍ ଶିବପ୍ରସାଦ ମହାପାତ୍ର, ଗୌରୀଶଙ୍କର ସାହୁ, ରବିଚନ୍ଦ୍ର ପାତ୍ରଙ୍କ ସମେତ ଭବାନୀପାଟଣା ଦକ୍ଷିଣ ରେଞ୍ଜ ଟିମ୍ ଚଢ଼ଉ କରିଥିଲେ। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ୩ଜଣ କଳାହାଣ୍ଡି ଓ ୫ଜଣ ରାୟଗଡ଼ା ଜିଲ୍ଲାର। ସେମାନେ ହେଲେ, କଳାହାଣ୍ଡି ଜିଲ୍ଲା ରାକସି ଗାଁର ମୁନୁଗା ମାଝି, ଟିଟିଖୋଲାର ଇଜେ ରାଓ ସାହୁ ଓ ପାହାଡ଼ପଦର ଗ୍ରାମର ଇନ୍ଦ୍ରେ ବେନିଆ ଏବଂ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂପୁର ଥାନା ଅନ୍ତର୍ଗତ ରଭିଲକଣା ଗ୍ରାମର ଭରତ ନାଚିକା, କୈାଳସ ଜାନି, ଚାନ୍ଦିଲି ଥାନା ଅନ୍ତର୍ଗତ ବଡ଼ଚାନ୍ଦିଲି ଗ୍ରାମର ସୀମାଦ୍ରି ତାଡିଙ୍ଗି, ବଡ଼ଚମ୍ପିଆ ଗ୍ରାମର ପ୍ରଶାନ୍ତ



କାଡ୍ରକା ଓ କାର୍ଣ୍ଣିପାଡୁ ଗ୍ରାମର ଧର୍ମା ପାତିକା।

ପାଖାପାଖି ୪ ମାସ ତଳେ ଭବାନୀପାଟଣାଠାରୁ ମାତ୍ର ୧୦ କିମି ଦୂର ଜଙ୍ଗଲରେ ଏହି କଲରାପତରିଆ ବାଘଟି ଶିକାର ହୋଇଥିବା ଅନୁମାନ କରାଯାଉଛି। ସେତେବେଳେ ବନ ବିଭାଗ ଜଣେ ଶିକାରୀକୁ ଗିରଫ କରିଥିଲେ ହେଁ ତା' ଠାରୁ ବାଘଛାଲ ଜବତ ହୋଇପାରିନଥିଲା। ସହଯୋଗୀମାନେ ଉକ୍ତ ବାଘଛାଲ ବିକ୍ରି କରିବାକୁ କଲ୍ୟାଣସିଂପୁର ବ୍ଲକ୍‌ର ରିଭଲକଣାକୁ ଆସିଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ରାୟଗଡ଼ା ଜିଲ୍ଲାରୁ ଗତ ୨ବର୍ଷ ମଧ୍ୟରେ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ କଲରାପତରିଆ ବାଘଛାଲ ଜବତ ହେବା ବନ୍ୟପ୍ରାଣୀପ୍ରେମୀଙ୍କ ଚିନ୍ତା ବଢ଼ାଇଛି। ପୂର୍ବରୁ ଜିଲ୍ଲାର ଗୁମ୍ମା ରିଜର୍ଭ ଫରେଷ୍ଟ ଏବଂ ମୁନିଗୁଡ଼ା ରେଞ୍ଜ ଅନ୍ତର୍ଗତ ଚନ୍ଦ୍ରପୁର ବନାଞ୍ଚଳରେ ବହୁସଂଖ୍ୟକ କଲରାପତରିଆ ବାଘ ଦେଖାଯାଉଥିଲା। କିନ୍ତୁ, ନିକଟରେ ବନବିଭାଗ ଦ୍ୱାରା ହୋଇଥିବା ବାଘଗଣନା ସମୟରେ ଗୋଟିଏ ବି ବାଘ ଟ୍ରାପ୍ କ୍ୟାମେରାରେ କଏଦ୍ ହୋଇନଥିଲା। ଗତ ଡିସେମ୍ବରରେ ଶେଷଥର ପାଇଁ ଟ୍ରାପ୍ କ୍ୟାମେରାରେ ଗୋଟିଏ ବାଘର ସୂଚନା ମିଳିଥିଲା। ତେଣୁ, ବର୍ତ୍ତମାନ ଜବତ ହୋଇଥିବା ବାଘଛାଲଟି କଳାହାଣ୍ଡି ଜିଲ୍ଲା କର୍ଲାପାଟ ରିଜର୍ଭ ଫରେଷ୍ଟ ଅଞ୍ଚଳର ବୋଲି ବନ ବିଭାଗ ସନ୍ଦେହ କରୁଛି।

# ଭାଇ ସହ ମିଶି ପୁଲିସ୍ ସ୍ୱାମୀକୁ ପୋଡ଼ି ମାରିବାକୁ ଉଦ୍ୟମ!

ବ୍ରହ୍ମପୁର, ୬।୬ (ସମିସ): ପ୍ରେମ ବିବାହ କରିଥିଲେ। ସାତଜନ୍ମର ସାଥୀ ହେବା ପାଇଁ ଅଗ୍ନିକୁ ସାକ୍ଷୀ ରଖିଥିଲେ। କିନ୍ତୁ, ସାତଜନ୍ମ ଦୂରେ ଥାଉ, ଦୁଇ ବର୍ଷ ବି ଟିକ୍ଷି ପାରିଲା ନାହିଁ ସେମାନଙ୍କ ଦାମ୍ପତ୍ୟ। ପରିସ୍ଥିତି ଏମିତି ହେଲା ଯେ ସ୍ୱାମୀ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଲେ। ପାରିବାରିକ କଳହକୁ କେନ୍ଦ୍ର କରି ଗତ ରାତିରେ ବ୍ରହ୍ମପୁର ଟାଉନ୍ ଥାନା ଅଞ୍ଚଳରେ ଏଭଳି ଏକ ଘଟଣା ଘଟିଛି। ଗୁରୁତର ସ୍ୱାମୀ ହେଲେ, ବିଜିପୁର ପୁଲିସ୍ କଲୋନୀ ନିବାସୀ କନେଷ୍ଟବଳ ଆଶୁତୋଷ ମୃଦଙ୍ଗିଆ। ତାଙ୍କୁ ଚିକିତ୍ସା ଲାଗି ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ, ଏହି ଘଟଣାକୁ ନେଇ ଆଶୁତୋଷଙ୍କ ପରିବାରଲୋକ ସାଂଘାତିକ ଅଭିଯୋଗ କରିଛନ୍ତି। ଆଶୁତୋଷଙ୍କ ମା' ଦୀପା ମୃଦଙ୍ଗିଆଙ୍କ



ଅଭିଯୋଗ ଅନୁଯାୟୀ, ଆଶୁତୋଷଙ୍କୁ ବୋହୂ ସନ୍ଧ୍ୟା ନାୟକ ଓ ତା' ଭାଇ ମିଳିମିଶି ହତ୍ୟା କରିବାକୁ ଉଦ୍ୟମ କରିଛନ୍ତି।

ଆଶୁତୋଷ ଓ ସନ୍ଧ୍ୟା ଦୀର୍ଘବର୍ଷ ଧରି ପରସ୍ପରକୁ ଭଲ ପାଉଥିଲେ। ୨୦୨୫ ଫେବ୍ରୁଆରିରେ ଦୁହେଁ ବିବାହ କରିଥିଲେ। କିନ୍ତୁ, ବିବାହ ପରେ ବିଭିନ୍ନ କାରଣରୁ ଦୁହିଁଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହୁଥିଲା। ଆଶୁତୋଷଙ୍କ ବିରୋଧରେ ପତ୍ନୀ ସନ୍ଧ୍ୟା ମହିଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଆଶୁତୋଷଙ୍କୁ ଗିରଫ କରିଥିଲା। ଦୀର୍ଘ ଦିନ ଧରି ଆଶୁତୋଷ ଜେଲରେ ରହିବା ପରେ ୩ ଦିନ

### ଗୁରୁତର କନେଷ୍ଟବଲ ଏମ୍ସରେ ଭର୍ତ୍ତି

ତଳେ ସେ ଜେଲରୁ ଜାମିନରେ ମୁକୁଳିଥିଲେ। ଶୁକ୍ରବାର ସନ୍ଧ୍ୟାରେ ପୁଲିସ କ୍ୱାର୍ଟର୍ସରେ ସନ୍ଧ୍ୟାଙ୍କ ଉପସ୍ଥିତିରେ ଆଶୁତୋଷ ସେଠାକୁ ଯାଇଥିଲେ। ଏହି ସମୟରେ ସନ୍ଧ୍ୟା ଓ ତାଙ୍କ ଭାଇ ମିଶି ଆଶୁତୋଷଙ୍କ ଉପରେ ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ କରିଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି ଆଶୁତୋଷଙ୍କ ମା' ଦୀପା। ଆଶୁତୋଷଙ୍କୁ ପ୍ରଥମେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ ତାଙ୍କୁ ଭେଟି ଘଟଣା ସମ୍ପର୍କରେ ଅଧିକ ପଚରାଉଚରା କରିଥିଲେ। ଏହାସହ ଆଶୁତୋଷଙ୍କ ପରିବାରଲୋକଙ୍କ ସହ ମଧ୍ୟ ଘଟଣାକୁ ନେଇ ଅଧିକ ଖୋଳତାଡ଼ କରିଛନ୍ତି।

ଆଶୁତୋଷଙ୍କ ଭଉଣୀ ନିବେଦିତା ଦେବୀ ଭାଉଜ ସନ୍ଧ୍ୟା ଓ ତାଙ୍କ ଭାଇଙ୍କ ବିରୋଧରେ ଅଭିଯୋଗ ଆଣିଥିବା ବେଳେ ସେମାନଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ଜଣାପଡ଼ିଛି। ଦୋଷୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି କହିଛନ୍ତି।

## ଏସ୍‌ଆଇଆର୍‌ରେ ବିଏଲ୍‌ଓଙ୍କୁ ସହଯୋଗ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅପିଲ୍

ଭୁବନେଶ୍ୱର, ୬।୬(ସମିସ): ରାଜ୍ୟରେ ଏସ୍‌ଆଇଆର୍ ପ୍ରକ୍ରିୟା ଜାରି ରହିଥିବାବେଳେ ଭୋଟର ତାଲିକାକୁ ସଂଶୋଧନ କରି ନିର୍ବାଚନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ସୁଦୃଢ଼ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ବିଶେଷ କରି ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରୁଥିବା ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ଯେଉଁ ଯୋଗ୍ୟ ନାଗରିକମାନେ ଏପର୍ଯ୍ୟନ୍ତ ନିଜର ପରିଗଣନା ଫର୍ମ ବିଏଲ୍‌ଓଙ୍କ ପାଖରେ ଦାଖଲ କରିନାହାନ୍ତି, ସେମାନେ ତୁରନ୍ତ ଏହାକୁ ଜମା କରନ୍ତୁ। ବିଏଲ୍‌ଓଙ୍କ ପାଖକୁ ନଯାଇ ସିଧାସଳଖ ଅନଲାଇନ୍‌ରେ ମଧ୍ୟ ନିଜର ଫର୍ମ ଦାଖଲ କରିପାରିବେ। ନିର୍ଦ୍ଧାରିତ ସମୟରେ ଫର୍ମ ଦାଖଲ ନକଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରୁ ବାଦ୍ ପଡ଼ିବାର ଆଶଙ୍କା ରହିଛି। ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ରାଜ୍ୟର ସମୁଦାୟ ୧କୋଟି ୯୮ ଲକ୍ଷ ୯୭ ହଜାର ୩୩୧ଜଣ ଅର୍ଥାତ ମୋଟ ୫୯.୫୭ ପ୍ରତିଶତ ଭୋଟର୍‌ଙ୍କୁ ପରିଗଣନା ଫର୍ମ ବଣ୍ଟାଯାଇଛି। ଏହାବ୍ୟତୀତ ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନଙ୍କ ସରକାରୀ ୱେବସାଇଟ୍‌ରୁ ମଧ୍ୟ ଏହି ଫର୍ମ ଡାଉନଲୋଡ୍ କରି, ତଥ୍ୟ ପୂରଣ ପରେ ନିଜେ ଅପଲୋଡ୍ କରିପାରିବେ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ଭୋଟର ତାଲିକାରେ ନାମ ସାମିଲ, ସଂଶୋଧନ କିମ୍ବା ଅନ୍ୟ ସହାୟତା ପାଇଁ ହେଲ୍ପଲାଇନ ନମ୍ବର ୧୯୫୦ କୁ ଯୋଗାଯୋଗ କରିବାକୁ କମିସନ୍‌ଙ୍କ କାର୍ଯ୍ୟାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ମାଗଣା ୟୁପିଏସ୍‌ସି କୋଚିଂ ପାଇଁ ବିଜ୍ଞପ୍ତି ପ୍ରକାଶିତ

ଭୁବନେଶ୍ୱର, ୬।୬(ସମିସ): ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଚଳିତ ଶିକ୍ଷାବର୍ଷ ୟୁପିଏସ୍‌ସି ସିଭିଲ ସର୍ଭିସେସ୍ ପରୀକ୍ଷା ପାଇଁ ମାଗଣା ଆବାସିକ କୋଚିଂ କାର୍ଯ୍ୟକ୍ରମ ଘୋଷଣା କରାଯାଇଛି। ଏହି ଯୋଜନାରେ ଓଡ଼ିଶାର ୨୦୦ ଜଣ ଯୋଗ୍ୟ ପ୍ରାର୍ଥୀଙ୍କୁ ନିଶୁଳ୍କ କୋଚିଂ ସହିତ ଖାଇବା ଓ ରହିବା ସୁବିଧା ଯୋଗାଇ ଦିଆଯିବ। ପ୍ରାର୍ଥୀ ଚୟନ ପାଇଁ ଆସନ୍ତା ଜୁନ ୨୮ ତାରିଖରେ ଏକ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଏଥିପାଇଁ ଆସନ୍ତା ୮ ତାରିଖ ସକାଳ ୧୧ଟାରୁ ସାମ୍ସ ପୋର୍ଟାଲରେ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଆଶାୟୀ ପ୍ରାର୍ଥୀମାନେ ୧୯ ରାତି ୧୧ଟା ୪୫ ମିନିଟ୍ ସୁଦ୍ଧା ଆବେଦନ କରିପାରିବେ। ୨୪ ତାରିଖରେ ଆଡମିଟ୍ କାର୍ଡ ପ୍ରକାଶ ପାଇବା ପରେ ୨୮ରେ ପରୀକ୍ଷା ହେବ। ୨୯ ତାରିଖରେ ଏହାର ପ୍ରୋଭିଜିନାଲ୍ ଆନ୍‌ସାର କି ପ୍ରକାଶ ପାଇବ। ଉତ୍ତର କି' କୁ ନେଇ ପରୀକ୍ଷାର୍ଥୀଙ୍କ କୌଣସି ଆପତ୍ତି ଥିଲେ ଜୁଲାଇ ୩ ତାରିଖ ଯାଏଁ ଆପତ୍ତି ଦାଖଲ କରିପାରିବେ। ଏହାପରେ ୮ ତାରିଖରେ ଚୂଡ଼ାନ୍ତ ଆନ୍‌ସାର୍ କି' ପ୍ରକାଶ ପାଇବ। ଏହାପରେ ମେଧା ତାଲିକା ସହ ନାମଲେଖା ପାଇଁ ସମୟ ସୂଚୀ ପ୍ରକାଶ ପାଇବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଆବେଦନ ଶୁଳ୍କ ୧୦୦ ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ୟୁପିଏସ୍‌ସି ପ୍ରିଲିମ୍ସ ଓ ମେନ୍ସ ପରୀକ୍ଷା ପାଇଁ ୧୧ ମାସ ଧରି କୋଚିଂ ପ୍ରଦାନ କରାଯିବ।

# ୩, ୭ ୯ ୩ କୋଟିର ପୁଞ୍ଜିନିବେଶକୁ ଅନୁମୋଦନ

ଭୁବନେଶ୍ୱର,୬।୬ (ସମିସ): ରାଜ୍ୟରେ ବ୍ୟାପକ ଶିଳ୍ପାୟନ ଓ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟରେ ରାଜ୍ୟ ସରକାର ଆଜି (ଶନିବାର) ୧୪ଟି ଜିଲ୍ଲାରେ ୨୪ଟି ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ପ୍ରାୟ ୩, ୭ ୯ ୩ କୋଟି ଟଙ୍କାର ଏହି ପୁଞ୍ଜିନିବେଶ ଦ୍ୱାରା ୧୯, ୯୨୪ଟି ନିଯୁକ୍ତି ସୃଷ୍ଟି ହେବା ନେଇ ସରକାର ଆଶାବାଦୀ ଅଛନ୍ତି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ୧୪୭ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ଅନୁମୋଦିତ ଏହି ପ୍ରକଳ୍ପଗୁଡ଼ିକ ଇସ୍ପାତ ଓ ଧାତୁ-ଭିତ୍ତିକ ଡାଉନଷ୍ଟ୍ରିମ୍ ଶିଳ୍ପ, ନବୀକରଣଯୋଗ୍ୟ ଶକ୍ତି, ଉନ୍ନତ ସାମଗ୍ରୀ, ଇଲେକ୍ଟ୍ରୋନିକ୍ସ ଓ ବୈଦ୍ୟୁତିକ ଯାନ ( ଇଭି) ଉପକରଣ, ବସ୍ତ୍ର ଓ ପୋଷାକ ଶିଳ୍ପ, ପର୍ଯ୍ୟଟନ ଓ ଆତିଥେୟତା, ଭିତ୍ତିଭୂମି ଓ ଲଜିଷ୍ଟିକ୍ସ, ଖାଦ୍ୟ ପ୍ରକ୍ରିୟାକରଣ, ଉପଭୋକ୍ତା ସାମଗ୍ରୀ, ରସାୟନ ଶିଳ୍ପ ଏବଂ ଉଦୀୟମାନ ପ୍ରଯୁକ୍ତି ଭଳି ବିଭିନ୍ନ କ୍ଷେତ୍ର ଅନ୍ତର୍ଭୁକ୍ତ ରହିଛି।

ରାଜ୍ୟ ସରକାରଙ୍କ ଅନୁମୋଦନ ଲାଭ କରିଥିବା ଏହି ପ୍ରକଳ୍ପଗୁଡ଼ିକ ଖୋର୍ଦ୍ଧା, ଢେଙ୍କାନାଳ, ଝାରସୁଗୁଡ଼ା, କୋରାପୁଟ, ଯାଜପୁର, ସମ୍ବଲପୁର, କେନ୍ଦୁଝର, ବଲାଙ୍ଗୀର, ପୁରୀ, କଟକ, ସୁନ୍ଦରଗଡ଼, ଗଞ୍ଜାମ, ଜଗତସିଂହପୁର ଏବଂ ମୟୂରଭଞ୍ଜ ସମେତ ରାଜ୍ୟର ୧୪ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବ। ପ୍ରମୁଖ ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଶକ୍ତି ସଞ୍ଚୟ ଏବଂ ଉନ୍ନତ ଉତ୍ପାଦନ କ୍ଷେତ୍ରରେ, ସିଇଏସସି ଗ୍ରିନ୍ ପାୱାର ଲିଃ ଢେଙ୍କାନାଳ ଜିଲ୍ଲାରେ ୬୮୩.୮୩ କୋଟି ଟଙ୍କାର ବିନିଯୋଗରେ ଏକ ବ୍ୟାଟେରି ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍ ପ୍ରକଳ୍ପ ସ୍ଥାପନ କରିବ। ଏହି ପ୍ରକଳ୍ପ ମାଧ୍ୟମରେ ୧୫୩ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି ଏଭିପି ଷ୍ଟାର ପ୍ରା.ଲିଃ. ଖୋର୍ଦ୍ଧା ଜିଲ୍ଲାରେ ୫୦୦ କୋଟି ଟଙ୍କାର ବିନିଯୋଗରେ ଏକ ଲ୍ୟାବ୍-ଗ୍ରୋନ୍ ଡାଇମଣ୍ଡ (ହୀରା) ଉତ୍ପାଦନ କାରଖାନା ସ୍ଥାପନ କରିବ। ଏହି ପ୍ରକଳ୍ପ ଦ୍ୱାରା ୫୦୦ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ବସ୍ତ୍ର ଓ ପୋଷାକ ଶିଳ୍ପ କ୍ଷେତ୍ରରେ ନନ୍ଦରାଜ ଟେକ୍ସଟାଇଲ୍ସ ପ୍ରା.ଲିଃ. ଖୋର୍ଦ୍ଧା ଜିଲ୍ଲାରେ ୧୬୮.୬୪

### ୧୪ ଜିଲ୍ଲାରେ ୨୪ଟି ପୁଞ୍ଜିନିବେଶ ପ୍ରସ୍ତାବ
### ସୃଷ୍ଟି ହେବ ୧୯, ୯୨୪ଟି ନିଯୁକ୍ତି ସୁଯୋଗ

କୋଟି ଟଙ୍କାର ବିନିଯୋଗରେ ଏକ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏହା ମାଧ୍ୟମରେ ୧୦,୩୦୬ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସାହି ଏକ୍ସପୋର୍ଟସ୍ ପ୍ରାଇଭେଟ୍ ଲିଃ. ସମ୍ବଲପୁର ଜିଲ୍ଲାରେ ୧୪୫.୫୦ କୋଟି ଟଙ୍କାର ବିନିଯୋଗରେ ଏକ ନିଟେଡ୍ ଗାର୍ମେଣ୍ଟସ୍ (ବୁଣା ପୋଷାକ) ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ, ଯାହାଦ୍ୱାରା ୧,୮୪୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ମା' ତାରାତାରିଣୀ ଟେକ୍ସଟାଇଲ୍ ପାର୍କ ପ୍ରା. ଲିଃ. ଗଞ୍ଜାମ ଜିଲ୍ଲାରେ ୭୦ କୋଟି ଟଙ୍କାର ବିନିଯୋଗରେ ଏକ ସମନ୍ୱିତ ବସ୍ତ୍ର ଶିଳ୍ପ ପ୍ରକଳ୍ପ ବିକଶିତ କରିବାକୁ ଥିବାବେଳେ ଏହାଦ୍ୱାରା ୩୫୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସ୍ୱସ୍ତି ପ୍ରିମିୟମ ଲିମିଟେଡ୍ କୋରାପୁଟ ଜିଲ୍ଲାରେ ୨୫୦ କୋଟି ଟଙ୍କାର ବିନିଯୋଗରେ ଏକ ପଞ୍ଚତାରକା (୫-ଷ୍ଟାର) ରିସୋର୍ଟ ସ୍ଥାପନ କରିବ, ଯାହାଦ୍ୱାରା ୪୮୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏସ୍‌ଏନ୍‌ଏମ୍ ହୋଟେଲ୍ ଆଣ୍ଡ ରିସୋର୍ଟ ପ୍ରା.ଲି. କୋରାପୁଟରେ ୧୩୩.୩୪ କୋଟି ଟଙ୍କାର ବିନିଯୋଗରେ ଏକ ରିସର୍ଟ ସ୍ଥାପନ କରି ୧୭୩ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଶ୍ରୀ ଇକୋ ରିସୋର୍ଟ କେନ୍ଦୁଝର ଜିଲ୍ଲାରେ ୧୦୫.୬୦ କୋଟି ଟଙ୍କାର ବିନିଯୋଗରେ ଏକ ଇକୋ-ରିସର୍ଟ ଓ ଜଳ ମନୋରଞ୍ଜନ ପାର୍କ ସ୍ଥାପନ କରିବ, ଯାହାଦ୍ୱାରା ୨୪୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଶୈଳବାଳା ଇନଫ୍ରାଷ୍ଟ୍ରକ୍‌ଚର ପ୍ରା.ଲି. ପୁରୀ ଜିଲ୍ଲାରେ ୯୨.୮୦ କୋଟି ଟଙ୍କାର ବିନିଯୋଗରେ ଏକ ରିସର୍ଟ ସ୍ଥାପନ କରି ୧୭୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

ଅପରପକ୍ଷେ ଲେହର୍ସ ଏକ୍ସପୋର୍ଟସ୍ ସର୍ଭିସେସେ ପ୍ରା.ଲି. ସୁନ୍ଦରଗଡ଼ ଜିଲ୍ଲାରେ ୬୦ କୋଟି ଟଙ୍କାର ବିନିଯୋଗରେ ଏକ ରିସର୍ଟ ସ୍ଥାପନ କରି ୨୦୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଇସ୍ପାତ, ଧାତୁ-ଭିତ୍ତିକ ଡାଉନଷ୍ଟ୍ରିମ୍ ଏବଂ ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ଜେଏସଡବ୍ଲୁ ସିଭରଫିଲ୍ଡସ୍ ଷ୍ଟ୍ରକ୍‌ଚର୍ସ ଲି. ଯାଜପୁର ଜିଲ୍ଲାରେ ୨୧୫ କୋଟି ଟଙ୍କାର ବିନିଯୋଗରେ ଏକ ଇସ୍ପାତ ଫ୍ୟାବ୍ରିକେସନ୍ ୟୁନିଟ୍ ସ୍ଥାପନ କରିବ। ଏହା ଦ୍ୱାରା ୧୪୦୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି କୋଶାଲ ସେରାମିକ୍ସ ପ୍ରା.ଲି. ଝାରସୁଗୁଡ଼ା ଜିଲ୍ଲାରେ ୨୭୫.୦୭ କୋଟି ଟଙ୍କାର ବିନିଯୋଗରେ ରିଫ୍ରାକ୍ଟୋରି ଇଟା ଏବଂ ମୋନୋଲିଥିକ୍ ଉତ୍ପାଦନ କାରଖାନାର ସମ୍ପ୍ରସାରଣ କରିବ, ଯାହାଦ୍ୱାରା ୧,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଲଜିଷ୍ଟିକ୍ସ ଓ ଭିତ୍ତିଭୂମି କ୍ଷେତ୍ରରେ ଏମ ଏସ ଇନଫ୍ରା ଇଂଜିନିୟର୍ସ ପ୍ରା. ଲି. ସମ୍ବଲପୁର ଜିଲ୍ଲାରେ ୧୧୨.୫୨ କୋଟି ଟଙ୍କା ବିନିଯୋଗରେ ଏକ ଗୋଦାମ ଗୃହ ସହ ଲଜିଷ୍ଟିକ୍ ପାର୍କ ସ୍ଥାପନ କରିବ। ଏହି ପ୍ରକଳ୍ପ ଦ୍ୱାରା ୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି ଇନେକ୍ସ ଇକୋ ଲଜିଷ୍ଟିକ୍ସ ବଲାଙ୍ଗୀର ଜିଲ୍ଲାରେ ୧୦୩.୨୦ କୋଟି ଟଙ୍କାର ବିନିଯୋଗରେ ମଧ୍ୟ ଲଜିଷ୍ଟିକ୍ ଏବଂ ଗୋଦାମ ଭିତ୍ତିଭୂମି ବିକାଶ କରିବ ଏବଂ ଏହା ଦ୍ୱାରା ୨୨୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଜଣାପଡ଼ିଛି। ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟର ଶିଳ୍ପ କ୍ଷେତ୍ର ପାଇଁ ସଂଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ଯୋଗାଣ ଶୃଙ୍ଖଳା (ସପ୍ଲାଏ ଚେନ୍ ) ର କାର୍ଯ୍ୟଦକ୍ଷତା ଓ ଦକ୍ଷ ପରିଚାଳନା ବୃଦ୍ଧି କରିବ। ହିନ୍ଦୁସ୍ଥାନ କୋକା-କୋଲା ବିଭରେଜେସ୍ ପ୍ରା.ଲି. ଖୋର୍ଦ୍ଧା ଜିଲ୍ଲାରେ ୩୦୦ କୋଟି ଟଙ୍କାର ବିନିଯୋଗରେ ଏହାର ଏରେଟେଡ୍ ଡ୍ରିଙ୍କ୍ସ (କାର୍ବୋନେଟେଡ୍ ପାନୀୟ) ଉତ୍ପାଦନ କ୍ଷମତାର ସମ୍ପ୍ରସାରଣ କରିବ। ଏହାଦ୍ୱାରା ୯ ୯୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି ଜୟ ଭବାନୀ ଫୁଡ୍ ପ୍ରା.ଲି. କଟକ ଜିଲ୍ଲାରେ ୯୨ କୋଟି ଟଙ୍କାର ବିନିଯୋଗରେ ଏକ ବାର୍ ସୋପ୍ (ସାବୁନ୍ ଖଣ୍ଡ) ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ, ଯାହା ଦ୍ୱାରା ୩୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଜଣାପଡ଼ିଛି।

# ଏଆଇ ପୋଷ୍ଟରରେ ବିକୃତ ହେଉଛି ଓଡ଼ିଆ ଲିପି

ଭୁବନେଶ୍ୱର, ୬।୬(ସମିସ): କୃତ୍ରିମ ବୁଦ୍ଧିମତା ବା ଏଆଇର ଲୋକପ୍ରିୟତା ସାଙ୍ଗକୁ ବ୍ୟବହାର ମଧ୍ୟ ବଢ଼ିଛି। ଖୁବ୍ ସ୍ୱଳ୍ପ ସମୟରେ ଆଖିଖୋସିଲା ପରି ପୋଷ୍ଟର ବ୍ୟାନର୍ ଯୁବବର୍ଗଙ୍କୁ ଆକୃଷ୍ଟ କରିଛି। ରାଜନୀତି ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ପାଇଁ ଏହା ମହୌଷଧି ସାଜିଥିବାବେଳେ ଆବାଳବୃଦ୍ଧବନୀତା ଏହାକୁ ଦୈନନ୍ଦୀନ ଜୀବନରେ ଉପଯୋଗ କରୁଛନ୍ତି। ମାତ୍ର ଏଆଇ ଦ୍ୱାରା ପ୍ରସ୍ତୁତ ପୋଷ୍ଟରରେ ଓଡ଼ିଆ ଭାଷା ମାତ୍ରାଧିକ ବିକୃତ ହେଉଛି। ଓଡ଼ିଆ ଲିପିର କଦର୍ଥ ରୂପ ସାମାଜିତ ଗଣମାଧ୍ୟମରେ କ୍ରମାଗତ ଭାବେ

- ସାମାଜିକ ଗଣମାଧ୍ୟମରେ ମାଳମାଳ ତ୍ରୁଟି
- ବଢୁଛି ବ୍ୟବହାର; ହେୟଜ୍ଞାନ କରୁଛନ୍ତି ସରକାର
- ଓଡ଼ିଆ ଭାଷାକୁ କ୍ଲାଉଡ୍‌ରେ ସମୃଦ୍ଧ କରିବା ପାଇଁ ଦାବି

ବଢୁଥିବାବେଳେଓଡ଼ିଆଭାଷାରସୁରକ୍ଷିତଭବିଷ୍ୟତନେଇପ୍ରଶ୍ନଉଠିଛି।

ସାଧାରଣତଃ ଲୋକଙ୍କ ନିକଟରୁ ସଂଗୃହିତ ତଥ୍ୟକୁ ନେଇ ଏଆଇ ସମୃଦ୍ଧ ହେଉଛି। ଇଂରାଜୀ ଭାଷାରେ ମିଳୁଥିବା ବହୁ କଣ୍ଟେଣ୍ଟ ଓଡ଼ିଆ ଭଷାରେ ଉପଲବ୍ଧ ହେଉନାହିଁ। ଇଣ୍ଟରନେଟ୍‌ରେ ଓଡ଼ିଆ ତଥ୍ୟକୁ ପର୍ଯ୍ୟାୟକ୍ରମେ ଏକତ୍ର କରି ଏଆଇ ଶିଖୁଛି ଓ ଉତ୍ତର ରଖୁଛି। ଏହି ପ୍ରକ୍ରିୟା ମଧ୍ୟରେ ବ୍ୟାପକ କଦର୍ଥ ଓଡ଼ିଆ ଲିପି ବ୍ୟବହାର ହେବା ଦ୍ୱାରା ତାହାକୁ ମଧ୍ୟ ଏଆଇ ସଂଗ୍ରହ କରି ନିଜ ଡାଟାବେସ୍ ଗଚ୍ଛିତ ରଖୁଛି। ଏପରିଧାରା ଜାରି ରହିଲେ ପ୍ରକୃତ ଓଡ଼ିଆ ଲିପି ନିଶ୍ଚିହ୍ନ ହେବା ସହ ବିକୃତ ଲିପିର ବ୍ୟବହାର ବଢ଼ିବ। ଯାହାଦ୍ୱାରା ସ୍ୱତନ୍ତ୍ର ପରିଚୟ ରଖିଥିବା ଓଡ଼ିଆ ଭାଷା ଓ ସଂସ୍କୃତି ଏହାର ସତ୍ତା ହରାଇବାର ଆଶଙ୍କା ସୃଷ୍ଟି ହୋଇଛି। ବିଶେଷଜ୍ଞଙ୍କ ମତରେ ଏଆଇ ବ୍ୟବହାର କରିବାର ଉତ୍କଣ୍ଠା ମଧ୍ୟରେ ଭାଷା ସୁରକ୍ଷାକୁ ସମସ୍ତେ ଭୁଲି ଯାଉଛନ୍ତି। ଲୋକେ ଏହାକୁ ଛୋଟଛୋଟ ଭୁଲ୍ ଭାବି ହେୟଜ୍ଞାନ କରୁଥିବାବେଳେ ସରକାର ମଧ୍ୟ କୈଣସି ତତ୍ପରତା ପ୍ରକାଶ ପାଉନାହିଁ। ଭାଷା ଆନ୍ଦୋଳନକାରୀ ପବିତ୍ର ମହାରଥା କହିଛନ୍ତି ଯେ, ଓଡ଼ିଆ ଭଷାକୁ କ୍ଲାଉଡ୍ ବା ଇଣ୍ଟରନେଟ୍‌ରେ ସମୃଦ୍ଧ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ଭର୍ଚୁଆଲ୍ ଏକାଦେମୀ (ଓଭିଏ) ଗଠନ କରିଛନ୍ତି। ମାତ୍ର ଏହା ଆଖିଦୃଶିଆ ସଫଳତା ହାସଲ କରିପାରିନାହିଁ। ଅନୁରୂପ ଭାବେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ମଧ୍ୟ ଭାଷାକୁ ସମୃଦ୍ଧ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମାତ୍ର ଏହା ଆଇଟି ବିଭାଗ ଅଧୀନରେ କାର୍ଯ୍ୟରତ ଥିବାବେଳେ ଏହି ଦୁଇ ବିଭାଗ ସହ ସମନ୍ୱୟ ରଖୁନାହିଁ। ଫଳରେ ଓଡ଼ିଆ ଭାଷା ସମୃଦ୍ଧ ହେବା ପରିବର୍ତ୍ତେ ଏଆଇ ଦ୍ୱାରା କଦର୍ଥ ହେଉଛି। ସରକାର ଏହାକୁ ଗୁରୁତର ସହ ବିଚାର କରି ଓଭିଏ ଦ୍ୱାରା ଓଡ଼ିଆ ଶବ୍ଦ ଭଣ୍ଡାରକୁ ବିକଶିତ କରିବା ସହ ତ୍ରୁଟିଶୂନ୍ୟ ବନାନ୍ କ୍ଲାଉଡ୍‌ରେ ଉପଲବ୍ଧ କରିବାକୁ ତ୍ୱରିତ ପଦକ୍ଷେପ ନେଲେ ଏହାର ସମାଧାମ ହୋଇପାରିବ ବୋଲି ଶ୍ରୀ ମହାରଥା କହିଛନ୍ତି।

## କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦଳିତ ଯୁବକଙ୍କ ଆତ୍ମହତ୍ୟା ଘଟଣା

# ସରକାରଙ୍କ ଚରମ ଅବହେଳାରୁ ଚାଲିଗଲା ନିରୀହ ଜୀବନ: ବିଜେଡି

ଭୁବନେଶ୍ୱର,୬।୬(ସମିସ): ଶୁକ୍ରବାର କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜଣେ ଦଳିତ ଯୁବକଙ୍କ ଆତ୍ମହତ୍ୟା ଘଟଣା ସରକାରଙ୍କ ସମ୍ବେଦନହୀନତା ଓ ପ୍ରଶାସନିକ ବିଫଳତାର ନଗ୍ନ ଉଦାହରଣ। ସରକାରଙ୍କ ଚରମ ଅବହେଳାରୁ ଏକ ନିରୀହ ଜୀବନ ଚାଲିଗଲା ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି। ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏନେଇ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି।

କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଯେ ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡ଼ି ନ୍ୟାୟ ନ ମିଳିବାରୁ ଶ୍ରୀଚନ୍ଦନ ଦାସ ନାମକ ଜଣେ ଦଳିତ ଯୁବକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆତ୍ମହତ୍ୟା କରିବା ଦୁର୍ଭାଗ୍ୟଜନକ। ସ୍ୱଷ୍ଟ ଦିବାଲୋକରେ ଜିଲ୍ଲାର ମୁଖ୍ୟ କାର୍ଯ୍ୟାଳୟରେ ଏଭଳି ଅଘଟଣ ଘଟିବା ସରକାରଙ୍କ ସମ୍ବେଦନହୀନତାର ପରିଚୟ। ମୃତ ଯୁବକ ଜଣକ ନିଜର ବ୍ୟକ୍ତିଗତ ଅଭିଯୋଗର ଶୁଣାଣି ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ି ନିରାଶ ହେଲା ପରେ ଏଭଳି ଚରମ ପଦକ୍ଷେପ ନେଲେ। ଲୋକଙ୍କ ସରକାର କହି ଡିଣ୍ଡିମ ପିଟୁଥିବା ବିଜେପି ସରକାର ସାଧାରଣ ଜନତାଙ୍କ ସମସ୍ୟା ପ୍ରତି କିଭଳି ଆଖି ବୁଜି ଦେଇଛନ୍ତି, ତାହା ଗତକାଲିର ଘଟଣାରୁ ପ୍ରମାଣିତ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଶାସନିକ ଅଧିକାରୀମାନଙ୍କ



ଉପସ୍ଥିତିରେ ଜଣେ ଯୁବକ ଆତ୍ମହତ୍ୟା କରିବା ପର୍ଯ୍ୟନ୍ତ କେହି କେମିତି ଜାଣିପାରିଲେ ନାହିଁ, ତାହା ପ୍ରଶାସନିକ ଓ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସେହିପରି ରାଜନଗର ବିଧାୟକ ଧ୍ରୁବ ସାହୁ କହିଛନ୍ତି ଯେ ୨ ବର୍ଷ ଭିତରେ ଅଭିଯୋଗ ଶୁଣାଣି କରି ୯୬ ପ୍ରତିଶତ ଲୋକଙ୍କ ସମସ୍ୟା ସମାଧାନ କରିଥିବା ମୁଖ୍ୟମନ୍ତ୍ରୀ କହୁଛନ୍ତି। ହେଲେ ଶ୍ରୀଚନ୍ଦନ ଦାସଙ୍କ ମୃତ୍ୟୁ ମୁଖ୍ୟମନ୍ତ୍ରୀଙ୍କ କଥାକୁ ଅଟ୍ଟହାସ୍ୟ କରୁଛି। ସରକାରଙ୍କ ପ୍ରତିନିଧି ରୂପେ ଜିଲ୍ଲାପାଳଙ୍କ ନିକଟକୁ ନ୍ୟାୟ ପାଇବା ପାଇଁ ଜନସାଧାରଣ ଯାଇଥା'ନ୍ତି। ସରକାରୀ ବ୍ୟବସ୍ଥା ଉପରୁ ସମ୍ପୂର୍ଣ୍ଣ ଭରସା ତୁଟିଗଲା ପରେ ହିଁ ଜଣେ

- ଧରାପଡ଼ିଲା ସରକାରଙ୍କ ଜନ ଅଭିଯୋଗ ଶୁଣାଣିର ବାସ୍ତବତା କେତେ
- ଉଚ୍ଚସ୍ତରୀୟ ତଦନ୍ତ ସହ ଦାୟୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ
- ମୃତ ଯୁବକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦିଅନ୍ତୁ ସରକାର

ଏମିତି ଚରମ ପଦକ୍ଷେପ ନିଏ। ଶ୍ରୀଚନ୍ଦନ ଦାସଙ୍କ ପରିବାରକୁ ସରକାର ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରନ୍ତୁ। ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀ ଅଧିକାରୀଙ୍କ ବିରୋଧରେ ସରକାର ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ନଚେତ ବିଜେଡି ରାଜରାସ୍ତାକୁ ଓହ୍ଲାଇ ତୀବ୍ର ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-339 ♦SUNDAY ♦7 JUNE 2026 ♦PAGE-12+4 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୩୩୯ ♦ରବିବାର ♦୭ ଜୁନ୍ ୨୦୨୬ ♦ପୃଷ୍ଠା-୧୨+୪ (ସିନ୍ଦୂରା) ♦ଟ.୭.୦୦


## କ୍ରିକେଟ ଜଗତର ନୂଆ ବିସ୍ମୟ



### ଜାତୀୟ ଦଳରେ ବୈଭବ ସୂର୍ଯ୍ୟବଂଶୀ

■ ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ଆଗାମୀ ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ସିରିଜ ଓ ଏସୀୟ କ୍ରୀଡ଼ା ଲାଗି ଶନିବାର ଭାରତୀୟ ଟି-୨୦ ଦଳ ଘୋଷଣା କରାଯାଇଛି। ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଭାରତୀୟ ସିନିଅର ଚୟନ କମିଟି ବିହାରର ବିସ୍ମୟ କ୍ରିକେଟର୍ ବୈଭବ ସୂର୍ଯ୍ୟବଂଶୀଙ୍କୁ ସିନିଅର ଦଳରେ ସୁଯୋଗ ଦେଇଛି। ଫଳରେ ଆଇପିଏଲ୍ ଓ ଜୁନିଅର ବର୍ଗରେ ଉତ୍ତମ ପ୍ରଦର୍ଶନର ଛାପ ଛାଡ଼ି ସାରିଥିବା ୧୫ ବର୍ଷୀୟ ଏହି ବାମହାତୀ ବିଧ୍ୱଂସୀ ବ୍ୟାଟର୍ ପ୍ରଥମଥର ଲାଗି ଟିମ୍ ଇଣ୍ଡିଆର ସିନିଅର ଦଳରେ ସ୍ଥାନ ପାଇଛନ୍ତି। ନିକଟରେ ଶେଷ ହୋଇଥିବା ଆଇପିଏଲ୍‌ରେ ସୂର୍ଯ୍ୟବଂଶୀ ୧୬ଟି ମ୍ୟାଚରେ ୪୮.୫୦ ହାରରେ ୭୭୬ ରନର କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଯେଉଁଥିରେ ସେ ▶ପୃଷ୍ଠା-୭

# ପ୍ରଶାନ୍ତ ମହାସାଗରରେ ଏଲ୍ ନିନୋ ସକ୍ରିୟ

## ଦୁର୍ବଳ ହେବ ମୌସୁମୀ; ମରୁଡ଼ି ଆଶଙ୍କା

■ ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ପ୍ରଶାନ୍ତ ମହାସାଗରର ଗରମ ପବନ ଏବଂ ଜଳରାଶି ଏବେ ସାରା ପୃଥିବୀର ଜଳବାୟୁକୁ ବିପଦରେ ପକାଇବାକୁ ଯାଉଛି। ୟୁରୋପୀୟ ପାଣିପାଗ ପୂର୍ବାନୁମାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଶାନ୍ତ ମହାସାଗରରେ 'ଏଲ୍ ନିନୋ' ପ୍ରକ୍ରିୟା ସମ୍ପୂର୍ଣ୍ଣ ସକ୍ରିୟ ହୋଇଯାଇଛି। ସାଗରର ସୀମା ବାହାରେ ତାପମାତ୍ରା ବୃଦ୍ଧି ପାଇବା ଯୋଗୁଁ ଚଳିତ ବର୍ଷ ଭାରତରେ ମୌସୁମୀ ବାୟୁ ଦୁର୍ବଳ ହେବାର ଆଶଙ୍କା ଦେଖାଦେଇଛି। ଏହାଦ୍ୱାରା ଦେଶରେ ସ୍ୱଳ୍ପ ବୃଷ୍ଟିପାତ ଏବଂ କୃଷି କ୍ଷେତ୍ରରେ ବ୍ୟାପକ କ୍ଷତି ଘଟିବାର ସମ୍ଭାବନା ସୃଷ୍ଟି ହୋଇଛି।

ସାଧାରଣ ଭାଷାରେ ବୁଝିବାକୁ ଗଲେ, ପ୍ରଶାନ୍ତ ମହାସାଗର ପୃଥିବୀର ଏକ ବଡ଼ ତାପମାତ୍ରା ନିୟନ୍ତ୍ରକ ଇଞ୍ଜିନ ଭଳି କାର୍ଯ୍ୟ କରିଥାଏ। ସ୍ୱାଭାବିକ ସ୍ଥିତିରେ ପୂର୍ବରୁ ପଶ୍ଚିମକୁ ବହୁଥିବା ପବନ ଗରମ ଜଳକୁ ଏସିଆ ଏବଂ ଅଷ୍ଟ୍ରେଲିଆ ଆଡ଼କୁ ନେଇଥାଏ। ଏହାଫଳରେ ଦକ୍ଷିଣ ଆମେରିକା ଉପକୂଳରୁ ଥଣ୍ଡା ଏବଂ ପୋଷକ ତତ୍ତ୍ୱଭରା ଜଳ ଉପରକୁ ଆସିଥାଏ। ତେବେ ଏଲ୍ ନିନୋ ସମୟରେ ଏହି ପ୍ରକ୍ରିୟା ଓଲଟା ହୋଇଯାଏ। ପବନ ଦୁର୍ବଳ ହୋଇଯିବା ଯୋଗୁଁ ଗରମ ଜଳ ପୁଣି ▶ପୃଷ୍ଠା-୭

## ରଜରେ ଭିଜିବ ଓଡ଼ିଶା

### ଭୁବନେଶ୍ୱରରେ କାଳବୈଶାଖୀର ତାଣ୍ଡବ
### ଦିନରେ ୪୦ ଡିଗ୍ରୀ, ସନ୍ଧ୍ୟାରେ ୨୬କୁ ଖସିଲା

■ ଭୁବନେଶ୍ୱର, ୬।୬ (ସମିସ): ଆଗାମୀ ୬ରୁ ୮ ଦିନ ମଧ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାର କିଛି ଅଂଶକୁ ଛୁଇଁପାରେ। ଏଥିପାଇଁ ପାଣିପାଗ ସ୍ଥିତି ଅନୁକୂଳ ଥିବା ନେଇ ପୂର୍ବାନୁମାନ କରିଛନ୍ତି ଭାରତୀୟ ପାଣିପାଗ ବିଭାଗର ବିଜ୍ଞାନୀ।

ସୂଚନାଯୋଗ୍ୟ ଯେ କେରଳମ୍‌ରେ ମୌସୁମୀ ବାୟୁ ପ୍ରବେଶ ପରେ ଏବେ ଦକ୍ଷିଣ ଭାରତର ଅନ୍ୟ କେତେକ ଅଂଶକୁ ଅତିକ୍ରମ କରି ଧିରେ ଧିରେ ଆଗକୁ ବଢ଼ୁଛି।





ବର୍ତ୍ତମାନର ପାଣିପାଗ ସ୍ଥିତି ଅନୁକୂଳ ଥିବାବେଳେ ସବୁକିଛି ଠିକ୍ ରହିଲେ ଏହା ଆସନ୍ତା ୬ରୁ ୮ ଦିନ ମଧ୍ୟରେ ଓଡ଼ିଶାର କେତେକ ଅଞ୍ଚଳ ଛୁଇଁବ। ଏପରି ହେଲେ ରଜ ମୌସୁମୀର ପହିଲି ବର୍ଷାରେ ଭିଜିବ ବୋଲି ଆଶା କରାଯାଉଛି। ▶ପୃଷ୍ଠା-୭

# ଘାରିଲା ଅର୍ଥନୀତି ଚିନ୍ତା

## ପରାମର୍ଶଦାତାଙ୍କ ବୈଠକ ଡାକିଲେ ପ୍ରଧାନମନ୍ତ୍ରୀ

### ରିଜର୍ଭ ବ୍ୟାଙ୍କ ମାନିଲା; ଭାରତୀୟ ଅର୍ଥନୀତି ଲାଇନଚ୍ୟୁତ
### ଆଗକୁ ବିସ୍ଫୋରକ ରୂପ ନେଇପାରେ ଦରଦାମ୍ ସ୍ଥିତି



■ ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ମଧ୍ୟପ୍ରାଚ୍ୟ ସଙ୍କଟ ଥମିବାର ନାମ ଧରୁନାହିଁ। ଆମେରିକା ଏବଂ ଇରାନ ମଧ୍ୟରେ ଶାନ୍ତି ବୁଝାମଣା ଏ ପର୍ଯ୍ୟନ୍ତ ହୋଇନଥିବାରୁ ସଙ୍କଟ ଟଳିନାହିଁ। ଏହାର ପ୍ରଭାବ ଭାରତୀୟ ଅର୍ଥନୀତି ଉପରେ ପଡ଼ିବା ଆରମ୍ଭ କଲାଣି। ଭାରତୀୟ ଅର୍ଥନୀତି ଲାଇନଚ୍ୟୁତ ହୋଇଥିବା ଖୋଦ୍ ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସ୍ୱୀକାର କଲେଣି। ଆଗକୁ ପରିସ୍ଥିତି ଆହୁରି ଗୁରୁତର ଆକାର ଧାରଣ କରିବାକୁ ଯାଉଥିବାର ସୂଚନା ମିଳିବା ଆରମ୍ଭ କଲାଣି। ଏହାକୁ ନେଇ ଚିନ୍ତିତ ହୋଇ ପଡ଼ିଛନ୍ତି କେନ୍ଦ୍ର ସରକାର। ଏଥିରୁ ରକ୍ଷା ପାଇବା ଲାଗି କ'ଣ କରାଯାଇପାରିବ, ସେସଂପର୍କରେ ପ୍ରଧାନମନ୍ତ୍ରୀ ଅର୍ଥନୈତିକ ପରାମର୍ଶଦାତାମାନଙ୍କ ସହିତ ବିଚାର ଆଲୋଚନା କରିଛନ୍ତି।

ତିନି ମାସରୁ ଅଧିକ ସମୟ ଧରି ଇରାନ-ଆମେରିକା ଉତ୍ତେଜନା ଲାଗି ରହିଥିବାରୁ ତେଲ ଯୋଗାଣର ମୁଖ୍ୟ ରାସ୍ତା ହର୍ମୁଜ ସମୁଦ୍ର ପଥ ବନ୍ଦ ପଡ଼ିଛି। ତୈଳ ସଙ୍କଟର ପ୍ରଭାବ, ସାରା ବିଶ୍ୱକୁ ପ୍ରଭାବିତ କରିଛି। ଭାରତ ମଧ୍ୟ ଏଥିରୁ ବର୍ତ୍ତି ପାରିନାହିଁ। ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ ପାଇବାକୁ ଲାଗିଥିବା ବେଳେ ସମସ୍ତ ସମାଗ୍ରୀ ମହଙ୍ଗା ହେବାକୁ ▶ପୃଷ୍ଠା-୭

## ଯନ୍ତ୍ରୀଙ୍କ ଲକର୍‌ରେ ନଗଦ ୨ କୋଟି

■ ଭୁବନେଶ୍ୱର/ଫୁଲବାଣୀ/ବାଲିଗୁଡ଼ା, ୬।୬ (ସମିସ): ଯନ୍ତ୍ରୀଙ୍କ ବ୍ୟାଙ୍କ ଲକର୍‌ରେ ନଗଦ ୨ କୋଟି ଟଙ୍କା। ଖାଲି ସେତିକି ନୁହେଁ; ଭୁବନେଶ୍ୱର ଓ ଯାଜପୁରର ପ୍ରମୁଖ ଜାଗାରେ ୫ଟି ବହୁତଳ ବିଲ୍ଡିଂ ସାଙ୍ଗକୁ ଭୁବନେଶ୍ୱର, ଯାଜପୁର ଧର୍ମଶାଳା ଓ ବାରିପଦାକୁ ମିଶାଇ ୧୩ଟି ଦାମୀ ଫ୍ଲାଟ୍ ରହିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଚଢ଼ଉ କରୁକରୁ ଭିଜିଲାନ୍ସ ଜାଲରେ ପୁଣିଥରେ ଏଭଳି ଏକ ବଡ଼ ମାଛ ପଡ଼ିଛି। ୧୯୯୯ ମସିହାରେ କନିଷ୍ଠ ଯନ୍ତ୍ରୀ ଭାବେ ମାତ୍ର ୬ ହଜାର ଟଙ୍କା ଦରମାରେ ଚାକିରି ଆରମ୍ଭ କରିଥିବା ଜଣେ ସରକାରୀ ବାବୁଙ୍କର ଏପରି ଅଟଳାଚଳ ସଂପତ୍ତି ଠାବ ହୋଇଛି। ସେ ହେଲେ, କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ବୈକୁଣ୍ଠନାଥ ବେହେରା। ଭିଜିଲାନ୍ସ ଆଜି ସକାଳେ ତାଙ୍କ ଘର ଓ କାର୍ଯ୍ୟାଳୟ ସମେତ ମୋଟ ୯ଟି ସ୍ଥାନରେ ଚଢ଼ଉ କରି ବିପୁଳ ସଂପତ୍ତି ଠାବ କରିଛି। ▶ପୃଷ୍ଠା-୭



### ୯ଟି ସ୍ଥାନରେ ଭିଜିଲାନ୍ସ ଚଢ଼ଉ
### ୫ ବିଲ୍ଡିଂ, ୧୩ଟି ଦାମୀ ଫ୍ଲାଟ୍ ଠାବ

# ଦିଲ୍ଲୀରେ ଗର୍ଜିଲା 'କକ୍ରୋଚ୍ ଜନତା ପାର୍ଟି'




### ଯନ୍ତରମନ୍ତରରେ ଏକାଠି ହେଲେ ସୋନମ୍ ୱାଙ୍ଗଚୁକ୍‌ଙ୍କ ସମେତ ହଜାର ହଜାର ଛାତ୍ରଛାତ୍ରୀ

■ ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ସାମାଜିକ ଗଣମାଧ୍ୟମର ଚର୍ଚ୍ଚିତ ସଂଗଠନ 'କକ୍ରୋଚ୍ ଜନତା ପାର୍ଟି' (ସିଜେପି) ପକ୍ଷରୁ ଆଜି ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜଧାନୀ ଦିଲ୍ଲୀର ଜନ୍ତରମନ୍ତରରେ ଆୟୋଜିତ ଏକ ନିଆରା ପ୍ରତିବାଦ ସଭାରେ ହଜାର ହଜାର ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଅଭିଭାବକ ସାମିଲ ହୋଇଥିଲେ। ସିବିଏସ୍‌ଇ, 'ନିଟ୍' ବିଭ୍ରାଟର ପ୍ରତିବାଦ କରିବା ସହିତ ସେମାନେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଛନ୍ତି। ଶ୍ରୀ ପ୍ରଧାନଙ୍କୁ ବହିଷ୍କାର କରିବା ଲାଗି ସେମାନେ କେନ୍ଦ୍ର ସରକାରଙ୍କୁ ୭ଦିନର ସମୟ ଦେଇଛନ୍ତି। ଏହି ସମୟ ମଧ୍ୟରେ ତାଙ୍କୁ ବିଦା ନକଲେ କକ୍ରୋଚ୍ ଜନତା ପାର୍ଟି ଦେଶବ୍ୟାପୀ ପ୍ରତିବାଦ ବିକ୍ଷୋଭ କରିବ ବୋଲି ଚେତାବନୀ ଦେଇଛି।

ଶନିବାର ସକାଳେ ଦିଲ୍ଲୀ ପୋଲିସ ପକ୍ଷରୁ ଏହି ବିକ୍ଷୋଭ ପ୍ରଦର୍ଶନ ପାଇଁ ଆନୁଷ୍ଠାନିକ ଭାବେ ଅନୁମତି ପ୍ରଦାନ କରାଯାଇଥିଲା। ଏହି ଆନ୍ଦୋଳନର ନେତୃତ୍ୱ ନେବା ପାଇଁ କକ୍ରୋଚ୍ ପାର୍ଟିର ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ଆମେରିକାରୁ ଆସି ଦିଲ୍ଲୀ ବିମାନ ବନ୍ଦରରେ ପହଞ୍ଚିବା ପରେ ସିଧାସଳଖ ଜନ୍ତରମନ୍ତର ଯାଇଥିଲେ। ▶ପୃଷ୍ଠା-୭

## ପୁଣି ଚାକିରିରେ ଯୋଗଦେଲେ ଆଇଏଏସ୍ ଚକମା




### ଗତ ବର୍ଷ ଜୁନରେ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଇ ଜେଲ ଯାଇଥିଲେ
### ହାଇକୋର୍ଟରୁ ମିଳିଥିଲା ଜାମିନ

■ ଭୁବନେଶ୍ୱର, ୬।୬ (ସମିସ): ଲାଞ୍ଚ ନେବା ଅଭିଯୋଗରେ ଗିରଫ ସହ ନିଲମ୍ବିତ ହୋଇଥିବା ୨୦୨୧ ମସିହା ବ୍ୟାଚର ଆଇଏଏସ ଅଧିକାରୀ ଧିମାନ ଚକମା ପୁଣିଥରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ରାଜସ୍ୱ ବିଭାଗର ଉପ ସଚିବ ଭାବେ ତାଙ୍କୁ ନିଯୁକ୍ତି ଦିଆଯାଇଛି। ଗତ ବର୍ଷ ଜୁନ ୯ ତାରିଖରେ ଏହି ଆଇଏଏସ ଅଧିକାରୀ ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। କଳାହାଣ୍ଡି ଜିଲ୍ଲା ଧର୍ମଗଡର ସବ କଲେକ୍ଟର ଥିବା ବେଳେ ତାଙ୍କ ସରକାରୀ ବାସଭବନରେ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଥିଲେ। ଏପରିକି ସର୍ଚ୍ଚ ବେଳେ ତାଙ୍କ ଘରୁ ୪୭ ଲକ୍ଷ ଟଙ୍କା ନଗଦ ଅର୍ଥ ବି ଜବତ ହୋଇଥିଲା। ଭିଜିଲାନ୍ସ ହାତରେ ଗିରଫ ହେବା ପରେ ତାଙ୍କୁ ଚାକିରିରୁ ନିଲମ୍ବିତ କରିଥିଲେ ରାଜ୍ୟ ସରକାର। ଏପରିକି କିଛି ଦିନ ଜେଲରେ ରହିବା ପରେ ତାଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ୍ ମିଳିଥିଲା। ତେବେ ଏବେ ପୁଣି ସେ ଚାକିରିରେ ଯୋଗ ଦେଇଛନ୍ତି। ରାଜସ୍ୱ ବିଭାଗରେ ଉପ ସଚିବ ଭାବେ ତାଙ୍କୁ ମେ ମାସ ୨୧ ତାରିଖରେ ନିଯୁକ୍ତି ମିଳିବା ପରେ ଏବେ ସେ କାର୍ଯ୍ୟରେ ଯୋଗ ଦେଇଥିବା ଜଣାପଡ଼ିଛି।

ଶ୍ରୀ ଚକମାଙ୍କ ନିଯୁକ୍ତିକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜେଲ୍‌ଦଣ୍ଡକୁ ମାତ୍ର ବର୍ଷଟେ ନ ପୂରୁଣୁ ସରକାର ତାଙ୍କୁ ପୁନଃ ନିଯୁକ୍ତି ପ୍ରଦାନ କରିବାକୁ ନେଇ ବିଭିନ୍ନ ମହଲରେ ଆଶ୍ଚର୍ଯ୍ୟ ପ୍ରକାଶ ପାଇଛି।

## ଆର୍ଥିକ ଦୁର୍ଗତିର କରୁଣ ପରିଣତି
## ବାପ ଓ ପୁଅଙ୍କ ଆତ୍ମହତ୍ୟା, ଏକାଠି ଜଳିଲା ଜୁଇ

■ ବାଣପୁର, ୬।୬ (ସମିସ): ବାଣପୁର ଥାନା କେଶପୁର ଗ୍ରାମରେ ଧାର-କରଜ ଟଙ୍କାକୁ ନେଇ ବାପ-ପୁଅଙ୍କ ମଧ୍ୟରେ କଳହ ପରେ କରୁଣ ସ୍ଥିତି ସୃଷ୍ଟି ହୋଇଛି। ଉଭୟ ବାପ-ପୁଅ ଆତ୍ମହତ୍ୟା କରିଥିବାବେଳେ ଏକାଠି ତାଙ୍କ ଜୁଇ ଜଳିଛି। ବାଲୁଗାଁ ରେଳ ଷ୍ଟେସନ ନିକଟ ରେଳଧାରଣରୁ ଶନିବାର ବାପାର ମୃତଦେହ ରେଳବାଇ ପୁଲିସ ଉଦ୍ଧାର କରିଥିବା ବେଳେ ପୁଅ ବିଷ ପାନ କରି ଆତ୍ମହତ୍ୟା କରିଛନ୍ତି। ମୃତକଦ୍ୱୟ ହେଲେ କେଶପୁର ଗ୍ରାମର ନବଘନ ପ୍ରଧାନ ଓ ତାଙ୍କ ସାନ ପୁଅ ତୋଫାନ ପ୍ରଧାନ। ଏଭଳି ଦୁଃଖଦ ଘଟଣାରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।



ସୂଚନା ମୁତାବକ, କେଶପୁର ଗ୍ରାମର ନବଘନ ପ୍ରଧାନଙ୍କ ୪ ପୁଅ ଓ ଗୋଟିଏ ଝିଅ। ପ୍ରାୟ ୧୧ ବର୍ଷ ପୂର୍ବେ ଝିଅର ବାହାଘର ହୋଇ ଯାଇଥିବା ବେଳେ ଦୁଇ ବର୍ଷ ପୂର୍ବେ ଏକ ସଡ଼କ ଦୁର୍ଘଟଣାରେ ବଡ଼ ପୁଅ ମୃତ୍ୟୁବରଣ କରିଥିଲେ। ତେବେ ଉକ୍ତ ପରିବାରର ଗ୍ରାମରେ ହାତ ଉଧାରି ଓ ଧାର କରଜ ବଢ଼ିଯିବାରୁ ଅଧିକ ରୋଜଗାର ଆଶାରେ ସାନ ପୁଅ ତୋଫାନ ବିଦେଶ ଯାଇଥିଲେ। ସେଠାରେ କାମ କରି ବାପାଙ୍କୁ ଟଙ୍କା ପଠାଇ ଚାଲିଥିଲେ। ତେବେ ନବଘନଙ୍କ ବିବାହିତା ଝିଅ କରଜରେ ବୁଡ଼ି ରହିଥିବାରୁ ପୁଅ ତୋଫାନ ପଠାଇଥିବା ଟଙ୍କା ସହ ନବଘନ ଗ୍ରାମରୁ ଧାର କରଜ କରି ଝିଅକୁ ଆହୁରି ୫ଲକ୍ଷ ଟଙ୍କା ଦେଇଥିଲେ। ▶ପୃଷ୍ଠା-୭




# ବୁଲ୍‌ଡୋଜର ଚଢ଼ାଇ ଭାଙ୍ଗିଦେଲେ ସ୍କୁଲ ପାଚେରି

କୋଣାର୍କ,୬।୬(ସମିସ)



ଶୁକ୍ରବାର ପୂର୍ବାହ୍ନରେ ଗୋପ ବ୍ଲକ୍ ତଥା କୋଣାର୍କ ଥାନା ଅନ୍ତର୍ଗତ କୋପରା ଗ୍ରାମସ୍ଥିତ କୋପରା ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରର ପାଚେରି ଓ ଶୌଚାଳୟ ଉପରେ ବୁଲ୍‌ଡୋଜର ଚଳାଇ ଭାଙ୍ଗିବା ସହିତ ଲୁହା ଗେଟ୍, ନଳକୂଅ, ବିଦ୍ୟୁତ୍ ମୋଟର ପ୍ରଭୃତି ଚୋରି କରିନେଇଥିବା ବ୍ୟକ୍ତିଙ୍କ ବିରୋଧରେ କୋପରା ଗ୍ରାମବାସୀ କୋଣାର୍କ ଥାନାରେ ଅଭିଯୋଗ କରିଛନ୍ତି।

କୋପରା ଗ୍ରାମବାସୀ ପ୍ରତାପରୁଦ୍ର ଜେନା, କାଙ୍ଗୁଲି ଚରଣ ବେହେରାଙ୍କ ସମେତ ଅନ୍ୟମାନେ କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଯେ, ଶୁକ୍ରବାର ସକାଳେ କୋପରା ଗ୍ରାମର ପ୍ରତାପ ରାଉତ ଓ ଉପେନ୍ଦ୍ର ରାଉତ କୋପରା ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରର ଗେଟ୍, ପାଚେରି ଓ ଶୌଚାଳୟ ଉପରେ ବୁଲ୍‌ଡୋଜର ଚଢ଼ାଇ ଭାଙ୍ଗିବା ସହିତ ଲୁହା ଗେଟ୍, ନଳକୂଅ, ପାଣି ମୋଟର ପ୍ରଭୃତି ସାମଗ୍ରୀ ଚୋରି କରି ନେଇଛନ୍ତି। କୋଣାର୍କ ପୁଲିସ ୧୧୨ରୁ ଫୋନ୍ କଲ୍ ପାଇ ଘଟଣାସ୍ଥଳରୁ ଅଭିଯୁକ୍ତଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିଥିଲେ। ତେବେ ପୁଲିସ ବିଳମ୍ବିତ ରାତିରେ ଅଭିଯୁକ୍ତଙ୍କୁ ଛାଡ଼ି ଦେଇଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଛାତ୍ରଛାତ୍ରୀ ଅଭାବରୁ କୋପରା ପ୍ରାଥମିକ ବିଦ୍ୟାଳୟ ଦୁଇବର୍ଷ ତଳୁ ବନ୍ଦ ହୋଇଯିବା ପରେ ସରକାରଙ୍କ ନିୟମାନୁଯାୟୀ, ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ପଞ୍ଚାୟତିରାଜ ବିଭାଗର ମହଲପଡ଼ା ଗ୍ରାମ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି। ତେବେ ବିଦ୍ୟାଳୟ ପରିସରରେ ଅଙ୍ଗନବାଡ଼ି କେନ୍ଦ୍ର ଚାଲୁ ରହିଛି। ସ୍କୁଲ ବନ୍ଦ ଥିବାର ସୁଯୋଗ ନେଇ ଏହାର ପରିସରକୁ ଜବରଦଖଲ କରିନେବା ଉଦ୍ଦେଶ୍ୟରେ ଅଭିଯୁକ୍ତମାନେ ଏହାର ପାଚେରି, ଗେଟ୍ ଓ ଶୌଚାଳୟକୁ ଭାଙ୍ଗିଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଗ୍ରାମବାସୀମାନେ ଗୋପ ବିଡିଓଙ୍କୁ ଏ ସମ୍ପର୍କରେ ଅଭିଯୋଗ କରିଥିଲେ ମଧ୍ୟ ବିଇଓଙ୍କୁ ଭେଟିବାକୁ ପରାମର୍ଶ ଦେଇ ଗୋପ ବିଡିଓ ସୂର୍ଯ୍ୟଶଙ୍କର ଦାଶ ଏହି ଘଟଣାକୁ ଏଡ଼ାଇ ଯାଇଛନ୍ତି। ଶନିବାର ଗ୍ରାମବାସୀମାନେ ଏହି ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଓ ପୁରୀ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

- ୧୦ ଲକ୍ଷ ଟଙ୍କାର ସମ୍ପତ୍ତି ଚୋରି ଅଭିଯୋଗ
- ଗୋପ ବିଡିଓଙ୍କ ନିରବତାକୁ ନେଇ ଗ୍ରାମବାସୀ କ୍ଷୁବ୍ଧ
- ସ୍କୁଲର କ୍ଷତି ଭରଣା ନ ହେଲେ ବ୍ଲକ୍ ସମ୍ମୁଖରେ ଧାରଣା ଦେବେ ଗ୍ରାମବାସୀ

ସୋମବାର ସୁଦ୍ଧା ଆସାମୀମାନଙ୍କୁ ଗିରଫ କରାଯିବା ସହିତ ସ୍କୁଲର କ୍ଷତି ହୋଇଥିବା ୧୦ଲକ୍ଷ ଟଙ୍କାର ସମ୍ପତ୍ତିର ପୁନରୁଦ୍ଧାର କରା ନ ଗଲେ ଗ୍ରାମବାସୀମାନେ ଗୋପ ବ୍ଲକ୍ ସମ୍ମୁଖରେ ଧାରଣା ଦେବାକୁ ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

## ତହସିଲ୍‌ଦାରଙ୍କ ଗାଡ଼ିକୁ ଧକ୍କା ଦେଇ ଟ୍ରାକ୍ଟର ଚାଳକ ଫେରାର





ନିମାପଡ଼ା,୬।୬(ସମିସ): ନିମାପଡ଼ା ତହସିଲ୍ ଅଞ୍ଚଳରେ ମାଟି, ବାଲି ମାଫିଆଙ୍କ ରାଜ୍ ଚାଲିଛି। ଖବର ପାଇ ଅତିରିକ୍ତ ତହସିଲ୍‌ଦାର ମାଟି ବୋଝେଇ ଟ୍ରାକ୍ଟରକୁ ଅଟକାଇବା ସମୟରେ ଟ୍ରାକ୍ଟର ଚାଳକ ତହସିଲ୍‌ଦାରଙ୍କ ଗାଡ଼ିକୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଅନ୍ତୁଆର ଗ୍ରାମ ପଞ୍ଚାୟତ କୁଆଁସ ଛକ ନିକଟରୁ ଶନିବାର ଅପରାହ୍ନରେ ବେଆଇନ ଭାବେ ମାଟି ଜେସିବି ସାହାଯ୍ୟରେ ଖୋଳାଯାଇ ଟ୍ରାକ୍ଟର ସାହାଯ୍ୟରେ ଚାଲାଣ କରାଯାଉଥିବା ଖବର ପାଇ ନିମାପଡ଼ା ତହସିଲ୍‌ର ଅତିରିକ୍ତ ତହସିଲ୍‌ଦାର କେ. ଭେଙ୍କଟେଶ୍ୱର ରାଓ, ରାଜସ୍ୱ ନିରୀକ୍ଷକ ପୁଲିସ ସହାୟତାରେ ସେଠାରେ ପହଞ୍ଚିବା ସମୟରେ ଜେସିବି ଓ ଟ୍ରାକ୍ଟର ସେଠାରୁ ଫେରାର୍ ହୋଇଯାଇଥିଲେ। ଏକ ମାଟି ବୋଝେଇ ଟ୍ରାକ୍ଟରକୁ ଅତିରିକ୍ତ ତହସିଲ୍‌ଦାର ଅଟକାଇବାକୁ ଚେଷ୍ଟା କରୁଥିବାବେଳେ ଡ୍ରାଇଭର ଜଣକ ଗାଡ଼ିଟିକୁ ଦ୍ରୁତ ବେଗରେ ଆଣି ଅତିରିକ୍ତ ତହସିଲ୍‌ଦାରଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ଉପସ୍ଥିତ ପୁଲିସ ଡ୍ରାଇଭରକୁ ଅଟକାଇବାକୁ ଚେଷ୍ଟା କରିଥିବାବେଳେ ଡ୍ରାଇଭର ଗହୀର ମଝିରେ ଡିଆଁ ମାରି ପଳାଇଥିଲା। ପୁଲିସ ସେଠାରୁ ମାଟି ବୋଝେଇ ଟ୍ରାକ୍ଟରକୁ ଜବତ କରି ଅନ୍ୟ ଏକ ଡ୍ରାଇଭର ସହାୟତାରେ ଥାନାକୁ ଆଣି ଅଟକ ରଖିଛନ୍ତି। ଏହି ଟ୍ରାକ୍ଟରର ନମ୍ବର ପ୍ଲେଟ୍‌କୁ ପୂର୍ବରୁ ଭାଙ୍ଗି ଦିଆଯାଇ ମାଟି ବୁହା ଚାଲୁଥିବା ପୁଲିସ ଜାଣିପାରିଛି। ତହସିଲ୍ ପକ୍ଷରୁ ଏ ସମ୍ପର୍କରେ ଥାନାରେ ଅଭିଯୋଗ ହେବା ପରେ, ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଜାରି ରଖିଛି। ବେଆଇନ ମାଟି, ବାଲି ଚାଲାଣ ରୋକିବାକୁ ସ୍ଥାନୀୟ ତହସିଲ୍‌ଦାର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିବା ଜଣାପଡ଼ିଛି।

## ଅସ୍ତରଙ୍ଗର ଅଗ୍ରଣୀ ଅନୁଷ୍ଠାନ ସବୁଜ ଶାଖାକୁ 'ପ୍ରକୃତି ମିତ୍ର' ପୁରସ୍କାର

ଅସ୍ତରଙ୍ଗ,୬।୬(ସମିସ): ଅସ୍ତରଙ୍ଗର ସବୁପ୍ରକାର ସେବାରେ ନିୟୋଜିତ ହେଉଥିବା ଅଗ୍ରଣୀ ଅନୁଷ୍ଠାନ ସବୁଜ ଶାଖାକୁ ବିଶ୍ୱ ପରିବେଶ ଦିବସ ଅବସରରେ 'ପ୍ରକୃତି ମିତ୍ର' ପୁରସ୍କାର ପ୍ରଦାନ କରାଯାଇଛି। ପୁରୀସ୍ଥିତ ବ୍ଲୁ ଫ୍ଲାଗ୍ ବିଚ୍‌ଠାରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ସବୁଜ ଶାଖା ଅନୁଷ୍ଠାନର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଡିଏଫ୍‌ଓ ଧନଜି ରାଓସ ମଗର ୨୦ ହଜାର ଟଙ୍କା ସହିତ ମାନପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ରମାକାନ୍ତ ବସ୍ତିଆଙ୍କ ସମେତ କେଳୁଚରଣ ଓଝା, ଦୁର୍ଗାଚରଣ ମହାରଣା, ପ୍ରଶାନ୍ତ ବେହେରା, ପ୍ରଶାନ୍ତ ନାୟକ ଓ ଅନ୍ୟ ସଭ୍ୟମାନେ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପରିବେଶ ସୁରକ୍ଷା, ଜଙ୍ଗଲ ସଂରକ୍ଷଣ ଏବଂ ବୃକ୍ଷରୋପଣ



କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ଅନୁଷ୍ଠାନ ବା ବ୍ୟକ୍ତିବିଶେଷଙ୍କୁ ଏହି ପୁରସ୍କାର ଓ ସମ୍ମାନିତ କରାଯାଇଥାଏ। ଅସ୍ତରଙ୍ଗର ସବୁଜ ଶାଖା ଦୀର୍ଘ ୩୧ ବର୍ଷ ଧରି ବିଭିନ୍ନ ଜନହିତକର କାର୍ଯ୍ୟ କରିବା ସହ ବୃକ୍ଷରୋପଣ ଓ ପରିବେଶ ସଚେତନତା ଦିଗରେ ଉଲ୍ଲେଖନୀୟ ଅବଦାନ ରହିଛି। ପ୍ରାକୃତିକ ବିପର୍ଯ୍ୟୟ ବେଳେ ଅସହାୟ ଲୋକଙ୍କ ନିକଟରେ ଛିଡ଼ା ହୋଇ ସାହାଯ୍ୟ ସହାନୁଭୂତିର ହାତ ବଢ଼ାଇବା, ପରିବେଶ ଓ ସ୍ୱଚ୍ଛତା ପ୍ରତି ପ୍ରାଧାନ୍ୟ ଦେଇଆସୁଛି। ପ୍ରକୃତିମିତ୍ର ପୁରସ୍କାର ପାଇବା ପରେ ଆଗକୁ ପରିବେଶ ଓ ସ୍ୱଚ୍ଛତା ପାଇଁ ଅଧିକ କ୍ରିୟାଶୀଳ ହେବେ ବୋଲି ଅନୁଷ୍ଠାନର ସଭ୍ୟମାନେ ସୂଚନା ଦେଇଛନ୍ତି।

## ବ୍ରହ୍ମଗିରିରେ ବିଶ୍ୱ ପରିବେଶ ଦିବସ

ବ୍ରହ୍ମଗିରି,୬।୬(ସମିସ): ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ମନ୍ତ୍ରଣାଳୟ ଅଧୀନ ମାଇଁ ଭାରତ କେନ୍ଦ୍ର, ପୁରୀ ଜିଲ୍ଲା ଏବଂ ରାଷ୍ଟ୍ରୀୟ ସଦ୍‌ଭାବନା ମଞ୍ଚ ତରଫରୁ ବ୍ରହ୍ମଗିରି ବ୍ଲକ୍ ଅନ୍ତର୍ଗତ ବ୍ରାହ୍ମଣିଆ ଗ୍ରାମ ପଞ୍ଚାୟତର ବ୍ରାହ୍ମଣିଆ ବାତ୍ୟା ଆଶ୍ରୟସ୍ଥଳୀଠାରେ ବିଶ୍ୱ ପରିବେଶ ଦିବସ



ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଦିଗମ୍ବର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ନିରଞ୍ଜନ ସେଠୀ, ମୁଖ୍ୟବକ୍ତା ଭାବେ ବ୍ରହ୍ମଗିରି ଓକିଲ ସଂଘ ସଭାପତି ଆଇନଜୀବୀ ରମାଶଙ୍କର ପାତ୍ର ଯୋଗଦେଇଥିଲେ। ଆମ ସଂସ୍କୃତି ଦାରୁ ବୃକ୍ଷ ଆଧାରିତ। ଅନ୍ତୁଡ଼ିଶାଳରୁ ଜୁଇଶେଯ ପର୍ଯ୍ୟନ୍ତ ବୃକ୍ଷର ଆବଶ୍ୟକତା ରହିଛି। ବର୍ତ୍ତମାନ ପୃଥିବୀ ଜଳବାୟୁରେ ବ୍ୟାପକ ପରିବର୍ତ୍ତନ ଘଟି ଚାଲିଛି। ବିଶ୍ୱ ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ହେବାରେ ଲାଗିଛି। ଏହାକୁ ସ୍ଥାନୀୟସ୍ତରରେ ମୁକାବିଲା କରିବାକୁ ହେଲେ ବ୍ୟାପକ ବୃକ୍ଷରୋପଣ କରିବାକୁ ହେବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟା ବବିତା ସ୍ୱାଇଁ, ସମାଜସେବୀ ସସ୍ମିତା ସାହୁ, ବ୍ରହ୍ମାକୁମାରୀ ଭଉଣୀ ମଞ୍ଜୁଲତା ଦେବୀ, ଟୁଇଟର ଆକ୍ଟିଭିଷ୍ଟ ବିସ୍ମୟ ମିଶ୍ର, ଅକ୍ଷୟ ଜେନା, ସମାଜସେବୀ ପ୍ରଦୀପ ମହାରଣା ପ୍ରମୁଖ ଯୋଗଦେଇ ବିଶ୍ୱ ତାପାୟନ, ଜଳବାୟୁ ପରିବର୍ତ୍ତନ ଓ ବ୍ୟାପକ ବୃକ୍ଷରୋପଣ ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥିମାନେ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ବିଭିନ୍ନ ଫଳଚାରା ରୋପଣ କରିଥିଲେ। ପୂର୍ବରୁ ଆୟୋଜିତ ପରିବେଶ ସୁରକ୍ଷା ସମ୍ପର୍କିତ ବକ୍ତୃତା ପ୍ରତିଯୋଗିତାରେ ୪ ଜଣ ବିଜେତାଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ଷ୍ଟଡି କମ୍ପ୍ଲେକ୍ସର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ରାଷ୍ଟ୍ରୀୟ ସଦ୍‌ଭାବନା ମଞ୍ଚ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ଜେନା ସ୍ୱାଗତ ଅଭିଭାଷଣ ଦେଇଥିଲେ। ଉପାଧ୍ୟକ୍ଷ ସଞ୍ଜୟ କୁମାର ପ୍ରଧାନ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ଆବାହକ ସମୀର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## କୁଣ୍ଢେଇ ପଞ୍ଚାୟତ ହାଟ, ବଜାରରେ ମାଲମାଲ ମଦ ଦୋକାନ

କୁଣ୍ଢେଇ,୬।୬(ସମିସ): ନକଲି ମଦ ଯୋଗୁଁ ଦିନକୁ ଦିନ ହଣାକଟା, ରାହାଜାନୀ କାକଟପୁର ଅଞ୍ଚଳରେ ବଢ଼ିଚାଲିଛି। କାକଟପୁର ଥାନା ଅଞ୍ଚଳରେ ଥିବା ଗାଁ ଗହଳି, ଛକ ବଜାରରେ ଥିବା ବିଭିନ୍ନ ଦୋକାନରେ ଚୋରା ଓ ନକଲି ମଦ ଦିନକୁ ଦିନ ବ୍ୟାପକ ପରିମାଣରେ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ୨୫/୩୦ ବର୍ଷ ହେଲାଣି କିଛି ଅଣହିନ୍ଦୁ ସମ୍ପ୍ରଦାୟର ଲୋକେ କାକଟପୁର ଥାନାଠାରୁ ମାତ୍ର ୨/୩ କିଲୋମିଟର ଦୂରରେ ତିଆରି କରୁଛନ୍ତି ନକଲି ଦେଶୀ, ବିଦେଶୀ ମଦ ଅସଲି ବୋତଲରେ ନକଲି ମଦ ପୂରାଇ ଅସଲି ଦରଠାରୁ ଅଧିକ ଦାମରେ ବିକ୍ରି କରୁଥିବା ଶୁଣିବାକୁ ମିଳୁଛି। ଏହି ମଦକୁ ସକାଳୁ ସକାଳୁ କାକଟପୁର ଥାନା ଅଧୀନରେ ଥିବା ନକଲି ଚୋରା ମଦ ବିକୁଥିବା ଦୋକାନୀମାନଙ୍କ ନିକଟରେ ବାଇକ୍‌ରେ ନେଇ ଯାଉଥିବା ଏକ ଅଭିଯୋଗ ହେଉଛି। ଅବକାରୀ ବିଭାଗ ଏବଂ ପୁଲିସ କିପରି ଜାଣିପାରୁ ନ ଥିବା ଆଲୋଚନାର ବିଷୟ ହୋଇଛି।

ଗାଁ ଗାଁରେ ଥିବା ପାନ ଦୋକାନ, ଛୋଟମୋଟ ଡାଲି ଚାଉଳ ଦୋକାନରେ ଅବାଧରେ ମଦ ବିକ୍ରି ହେଉଥିବା ଜଣାଯାଇଛି। ଅସଲି ବୋତଲରେ ନକଲି ମଦ ବିକ୍ରି କରାଯାଉଛି। ଏପରିକି ନାମିଦାମୀ ମଦ କମ୍ପାନୀ ନାମରେ ଜାଲିଆତି କରାଯାଇ ନକଲି ମଦ ବଜାରରେ ଯାହାକୁ ଯେତେ

**ଆଖି ବୁଜି ବସିଛି ଅବକାରୀ ବିଭାଗ**

ବିକ୍ରୟ କରାଯାଉଥିବା ଅଭିଯୋଗ ହେଉଛି। ସେହିପରି ଖୋଲା ବଜାରରେ ନକଲି ଦେଶୀ ମଦ ମଧ୍ୟ ବିକ୍ରି ହେଉଛି। ଏପରିସ୍ଥଳେ ସ୍ଥାନୀୟ ଅବକାରୀ ବିଭାଗ ଓ ପୁଲିସ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। କେଉଁ ଗ୍ରାମରେ କେଉଁ ଦୋକାନରେ ଚୋରା ମଦ ବିକ୍ରି କରାଯାଉଛି ପୁଲିସ ଓ ଅବକାରୀ ବିଭାଗ ନିକଟରେ ସମସ୍ତ ସୂଚନା ଥିଲେ ମଧ୍ୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି ବୋଲି ସାଧାରଣରେ ମତପ୍ରକାଶ ପାଉଛି। ଏହି ଅଧିକାରୀମାନେ ସମ୍ପୃକ୍ତ ଚୋରା ମଦ ବ୍ୟବସାୟୀମାନଙ୍କଠାରୁ ମାସିକିଆ ବାଟି ନେଉଥିବା କାରଣରୁ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁ ନ ଥିବା ଅଭିଯୋଗ ହୋଇଛି। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଚୋରା ମଦ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନ ହେବା କାରଣରୁ ବାଜପୁର ଗ୍ରାମ କୁଣ୍ଢେଇ ବ୍ୟାରେଜ୍ ଓ ବିଭିନ୍ନ ନିଛାଟିଆ ମଠ, ରାସ୍ତାକଡ଼ ଜାଗାମାନଙ୍କରେ ସନ୍ଧ୍ୟା ହେଲେ ବ୍ରାଉନ୍‌ସୁଗର ବିକ୍ରି ହେଉଥିବା ଶୁଣିବାକୁ ମିଳୁଛି। ଫଳରେ ବାଜପୁର ପ୍ରାଚୀ ବ୍ୟାରେଜ୍ ନିକଟରେ ସନ୍ଧ୍ୟାରୁ ରାତି ୧୨ଟା ଯାଏଁ ଯୁବକଙ୍କ ଗହଳି ଲାଗୁଛି। ସେହିପରି କୁଣ୍ଢେଇହାଟ ସହିତ ବାଜପୁରର ବିଭିନ୍ନ ଛକମାନଙ୍କରେ ଏହି ନକଲି ମଦପିଇ ଗଣ୍ଡଗୋଳ, ଗାଳିଗୁଲଜ ରାତିଯାକ ଚାଲିଥିବା ଦେଖିବାକୁ ମିଳୁଛି। ପୁଲିସ ପାଟ୍ରୋଲିଂ ହେଉ ନ ଥିବା ଯୋଗୁଁ ଏସବୁ ବଢ଼ିଚାଲିଛି। ବହୁ ପରିବାର ଏହି ବିଷାକ୍ତ ମଦ ପାଇଁ ଛାରଖାର ହୋଇଯାଉଥିବା ଅଭିଯୋଗ ହେଉଛି।

● ପରିବେଶ ଦିବସରେ ସେଭ୍ କୋଷ୍ଟାଲ ଲାଇଫ୍‌ର ଆହ୍ୱାନ

## 'ପ୍ରତି ପରିବାରରୁ ଆରମ୍ଭ ହେଉ ସବୁଜ ସଂକଳ୍ପ ଯାତ୍ରା'



ପୁରୀ,୬।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ସ୍ୱେଚ୍ଛାସେବୀ ସଙ୍ଗଠନ ସେଭ୍ କୋଷ୍ଟାଲ ଲାଇଫ୍ ତରଫରୁ ପୁରୀ ସଦରର ନାଳିହଣା ଗ୍ରାମରେ ବୃକ୍ଷ ରୋପଣ ସହ ପରିବେଷ ସମ୍ବନ୍ଧୀୟ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମର ସମସ୍ତ ଜନସାଧାରଣଙ୍କୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଓ ସେଥିପାଇଁ ଦୈନନ୍ଦିନ ଜୀବନରେ ଘଟୁଥିବା ଘଟଣା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏଥିରେ ଯୋଗଦେଇ 'ପ୍ରକୃତିବନ୍ଧୁ' ସରୋଜ କୁମାର ଜେନା କହିଥିଲେ, "ଗୋଟିଏ ଗଛ ଗୋଟିଏ ଜୀବନ, ଏହା ହିଁ ବିଶ୍ୱ ପରିବେଶ ଦିବସରେ ସଭିଙ୍କୁ ଆହ୍ୱାନ'। କାରଣ ପ୍ରତ୍ୟେକ ଦିନ ଜଳବାୟୁ ପରିବର୍ତ୍ତନର ପିଡ଼ାରେ ଆମେ ସମସ୍ତେ ବନ୍ଦୀ। ଦିନକୁ ଦିନ ପ୍ରତି ଗାଁ ଗଣ୍ଡାରୁ ଗଛ କମି କମି ଯାଉଛି, ଯାହା ଫଳରେ ସକାଳୁ ଗାଁରେ ଡାମରା କାଉର ଡାକ ଶୁଭୁନି। ଘରଚଟିଆଙ୍କ ପାଇଁ ଚାଳଘର ନାହିଁ। ବଗ, ଗେଣ୍ଡାଳିଆ, ପାଣିକୁଆ ସହ ଅନେକ ପଶୁପକ୍ଷୀ ଆଉ ଦେଖିବକୁ ମିଳୁନାହାନ୍ତି। ଏପରିକି ଗାଁ ଗୋଚରରେ ଗାଈଗୋରୁମାନେ ଆଶ୍ରୟ ନେବା ପାଇଁ ଗଛଟିଏ ବି ନାହିଁ। ତେଣୁ ପ୍ରକୃତିର ସୁରକ୍ଷା ଓ ସଂରକ୍ଷଣ ଦିଗରେ ସମସ୍ତେ କାର୍ଯ୍ୟ କରିବା ପାଇଁ ପ୍ରତିବଦ୍ଧତାର ସହ ପ୍ରତି ପରିବାରରୁ ସବୁଜ ସଂକଳ୍ପର ଯାତ୍ରା ଆରମ୍ଭ ହେଉ। ଯାହା ଆଗାମୀ ଦିନରେ ସବୁଜିମା ପରିବେଶର ପୁଞ୍ଜି ହେବ ବୋଲି 'ପ୍ରକୃତିବନ୍ଧୁ' ଶ୍ରୀ ଜେନା କହିଥିଲେ।

ଏଥିରେ ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ ମହାନ୍ତି ଜଳବାୟୁ ପରିବର୍ତ୍ତନର ପ୍ରଭାବ ଓ ସେଥିପାଇଁ ଦୈନନ୍ଦିନ ଜୀବନରେ ଆସୁଥିବା ପରିବର୍ତ୍ତନ କିଭଳି ଜୀବନ ଶୈଳୀକୁ ପ୍ରଭାବିତ କରୁଛି ସେ ସମ୍ବନ୍ଧରେ ଆଲୋଚନା କରିଥିଲେ। ଶେଷରେ 'ପ୍ରକୃତିବନ୍ଧୁ' ଶ୍ରୀ ଜେନା ସବୁଜ ସଂକଳ୍ପ କରାଇଥିଲେ। ଚଳିତ ବର୍ଷ ନାଳିହଣାକୁ ସବୁଜ ସୁରକ୍ଷାରେ ଯୋଡ଼ିବା ପାଇଁ ଦେଇଥିବା ପ୍ରସ୍ତାବକୁ ଗ୍ରାମବାସୀ ଗ୍ରହଣ କରିଥିଲେ। ଏଥିରେ ଗ୍ରାମବାସୀଙ୍କ ସହ ସେଭ୍ କୋଷ୍ଟାଲ ଲାଇଫ୍‌ର ସଦସ୍ୟ ଶୁଭେନ୍ଦୁ କୁମାର ରାଉତରାୟ, ମିଥୁନ କୁମାର ଛୋଟରାୟ, ନୃସିଂହ ଭୋଇ, ଦିବାକର ଭୋଇ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବିଦ୍ୟାଳୟ ନିକଟରୁ ହଟିଲା ମଦ ଦୋକାନ

ନୟାହାଟ,୬।୬(ସମିସ): ଏକ ବିଦ୍ୟାଳୟ ପାଚେରି ନିକଟରେ ମଦ କାରବାର ହେଉଥିବା ଖବର ପାଇ ଗୋପ ଥାନା ଆଇଆଇସି ଦୁର୍ଗାଚରଣ ମହାପାତ୍ର ରାତିରେ ଚଢ଼ଉ କରି ମଦ ଜବତ କରିବା ସହିତ ବିଦ୍ୟାଳୟ ନିକଟରୁ ଚୋରା ମଦ କାରବାର କରୁଥିବା ଦୋକାନକୁ ଉଠାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଏଠାରୁ ମଦ ଦୋକାନକୁ ଉଚ୍ଛେଦ କରାଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ବଉଲାଙ୍ଗ ପଞ୍ଚାୟତ ପଣୋ ପ୍ରାଥମିକ ବିଦ୍ୟାଳୟ ପାଚେରିକୁ ଲାଗି ସେହି ଗ୍ରାମର ଜଣେ ଯୁବକ ଚୋରା ମଦ କାରବାର କରୁଥିଲେ। କୋମଳମତି ପିଲାମାନେ ପାଠ ପଢ଼ିବାକୁ ଗଲାବେଳେ ଦୃଷ୍ଟିଗୋଚର ହେଉଥିଲା। ବିଭିନ୍ନ ସମୟରେ ନିଶାଡ଼ିମାନଙ୍କ ପ୍ରାଦୁର୍ଭାବ ଯୋଗୁଁ ବିଦ୍ୟାଳୟରେ ପାଠପଢ଼ା ବାଧାପ୍ରାପ୍ତ ହେଉଥିଲା। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାହୁ ଗୋପ ଥାନା ଆଇଆଇସିଙ୍କ ଦୃଷ୍ଟିଗୋଚର କରିବାରେ ପୁଲିସ ପକ୍ଷରୁ ଚଢ଼ଉ କରାଯାଇଥିଲା। ୭ଦିନ ମଧ୍ୟରେ ବିଦ୍ୟାଳୟ ପାଖରୁ କ୍ୟାବିନ୍ ଉଠାଇବା ପାଇଁ ଆଇଆଇସିଙ୍କ ନିର୍ଦ୍ଦେଶ ପରେ ଉକ୍ତ କ୍ୟାବିନ୍ ଉଠିଯାଇଥିଲା। ପୁଲିସର ଏହି କାର୍ଯ୍ୟକୁ ଅଭିଭାବକ ଓ ଗ୍ରାମବାସୀ ପ୍ରଶଂସା କରିଛନ୍ତି।

## ନିରାଶ୍ରୟ ସେବାଶ୍ରମ ତରଫରୁ ବୃକ୍ଷରୋପଣ

ଚାରିଛକ,୬।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ନିରାଶ୍ରୟ ସେବାଶ୍ରମ ତରଫରୁ ଚାରିଛକ ନିକଟ ମାଧବସ୍ଥିତ ଶ୍ରୀମାଧବାନନ୍ଦଜୀଉ ମନ୍ଦିର ପରିସରରେ ଅନୁଷ୍ଠାନର ସମ୍ପାଦକ ସୁବାସ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ବୃକ୍ଷରୋପଣ ସହିତ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ବିଭିନ୍ନ କିସମର ଫଳ, ଫୁଲ



ବୃକ୍ଷର ଚାରାରୋପଣ କରାଯାଇଥିଲା। ଏଥିରେ ସଭାପତି ମାନସ ରଞ୍ଜନ ପାଢ଼ୀ, ଉପସଭାପତି ଜୟକୃଷ୍ଣ ସାହୁ, ଉପଦେଷ୍ଟା ଲକ୍ଷ୍ମୀଧର ବେହେରା, ତ୍ରିନାଥ ବେହେରା, ସରୋଜିନୀ ନାଥ, ବୈରାଗୀ ସାହୁ, ପ୍ରମୋଦ ସାହୁ, ଅଧ୍ୟାପକ ଦୀପ୍ତିମୟ ତ୍ରିପାଠୀ ପ୍ରମୁଖଙ୍କ ସହଯୋଗରେ ବୃକ୍ଷରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ସଂଗଠନ ଓ ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି।

## ନୂତନ ପ୍ରଧାନଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ନୟାହାଟ,୬।୬(ସମିସ): ପୁରୀ ଜିଲ୍ଲା ଗୋପ ବ୍ଲକ୍ ଅନ୍ତର୍ଗତ ନୟାହାଟ ବାଳିକା ଉଚ୍ଚ ବିଦ୍ୟାଳୟରେ ନୂତନ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ରାଉତରାୟଙ୍କୁ ଶନିବାର ବିଦ୍ୟାଳୟ ପରିସରରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରକାଶ ଯେ, ନୟାହାଟ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରାୟ ୧୮ ମାସ ହେବ ପ୍ରଧାନଶିକ୍ଷକ ପଦ ଖାଲି ପଡ଼ିଥିଲା। ସେହି ସ୍ଥାନରେ ଶିକ୍ଷା ବିଭାଗ ପକ୍ଷରୁ ସନ୍ତୋଷ କୁମାର ରାଉତରାୟଙ୍କୁ ପ୍ରଧାନଶିକ୍ଷକ ଭାବେ ନିଯୁକ୍ତି ଦିଆଯିବା ପରେ ଖବର ପାଇ ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟ ଅଭିମନ୍ୟୁ ସିଂହ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ କଲ୍ୟାଣୀ କୁମାରୀ ଦେଇ, ଶିକ୍ଷକ ସରୋଜ କୁମାର ମିଶ୍ର, ବିନୋଦ କୁମାର ମିଶ୍ର, ଧନଞ୍ଜୟ ମହାପାତ୍ର, ପ୍ରିୟଦର୍ଶିନୀ ତ୍ରିପାଠୀ, ସାଇ ଶଙ୍କର ସେଠୀ, ହୃଷୀକେଶ ସାହୁ ଓ ବିଦ୍ୟାଳୟର କର୍ମଚାରୀ ପ୍ରମୁଖ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ବିଦ୍ୟାଳୟର ଉନ୍ନତି କରିବା ସହ ଶାନ୍ତିଶୃଙ୍ଖଳା ବଜାୟ ରଖିବେ ବୋଲି ଶ୍ରୀ ରାଉତରାୟ ପ୍ରକାଶ କରିଥିଲେ।

## ନବପ୍ରତିଭା ସଙ୍ଗୀତ ଶିକ୍ଷା କେନ୍ଦ୍ରର ରୌପ୍ୟ ଜୟନ୍ତୀ ସମାରୋହ



ପୁରୀ,୬।୬(ସମିସ): ବାବା ଆଖଣ୍ଡଳମଣି ନବପ୍ରତିଭା ସଙ୍ଗୀତ ଶିକ୍ଷା କେନ୍ଦ୍ରର ରୌପ୍ୟ ଜୟନ୍ତୀ ସମାରୋହ ଏବଂ 'ଉତ୍କଳଶ୍ରୀ ସମ୍ମାନ-୨୦୨୬' ପ୍ରଦାନ ସମାରୋହ ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବର୍ଷିୟାନ ଗୀତିକାର ଆର୍ତ୍ତତ୍ରାଣ ଶତପଥୀ, ବରିଷ୍ଠ ସେବାୟତ ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ଅଧିବକ୍ତା ସଞ୍ଜୀବ କୁମାର ମହାପାତ୍ର ଏବଂ ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ଅନୁଷ୍ଠାନର ଉପସଭାପତି ଗଙ୍ଗାଧର ବାରିକ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଯୁବ ଓଡ଼ିଶୀ ସଙ୍ଗୀତ ଶିଳ୍ପୀ ଶକ୍ତି ପ୍ରସାଦ ନାୟକ, ତବଲା ବାଦକ ଶକ୍ତି ଭୂଷଣ ମିଶ୍ର, ନୃତ୍ୟଗୁରୁ ଡ. ବିଶ୍ୱଜିତ ଦାଶ, ନୃତ୍ୟଶିଳ୍ପୀ ଲଳିମା ସାହୁଙ୍କୁ 'ଉତ୍କଳଶ୍ରୀ ସମ୍ମାନ' ପ୍ରଦାନ କରାଯାଇଥିବା ବେଳେ କୋଲକାତାର ନୃତ୍ୟଶିଳ୍ପୀ ମିଥୁରାଣୀ ବେରାଦିଣ୍ଡାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଗୁରୁ ଅଶୋକ କୁମାର ଦାସ ଏବଂ ବବିତା ଦାସଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀ ନୃତ୍ୟରେ ମଙ୍ଗଳାଚରଣ, ଅଭିନୟ, ଦଶାବତାର, ଅର୍ଦ୍ଧନାରୀଶ୍ୱର ଆଦି ପରିବେଷଣ କରିଥିଲେ। ସାଂସ୍କୃତିକ ସମ୍ପାଦକ ସୁଧାଂଶୁ ଭୂଷଣ ରଥ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୁରେନ୍ଦ୍ର ନାଥ ନାୟକ, ମୀରାମ୍ବିକା ପାତ୍ର, ସ୍ମୃତି ସ୍ମରଣିକା ଜଗଦେବ ରାୟ, ପ୍ରୀତିଲକ୍ଷ୍ମୀ ମିଶ୍ର, କରବୀ ରଥ ପ୍ରମୁଖ ସହଯୋଗ କରିଥିଲେ। ପ୍ରକାଶଥାଉ କି, ଏହି କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗ ସମେତ ଯାଜପୁର, ମୟୂରଭଞ୍ଜ, ବଲାଙ୍ଗିର, କଟକ ଆଦି ସ୍ଥାନରୁ ପ୍ରତିଭାମାନେ ଯୋଗଦେଇ ନୃତ୍ୟ ପରିବେଷଣ କରିଥିଲେ।

## କଲ୍ୟାଣ ମଣ୍ଡପ କାର୍ଯ୍ୟ ବିଳମ୍ବ

# ବିଡିଓଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

ନିମାପଡ଼ା,୬।୬(ସମିସ)



ନିମାପଡ଼ା କଲ୍ୟାଣ ମଣ୍ଡପ କାର୍ଯ୍ୟ ବିଳମ୍ବକୁ ନେଇ ବିଡିଓଙ୍କୁ ଗ୍ରାମବାସୀଙ୍କ ତରଫରୁ ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ କଳାପାଞ୍ଚଣ ପଞ୍ଚାୟତ ଗଡ଼ଇଟାପୋଖରୀ ଗ୍ରାମର ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ପଞ୍ଚାୟତ ସମିତି ପକ୍ଷରୁ ୨୦ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଛି। ଏ ସମ୍ପର୍କରେ ଗଡ଼ଇଟାପୋଖରୀ ଗ୍ରାମବାସୀ ବିଡିଓଙ୍କୁ ଅଭିଯୋଗ ପରେ ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ ତହସିଲ୍‌ଦାରଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ। ରାଜସ୍ୱ ନିରୀକ୍ଷକ, ଅମିନ କଲ୍ୟାଣ ମଣ୍ଡପ ନିର୍ମାଣ ସ୍ଥାନକୁ ଯାଇ ତଦନ୍ତ କରି ଟ୍ରେସ୍ ମ୍ୟାପ୍ ପ୍ରସ୍ତୁତ କରି ତହସିଲ୍‌ଦାରଙ୍କୁ ପ୍ରଦାନ କରିଥିଲେ। ତହସିଲ୍‌ଦାର ସେହି କପିକୁ ବିଡିଓଙ୍କୁ ପ୍ରଦାନ କରିଥିଲେ। ପରେ କନିଷ୍ଠ ଯନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରି ଯିବା ପରେ କଲ୍ୟାଣ ମଣ୍ଡପ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ଏ ସମ୍ପର୍କରେ ଗଡ଼ଇଟାପୋଖରୀ ଗ୍ରାମବାସୀଙ୍କୁ କାର୍ଯ୍ୟ ବନ୍ଦ ପାଇଁ ରାଜସ୍ୱ ନିରୀକ୍ଷକ କହିବା ପରେ ଗ୍ରାମବାସୀ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଏକ ଅଭିଯୋଗ କରିଥିଲେ। ଡିମାର୍‌କେସନ୍ କରାଯାଇ କାର୍ଯ୍ୟ କରାଯାଇଥିବା ବେଳେ ଶୁଣାଣି ଶିବିରରେ ହୋଇଥିବା ଅଭିଯୋଗ ଆଧାରରେ ଜିଲ୍ଲାପାଳ ବିଡିଓଙ୍କୁ ଏ ସମ୍ପର୍କରେ ଅବଗତ କରିଥିଲେ। ଡିମାର୍‌କେସନ୍ ପାଇଁ କାର୍ଯ୍ୟ ବିଳମ୍ବ ହେଉଥିବା ପରେ ଗ୍ରାମବାସୀ ଏହି କାର୍ଯ୍ୟ କରିବାରୁ ରାଜସ୍ୱ ନିରୀକ୍ଷକ କାର୍ଯ୍ୟ ବନ୍ଦ କରିବାକୁ କହିବାରୁ ଘଟଣାକୁ ନେଇ ଗଡ଼ଇଟାପୋଖରୀ ଗ୍ରାମର ଗ୍ରାମବାସୀ ତହସିଲ୍‌ଦାରଙ୍କ କାର୍ଯ୍ୟାଳୟରେ ପହଞ୍ଚି ଡିମାର୍‌କେସନ୍ ଓ ଟ୍ରେସ୍ ମ୍ୟାପ୍‌ର ନକଲ କପି ମାଗିଥିଲେ। ମାତ୍ର ତାହା ଗ୍ରାମବାସୀଙ୍କୁ ଦିଆଯାଉ ନ ଥିବାବେଳେ ଶନିବାର ପୂର୍ବାହ୍ନରେ ଗଡ଼ଇଟାପୋଖରୀ ଗ୍ରାମର ଜୟରାମ ପାତ୍ର, ବାବୁରାମ ପାତ୍ର, ପ୍ରସନ୍ନ ଜେନା, କଳାପାଞ୍ଚଣ ସରପଞ୍ଚଙ୍କ ପ୍ରତିନିଧି ରଶ୍ମି ରଞ୍ଜନ ଜେନା, ଅମିନ କାଣ୍ଡି, ଅଶୋକ ଘଡ଼େଇ, ସୁବାସ ଚନ୍ଦ୍ର ଜେନା, ଅରୁଣ ପାତ୍ର, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ପଣ୍ଡା, ଟୁଲିଆ ପାତ୍ର, ପବିତ୍ର ପାତ୍ର, ନଳିନୀକାନ୍ତ ରାୟଙ୍କ ସମେତ ଶତାଧିକ ବ୍ୟକ୍ତି ବିଡିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିଡିଓଙ୍କୁ ଭେଟି ଏହାର କାରଣ ପଚାରିଥିଲେ। ତହସିଲ୍‌ଦାରଙ୍କ ରିପୋର୍ଟ ଆସିଲା ପରେ ଆସନ୍ତା ସୋମବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ କହିଛନ୍ତି। ଉକ୍ତ କଲ୍ୟାଣ ମଣ୍ଡପ କାର୍ଯ୍ୟରେ ବିଳମ୍ବ ହେଲେ ରାସ୍ତାରୋକ କରାଯିବ ବୋଲି ଗଡ଼ଇଟାପୋଖରୀ ଗ୍ରାମର ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି। ମଣ୍ଡପ କାର୍ଯ୍ୟ ଅଧାରୁ ଅଧିକ ହୋଇଥିବାବେଳେ ପ୍ରଶାସନର ଦୋମୁହାଁ ନୀତିକୁ ନେଇ ଗ୍ରାମରେ ଅସନ୍ତୋଷ ଦେଖାଦେଇଛି।

୬/୬/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୫୦,୭୪୨/- ସୁନା:୧୪.୨୦୦ ଗ୍ରାମ୍ ରୁପା: ୨୮.୪୦୦ ଗ୍ରାମ୍



### ରଥଯାତ୍ରା ପାଇଁ ନଗର ଉନ୍ନୟନ ବିଭାଗର ସମୀକ୍ଷା

# ସ୍ୱଚ୍ଛତା ନିୟମ ଉଲ୍ଲଙ୍ଘନ କଲେ ଜରିମାନା

ପୁରୀ,୬।୬(ସମିସ): ରଥଯାତ୍ରାରେ ନଗର ଉନ୍ନୟନ ବିଭାଗ ପାଇଁ ଅନେକ ଆହ୍ୱାନ ରହିଥାଏ। ଏହାକୁ ସମ୍ମିଳିତ ଭାବେ କାର୍ଯ୍ୟ କରି, ଉନ୍ନତ ସେବା ଯୋଗାଇବା ବୋଲି କହିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ। ଆଗାମୀ ରଥଯାତ୍ରା ପରିପ୍ରେକ୍ଷୀରେ ନଗର ଉନ୍ନୟନ ବିଭାଗର ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଶନିବାର ସର୍କିଟ ହାଉସ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏଥିରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରା ଅବସରରେ ବଡ଼ଦାଣ୍ଡ ଓ ପୁରୀ ସହରରେ ଗ୍ରହଣ କରାଯାଇଥିବା ଓ ରଥଯାତ୍ରା ପାଇଁ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ।



ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ଓ ଯାତ୍ରୀମାନଙ୍କ ସୁସ୍ଥ ଓ ସୁରକ୍ଷିତ ଦର୍ଶନ ପାଇଁ ନଗର ଉନ୍ନୟନ ବିଭାଗ ଏକ ପ୍ରମୁଖ ମାଧ୍ୟମ। ସହରକୁ ସଫାସୁତରା ରଖିବା, ସୁସ୍ଥ ପରିବେଶ ସୃଷ୍ଟି କରିବା, ଶୌଚାଳୟ ବ୍ୟବସ୍ଥା କରିବା, ପାର୍କିଂ, ଆଲୋକୀକରଣ ଇତ୍ୟାଦି ସମସ୍ତ କାର୍ଯ୍ୟର ସୁପରିଚାଳନା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ। ପୁରୀ ମହାନଗର ନିଗମର କମିସନର ସ୍ନେହା ଅରୁଗୁଳା କାର୍ଯ୍ୟସୂଚୀ ଅନୁସାରେ, ପୁରୀ ମହାନଗର ନିଗମର ବିବିଧ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ସର୍ବାଧିକ ଗୁରୁତ୍ୱ ସ୍ୱଚ୍ଛତା ଉପରେ ଦିଆଯିବା ସହ ସମସ୍ତ ନାଗରିକଙ୍କୁ ସଚେତନ କରାଯିବ। କେହି ସ୍ୱଚ୍ଛତା ନିୟମ ଉଲ୍ଲଙ୍ଘନ କରୁଥିଲେ ତାଙ୍କୁ ଜରିମାନା କରାଯିବ। ଲଗାତାର ଏନ୍‌ଫୋର୍ସମେଣ୍ଟ କରାଯିବ, ଜୁନ୍ ୩୦ ସୁଦ୍ଧା ସମସ୍ତ ଡ୍ରେନ୍‌ରେ ସ୍ଲାବ୍ ପଡ଼ିବ, ଜବରଦଖଲ ଉଚ୍ଛେଦ ସହ ସ୍ୱଚ୍ଛତା ପ୍ରତି ଏନ୍‌ଫୋର୍ସମେଣ୍ଟ ଟିମ୍ ଦୃଷ୍ଟି ଦେବ। ଅଧିକ ଲୋକ ଲଗାଯାଇ ପୂରା ସହରକୁ ନିରବଚ୍ଛିନ୍ନ ପରିଷ୍କାର ପରିଚ୍ଛନ୍ନତା ରଖାଯିବ। ପାର୍କିଂ ସ୍ଥଳ ଉନ୍ନତି ସହ ସେଠାରେ ଡ୍ରାଇଭର ବିଶ୍ରାମ ସ୍ଥାନ, ରଥଯାତ୍ରାରେ ଅଧିକ ଶୌଚାଳୟର ବ୍ୟବସ୍ଥା କରାଯିବ। ଡ୍ରେନ୍ ସଫା ତ୍ୱରାନ୍ୱିତ କରାଯାଇଛି, ରାସ୍ତାରେ ବୁଲୁଥିବା ଗୋରୁଗାଈମାନଙ୍କୁ ଗୋଶାଳା ଅବା କାଞ୍ଜିଆହୁଦାରେ ରଖାଯିବ। ବର୍ଷା ହେଲେ ଯେଉଁଠାରେ ଜଳ ଜମିବା ଆଶଙ୍କା ରହୁଛି ତାହାକୁ ଚିହ୍ନଟ ସହ ତ୍ୱରିତ ଜଳ ନିଷ୍କାସନ ବ୍ୟବସ୍ଥା କରିବା, ଉଚ୍ଚଶକ୍ତି ସମ୍ପନ୍ନ ପମ୍ପ ରଖାଯିବ, ହୋଟେଲମାନଙ୍କୁ ସଚେତନ କରାଯାଇ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଉଛି। ଚଳିତ ରଥଯାତ୍ରାରେ ବଡ଼ଦାଣ୍ଡରେ ଆଦୌ ରନ୍ଧା ଖାଦ୍ୟ ଦିଆଯିବ ନାହିଁ। ଗଳିମାନଙ୍କରେ ନିର୍ଦ୍ଦିଷ୍ଟ ସ୍ଥାନମାନଙ୍କରେ ଅନ୍ନଦାନ ବ୍ୟବସ୍ଥା କରାଯିବ, ଯାହା ଫଳରେ ପରିବେଶ ଅସ୍ୱଚ୍ଛ ରହିବ ନାହିଁ। ବିଭିନ୍ନ ସାଇନ୍‌ଏଜ୍ ବା ସୂଚନାଫଳକ ଲଗାଯାଇ ଖାଦ୍ୟ, ପାନୀୟ, ଚିକିତ୍ସା ଇତ୍ୟାଦି ସମ୍ପର୍କରେ ଲୋକଙ୍କୁ ସୂଚିତ କରାଯିବ। ପାନୀୟ ଜଳର ବ୍ୟବସ୍ଥା କରିବା, ଅସୁରକ୍ଷିତ ବିଲ୍ଡିଂକୁ ଚିହ୍ନଟ କରି ଉପଯୁକ୍ତ ପଦକ୍ଷେପ ନେବା ସମ୍ପର୍କରେ ଆଲୋଚନା କରାଯାଇଥିଲା।

ସମୀକ୍ଷା ବୈଠକରେ ଏସ୍‌ପି ପ୍ରତୀକ ସିଂ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ବିନୟ କୁମାର ଦାସ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ କୃଷ୍ଣ ଚନ୍ଦ୍ର ସାମନ୍ତରାୟ, ରାମ ନାରାୟଣ ଗୋଚ୍ଛିକାର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ମହାନଗର ନିଗମର ଯୁଗ୍ମ ସଚିବ ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପଜିଲ୍ଲାପାଳ ରାଜକିଶୋର ଜେନା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢ଼ୀ, ଜିଲ୍ଲାପାଳ, ମହାନଗର ନିଗମ କମିସନର, ଯୁଗ୍ମ କମିସନର ଓ ଅନ୍ୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିଥିଲେ।

### ରଥଖଳାରୁ...

## ପ୍ରଥମ ଭୂଇଁ ଫ୍ରେମ୍ ନିର୍ମାଣ ଆରମ୍ଭ

ପୁରୀ,୬।୬(ସମିସ): ରଥଖଳାରେ ତିଆରି ଚାଲିଛି ତିନିରଥ। ଚଳିତବର୍ଷ ରଥ ନିର୍ମାଣ କାମ ବି ବେଶ୍ ଆଗୁଆ ରହିଛି। ତେବେ ଶନିବାର ତିନିରଥର ଛନ୍ଦା ଗୟଳ ମୋଡ଼ା ଶେଷ ହୋଇଛି। ସେହିପରି ପ୍ରତ୍ୟେକ ରଥର ଯୋକା ଫିଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ମୋଟ୍ ୪୪ଟି ଯୋକାକୁ ରଥରେ ଫିଟିଂ ପୂର୍ବରୁ ସେଥିରେ ମାପ ପ୍ରକାରେ କାପ ଖୋଦେଇ କାର୍ଯ୍ୟ ଶେଷ ହୋଇ ତାଳଧ୍ୱଜ ଏବଂ ଦର୍ପଦଳନ ରଥରେ ୮ଟି ଲେଖାଏଁ ଯୋକା ଫିଟିଂ ସରିଛି। ନନ୍ଦିଘୋଷ ରଥର ସମସ୍ତ ଯୋକାର କାପ ଖୋଦେଇ ଶେଷ ହୋଇଛି। ଶନିବାର



ତିନିରଥର ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ମହାରଣା ସେବକ ଏବଂ ଭୋଇ ସେବକଙ୍କ ସହଯୋଗରେ ରଥ ଚାଳିରେ ପ୍ରସ୍ତୁତି ଆରମ୍ଭ ହୋଇଛି ତିନିରଥର ପ୍ରଥମ ଭୂଇଁ ଫ୍ରେମ୍। ପ୍ରଥମ ଭୂଇଁ ଫ୍ରେମ୍‌ର ୬ କାଠି ଫ୍ରେମ୍ ପ୍ରସ୍ତୁତି ଶେଷ ହୋଇଛି। ଏହି ପ୍ରଥମ ଭୂଇଁ ଫ୍ରେମ୍ ୬ଟି ଓରା, ୪ଟି ଖମ୍ବ, ସଂଯୋଗ ହୋଇ ଚାରି ପାର୍ଶ୍ୱରେ ୨୪ଟି ପାଖୁଡ଼ା ଏବଂ ୧୬ଟି ଛିଆଣ ଲାଗି, ପାଖୁଡ଼ାକୁ ଧରି ରଖିବା ପାଇଁ ୨୪ଟି ଭୂଇଁ ଖମ୍ବ ଚାରି ପାର୍ଶ୍ୱରେ ସଂଯୋଗ ହୋଇ ଫ୍ରେମ୍ ପ୍ରସ୍ତୁତି ହେବ। ରୂପକାର ସେବକମାନେ ତିନିରଥର ବେଦୀ ସିଂହାସନ ମୁହାଁଟିରେ ଚିତ୍ର ରୂପ ଖୋଦେଇ ଶେଷ କରିଛନ୍ତି। ରୂପଗୁଡ଼ିକର ପଲିସ୍ କାର୍ଯ୍ୟ ଶେଷ କରିବା ସହ ତିନିରଥର ୮ଟି ଲେଖାଏଁ ନାଟଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ କରୁଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ଯୋକା କଣ୍ଟା ଶେଷ କରି ଭୂଇଁ କଣ୍ଟା, ପୋଟଳ କଣ୍ଟା ନିର୍ମାଣ କରୁଛନ୍ତି।

## ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଜଳକ୍ରୀଡ଼ା

ପୁରୀ,୬।୬(ସମିସ): ଶ୍ରୀମନ୍ଦିରରେ ଭିତର ଚନ୍ଦନ ଚାଲିଥିବାବେଳେ ଶନିବାର ମହାପ୍ରଭୁ ଜଳକ୍ରୀଡ଼ା କରିଛନ୍ତି। ଯାତ ଭୋଗ ସରିବା ପରେ ମଦନମୋହନ ଓ ଶ୍ରୀଦେବୀ ଆଜ୍ଞାମାଳ ପାଇଥିଲେ। ଏହାପରେ ଦେବଦେବୀଙ୍କୁ ବଟମୂଳେ ଥିବା ପାଲିଙ୍କିରେ ବିଜେ କରାଯାଇଥିଲା। ପାଲିଙ୍କିକୁ ବିମାନବଡୁ ସେବକମାନେ ବିମଳା ମନ୍ଦିର ସମ୍ମୁଖରେ ଥିବା ଜଳକ୍ରୀଡ଼ା ମଣ୍ଡପକୁ ନେଇଥିଲେ। ମହାଜନ ସେବକମାନେ ମଦନମୋହନ ଓ ଶ୍ରୀଦେବୀଙ୍କୁ ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରାଇଥିଲେ। ପୂର୍ବରୁ ଜଳକୁ ପବିତ୍ର କରାଯାଇ କୁଣ୍ଡରେ ପୂର୍ଣ୍ଣ କରାଯାଇଥିଲା। ଠାକୁର ଠାକୁରାଣୀ ସେହି ଜଳ କୁଣ୍ଡରେ ସ୍ନାନ କରିଥିଲେ। ଜଳକୁଣ୍ଡରେ ଥିବା ଅବସ୍ଥାରେ ତାଙ୍କ ନିକଟରେ ପଞ୍ଚୋପଚାର ବିଧିରେ ଶୀତଳଭୋଗ ମଣୋହି ଏବଂ ବନ୍ଦାପନା କରାଯାଇଥିଲା। ଠାକୁର ଠାକୁରାଣୀଙ୍କୁ ଜଳକୁଣ୍ଡରୁ ବାହାର କରାଯିବା ପରେ ବେଶ କରାଯାଇଥିଲା। ଏହି ସମସ୍ତ ନୀତି ସାରି ମଦନମୋହନ ଓ ଶ୍ରୀଦେବୀ ପାଲିଙ୍କିରେ ବିଜେ ହୋଇ ପ୍ରତ୍ୟାବର୍ତ୍ତନ କରିଥିଲେ। ଶ୍ରୀଦେବୀ ରତ୍ନସିଂହାସନକୁ ଏବଂ ମଦନମୋହନ ଦକ୍ଷିଣୀଘରକୁ ବିଜେ କରିଥିଲେ। ମହାପ୍ରଭୁଙ୍କ ଭିତର ଚନ୍ଦନ ଯାତ୍ରାକାଳୀନ ଏହା ହେଉଛି ଷଷ୍ଠ ଜଳକ୍ରୀଡ଼ା।

## ବଦ୍ରି ମିଶ୍ରଙ୍କୁ ସମ୍ମାନିତ କଲେ କେନ୍ଦ୍ରମନ୍ତ୍ରୀ

ପୁରୀ,୬।୬(ସମିସ): ପଚାଶ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବୃକ୍ଷରୋପଣ, ଶବଦାହ, ଭାଗବତ ଟୁଙ୍ଗି ପ୍ରତିଷ୍ଠା, ରକ୍ତଦାନ, ଗରିବ ଛାତ୍ରଛାତ୍ରୀଙ୍କୁ ମୁକ୍ତ ବିଦ୍ୟାଦାନ, ତମାଖୁ ଓ ପ୍ଲାଷ୍ଟିକ୍‌ମୁକ୍ତ ଓଡ଼ିଶା ଭଳି ସମାଜସେବା କରୁଥିବା ବଦ୍ରି ମିଶ୍ରଙ୍କୁ କେନ୍ଦ୍ର ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରୀ ପବିତ୍ର ମାରଘେରିଟା ଓ ସାଂସଦ ସମ୍ବିତ ପାତ୍ର "ଗ୍ରେଟ୍ ମ୍ୟାନ୍' ଆୱାର୍ଡ ପ୍ରଦାନ କରିଛନ୍ତି। ପୁରୀର ସ୍ୱର୍ଗଦ୍ୱାର ବେଳାଭୂମିରେ ଅନୁଷ୍ଠିତ ଜାତୀୟ ଲୋକମେଳାରେ ଶ୍ରୀ ମିଶ୍ର ଏହି ସମ୍ମାନ ଗ୍ରହଣ କରିଛନ୍ତି।

## ଆଇଟିଆଇ କଲେଜ ପରିସରରେ ବୃକ୍ଷରୋପଣ

ପୁରୀ,୬।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ପୁରୀ ଓ ଜଗନ୍ନାଥ ଧାମ ଆମ୍ବୁଲାନ୍ସ ଡିଭିଜନ ମିଳିତ ଆନୁକୂଲ୍ୟରେ ସରକାରୀ ଆଇଟିଆଇ କଲେଜରେ ଆଇନ ସଚେତନତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳେ କଲେଜ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନ ସେବା ପ୍ରାଧିକରଣର ସଚିବ ପାରିତୋଷ କୁମାର ସେଠୀଙ୍କ ସମେତ ଆମ୍ବୁଲାନ୍ସ ଡିଭିଜନର ଡିଭିଜନାଲ କମାଣ୍ଡର ଲାଲା ଅନନ୍ତ କୁମାର ସିଂହ, ବ୍ରିଗେଡ୍ ଶିବ ପ୍ରସାଦ ମହାନ୍ତି, ସଚ୍ଚିଦାନନ୍ଦ ରଥ, ସଂଗ୍ରାମ କେଶରୀ ମହାପାତ୍ର, ହିମାଂଶୁ ନାୟକ, ପିଙ୍କି ସେନାପତି, ବିବି ତ୍ରିପାଠୀ, ଶାଶ୍ୱତ ମହାନ୍ତି, ମମତା ପଣ୍ଡା, ଛବିରାଣୀ ମହାରଣା, ଆଇଟିଆଇର ପ୍ରିନ୍ସପାଲ ପ୍ରମୋଦ କୁମାର ସାମଲ, ଟ୍ରେନିଂ ଅଫିସର ଶ୍ରୀକାନ୍ତ ଜେନା, ଆସିଷ୍ଟାଣ୍ଟ ଟ୍ରେନିଂ ଅଫିସର ସନାତନ ସାହୁ, ଆସିଷ୍ଟାଣ୍ଟ ଟ୍ରେନିଂ ଅଫିସର ଚକ୍ରଧର ପାତ୍ର, ଟାଟା ଷ୍ଟ୍ରାଇଭର, ସୁଶାନ୍ତ ସେନାପତି, ଅନିତା ଜଗଦ୍ଦେବ, ସୁଶାନ୍ତ ବାରିକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ "ପ୍ଲାଷ୍ଟିକ୍ ପ୍ରଦୂଷଣକୁ ହରାଅ' ଥିମ୍ ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ପ୍ରାଧିକରଣ ସଚିବ ଶ୍ରୀ ସେଠୀ, କମାଣ୍ଡର ଶ୍ରୀ ସିଂହ ଏବଂ ଆଇଟିଆଇ ଟ୍ରେନିଂ ଅଫିସର ଶ୍ରୀକାନ୍ତ ଜେନା ପରିବେଶ ସୁରକ୍ଷା ଓ ଆଇନଗତ ସଚେତନତା ଉପରେ ବକ୍ତବ୍ୟ ରଖିଥିଲେ। ସମସ୍ତ ଉପସ୍ଥିତ ସଦସ୍ୟ ଓ ଛାତ୍ରଛାତ୍ରୀ ମିଶି କଲେଜ ପରିସରରେ ବୃକ୍ଷରୋପଣ କରିଥିଲେ।

## ୧୪ରୁ ପ୍ରଥମ ଶ୍ରୀକ୍ଷେତ୍ର ରଜ ରାଣୀ ମହୋତ୍ସବ

ପୁରୀ,୬।୬(ସମିସ): ପୁରୀର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ "ଶ୍ରୀକ୍ଷେତ୍ର ରଜ ରାଣୀ ମହୋତ୍ସବ ସମିତି' ପକ୍ଷରୁ ଆସନ୍ତା ୧୪ରୁ ୧୬ ତାରିଖ ତିନିଦିନ ଧରି ରଜ ମହୋତ୍ସବ ପାଳନ କରାଯିବ। ଏ ନେଇ ଶନିବାର କ୍ରିଷ୍ଟା ଗାର୍ଡେନ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳୀନରେ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ଉପଦେଷ୍ଟା ମନୋଜ ରଥ, ବିଜୟ କୃଷ୍ଣ ବ୍ରହ୍ମା, ସୁକାନ୍ତ ପଣ୍ଡା, ଭାରତୀକୃଷ୍ଣ ବ୍ରହ୍ମା, ଦେବଦତ୍ତ ପଟ୍ଟନାୟକ, ଆବାହକ ରୋନକ ପଟ୍ଟନାୟକ, ମୁଖ୍ୟ ସଂଯୋଜକ ଦିବ୍ୟଜ୍ୟୋତି ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଗୁରୁତ୍ୱ ଦିଆଯିବ ବୋଲି ସୂଚନା ଦେଇଥିଲେ। କ୍ରିଷ୍ଟା ଗାର୍ଡେନରେ ତିନିଦିନ ଧରି ହେବାକୁ ଥିବା ଏହି ମହୋତ୍ସବରେ ଦୋଳି, ପୁଚି, ମ୍ୟୁଜିକ୍ ଚେୟାର, ଝୋଟି, ଓଡ଼ିଆ ପିଠାପଣା, ମେହେନ୍ଦି ପ୍ରତିଯୋଗିତା ସହ ପ୍ରତ୍ୟେକ ଦିନ ଓଡ଼ିଶୀ, ଲୋକନୃତ୍ୟ, ରଜ ସଙ୍ଗୀତ ଓ ଆଧୁନିକ ନୃତ୍ୟ ପ୍ରଦର୍ଶିତ ହେବ। ଏଥିରେ ଓଲିଉଡ୍‌ର ସ୍ୱନାମଧନ୍ୟ ଅଭିନେତା ଅଭିନେତ୍ରୀମାନେ ଅଂଶଗ୍ରହଣ କରିବେ। ପ୍ରଚ୍ଛଦପଟ ଗାୟକ, ଗାୟିକାଙ୍କ ସଙ୍ଗୀତ ସହ ନୃତ୍ୟ ପ୍ରଦର୍ଶନ କରାଯିବ। ଓଲିଉଡ୍‌ର ପ୍ରସିଦ୍ଧ ଗାୟିକା ନବ୍ୟା ଜୟତି, ରସ ଜାମୁଡାଲିର ପ୍ରସିଦ୍ଧ ସନ୍ଧ୍ୟାରାଣୀ ଓ ସିଦ୍ଧେଶ୍ୱର ବ୍ୟାଣ୍ଡ ଯୋଗଦେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିବେ। ମହୋତ୍ସବର ମୁଖ୍ୟ ଆକର୍ଷଣ "ରଜ ରାଣୀ' ବିଜେତାଙ୍କୁ ଆକର୍ଷଣୀୟ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯିବ। ଏହାଛଡ଼ା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଏହି ମହୋତ୍ସବ ଉପଲକ୍ଷେ ଶନିବାର ଆଧୁନିକ ନୃତ୍ୟ, ଡୁଏଟ୍, ଦଳଗତ ନୃତ୍ୟ, ଫ୍ୟାସନ ଶୋ', ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପୁରୀ ସହର ତଳି ଅଞ୍ଚଳରେ ଅନୁଷ୍ଠିତ ଏହିଭଳି କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା।

### ବରିଷ୍ଠଙ୍କୁ ତାଚ୍ଛଲ୍ୟ: କମିଟି ଅଛି ବୈଠକ ନାହିଁ

## 'ଅଭୟ' ଓ 'ଅବଦାନ' ଅର୍ଥ ଯାଉଛି କୁଆଡ଼େ?

ପୁରୀ,୬।୬(ସମିସ): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳ ନିୟମକୁ ଅଫିସରମାନେ ମୋଡ଼ିମକଚି ଦେଉଥିବା ଅଭିଯୋଗ ବଢ଼ିଚାଲିଛି। ଫଳରେ ଅନେକ ଯୋଜନା କେବଳ ନଥିପତ୍ରରେ ସୀମିତ ରହୁଛି ଓ ପ୍ରକୃତ ହିତାଧିକାରୀ ସୁଫଳରୁ ବଞ୍ଚିତ ହେଉଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ପୁରୀ 'ଜିଲ୍ଲା ବରିଷ୍ଠ ନାଗରିକ ସମନ୍ୱୟ କମିଟି'ର ନିଷ୍କ୍ରିୟତା। 'ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ଅଧିନିୟମ ୨୦୦୯' ତା ୧.୧୦.୨୦୦୮ରୁ କାର୍ଯ୍ୟକାରୀ ହୋଇଆସୁଛି। ନିୟମ ଅନୁଯାୟୀ, ପୁରୀ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୨୨୩/୬.୫.୨୦୨୫ରେ 'ବରିଷ୍ଠ ନାଗରିକ ସମନ୍ୱୟ କମିଟି' ଗଠିତ ହୋଇଥିଲା। ଏଥିରେ ୬ ଜଣ ଜିଲ୍ଲାସ୍ତରୀୟ ପଦସ୍ଥ ଅଧିକାରୀ ଓ ୬ ଜଣ ବେସରକାରୀ ସଭ୍ୟ ରହିଛନ୍ତି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏହାର ସମ୍ପାଦକ। ନିୟମ ଅନୁସାରେ କମିଟିର ଅବଧି ୩ ବର୍ଷ ଏବଂ ବର୍ଷକୁ ଅନ୍ୟୁନ ୪ଥର ବୈଠକ ହେବା କଥା। ହେଲେ ବର୍ଷାଧିକ କାଳ ହେଲାଣି କମିଟି ଗଠନ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଗୋଟିଏ ବି ବୈଠକ କରାଯାଇନାହିଁ।

**ବରିଷ୍ଠ ନାଗରିକଙ୍କ କଲ୍ୟାଣ ଯୋଜନା କେବଳ କାଗଜରେ**

ଅଭିଯୋଗ ଅନୁସାରେ, କେନ୍ଦ୍ର ସରକାରଙ୍କ 'ଅଭୟ' ଏବଂ ରାଜ୍ୟ ସରକାରଙ୍କ 'ଅବଦାନ' ଯୋଜନାରେ ପ୍ରାପ୍ତ ଲକ୍ଷାଧିକ ଟଙ୍କା କେବଳ କିଛି ନିର୍ଦ୍ଦିଷ୍ଟ ବରିଷ୍ଠ ନାଗରିକଙ୍କୁ ଡକାଇ 'ସଚେତନତା' ନାମରେ ଖର୍ଚ୍ଚ କରାଯାଉଥିବା ଚର୍ଚ୍ଚା ହେଉଛି। ହେଲେ ଜିଲ୍ଲାର ୮୦ ପ୍ରତିଶତରୁ ଅଧିକ ବରିଷ୍ଠ ନାଗରିକଙ୍କୁ ଏଯାବତ୍ ପରିଚୟପତ୍ର ମଧ୍ୟ ମିଳିନାହିଁ। ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବହିଃଚିକିତ୍ସା ବ୍ୟବସ୍ଥା ନାହିଁ। ଅନେକ ଯୋଗ୍ୟ ହିତାଧିକାରୀ ଏପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ। ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଅଭିଯୋଗ ପ୍ରକୋଷ୍ଠ କାର୍ଯ୍ୟକାରୀ ହୋଇନାହିଁ। ଆଗକୁ ଆସୁଥିବା ରଥଯାତ୍ରାରେ ବରିଷ୍ଠ ନାଗରିକଙ୍କ ଶ୍ରୀଜୀଉ ଦର୍ଶନ ପାଇଁ ମଧ୍ୟ କୌଣସି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଜିଲ୍ଲାର ଜଣେ ଆଗଧାଡ଼ିର ବରିଷ୍ଠ ନାଗରିକ କହିଛନ୍ତି, ମୁଖ୍ୟମନ୍ତ୍ରୀ 'ଲୋକଙ୍କ ସରକାର' କହୁଥିବାବେଳେ ଗୋଟିଏ ବର୍ଷରେ ଅଧିକାରୀ ବରିଷ୍ଠଙ୍କ ପାଇଁ ଗୋଟିଏ ଦିନ ସମୟ ନ ଦେବା ଦୁର୍ଭାଗ୍ୟଜନକ। ଯଦି ତୁରନ୍ତ କମିଟି ବୈଠକ ଡକାଇ ସମସ୍ୟାର ସମାଧାନ କରା ନ ଯାଏ ତେବେ ରାଷ୍ଟ୍ରପତି, ରାଜ୍ୟପାଳ ଓ ବିଭାଗୀୟ ସଚିବଙ୍କ ପାଖରେ ଅଭିଯୋଗ କରାଯିବ। ଆବଶ୍ୟକ ହେଲେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରିବାକୁ କିଛି ବରିଷ୍ଠ ନାଗରିକ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ କମିଟି କେବେ ସକ୍ରିୟ ହେବ ଓ ସରକାରୀ ଅର୍ଥ କିପରି ଖର୍ଚ୍ଚ ହେଉଛି ତାହାର ହିସାବ କେବେ ମିଳିବ, ତାହା ଦେଖିବାକୁ ବାକି ରହିଲା।

## ଏସ୍‌ଆଇଆର୍ ୫୪ ପ୍ରତିଶତ ଭୋଟରଙ୍କୁ ଦିଆଗଲାଣି ଏନୁମେରେସନ୍ ଫର୍ମ

ପୁରୀ,୬।୬(ସମିସ): ପୁରୀ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍‌ଆଇଆର୍ କାର୍ଯ୍ୟ ଚାଲିଛି। ବିଏଲ୍‌ଓ ବା ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରକୁ ଘର ପରିଦର୍ଶନ କରି ବର୍ତ୍ତମାନ ସୁଦ୍ଧା ୫୪ ପ୍ରତିଶତରୁ ଅଧିକ ଭୋଟରଙ୍କୁ ଏନୁମେରେସନ ଫର୍ମ ପ୍ରଦାନ କରିସାରିଲେଣି। ଏକ ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ନିର୍ବାଚନ କମିସନରଙ୍କ ଉଦ୍ଦେଶ୍ୟ। ତେଣୁ ଭୋଟରମାନେ ସେମାନଙ୍କ ପରିବାରର ସଠିକ୍ ତଥ୍ୟ ଯଥା- ୧୮ ବର୍ଷ ବା ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମ ଯୋଗ କରିବା, ମୃତ, ସ୍ଥାନାନ୍ତର, ବିବାହ ଇତ୍ୟାଦି କ୍ଷେତ୍ରରେ ନାମ ବାଦ୍ ଦେବା, ପରିଚୟପତ୍ରରେ ତ୍ରୁଟି ଥିଲେ ସଂଶୋଧନ ସମ୍ପର୍କିତ ସୂଚନା ପ୍ରଦାନ କରିପାରିବେ। ପୁରୀ ଜିଲ୍ଲାରେ ଜୁନ୍ ୬ ତାରିଖ ସୁଦ୍ଧା ୧୩ ଲକ୍ଷ ୮୭ ହଜାର ୯୩୦ ଜଣ ଭୋଟର ଥିବାବେଳେ ସମାନ ସଂଖ୍ୟକ ଏନୁମେରେସନ ଫର୍ମ ପ୍ରସ୍ତୁତି କରି ବଣ୍ଟନ କରାଯାଉଛି। ଜିଲ୍ଲାରେ ୧୬୦୯ ବିଏଲ୍‌ଓ ଭୋଟରଙ୍କ ଘରକୁ ଘର ପରିଦର୍ଶନ କରୁଛନ୍ତି। ଏ କ୍ଷେତ୍ରରେ ୧୬୧ ଜଣ ସୁପରଭାଇଜର ସେମାନଙ୍କୁ ସହଯୋଗ ଓ ପରାମର୍ଶ ଦେଉଛନ୍ତି। ବିଏଲ୍‌ଓମାନେ ଏନୁମେରେସନ ବା ପରିଗଣନା ଫର୍ମ ଗୃହସ୍ଥଙ୍କୁ ପ୍ରଦାନ କରିବା ସହ ଭୋଟରମାନଙ୍କୁ ଫର୍ମ ପୂରଣ କରିବାରେ ମାର୍ଗଦର୍ଶନ କରାଉଛନ୍ତି। ଫର୍ମ ପୂରଣ ପରେ ବିଏଲ୍‌ଓମାନେ ଭୋଟରଙ୍କ ଦ୍ୱାରା ଆବଶ୍ୟକ ସୂଚନା ସହ ପୂରଣ ହୋଇଥିବା ପରିଗଣନା ଫର୍ମ ସଂଗ୍ରହ କରି ଭୋଟରମାନଙ୍କୁ ଏକ ସ୍ୱୀକୃତି ପତ୍ର ବା ଆକୋନଲେଜ୍‌ମେଣ୍ଟ ରସିଦ୍ ପ୍ରଦାନ କରିବେ। ଏ ସମସ୍ତ କାର୍ଯ୍ୟରେ ଜିଲ୍ଲାର ସମସ୍ତ ଭୋଟର ସହଯୋଗ କରିବାକୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଅନୁରୋଧ କରିଛନ୍ତି।



## ଡ. ବିଶ୍ୱନାଥ ମିଶ୍ରଙ୍କୁ 'ପ୍ରକୃତି ବନ୍ଧୁ' ପୁରସ୍କାର

ପୁରୀ,୬।୬(ସମିସ): ବନ ବିଭାଗ ପକ୍ଷରୁ ଶୁକ୍ରବାର ବ୍ଲୁ ଫ୍ଲାଗ୍ ବିଚ୍‌ରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏଥିରେ ଡିଏଫ୍‌ଓ ଧନଜି ରାଓସ ମଗର, ସହକାରୀ ବନ ସଂରକ୍ଷକ ଅଶୋକ କୁମାର ବେହେରା ଓ ସମ୍ବିତ୍ ପଣ୍ଡା, ବନ ବିଶେଷଜ୍ଞ ଆକାଶ ରଞ୍ଜନ ରଥ, ପରିବେଶବିତ୍ ଯୁଗବ୍ରତ କର ପ୍ରମୁଖ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ବୃକ୍ଷରୋପଣ ପାଇଁ ସଂକଳ୍ପ ନେବାର ସମୟ ଆସିଛି। ବର୍ଷ ବର୍ଷ ଧରି ବୃକ୍ଷ କଟା ହେବା ଯୋଗୁଁ ପରିବେଶ ନଷ୍ଟ ହେବାରେ ଲାଗିଛି। ପ୍ରଚଣ୍ଡ ରୌଦ୍ରତାପ ମଣିଷ ସମାଜକୁ କଲବଲ କଲାଣି। ଏଥିପ୍ରତି ପ୍ରତ୍ୟେକ ମଣିଷ ସଚେତନ ହେବା ଦରକାର। ପ୍ରକୃତି ଓ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ବୃକ୍ଷରୋପଣ ସାଙ୍ଗକୁ ଜଙ୍ଗଲ, ବେଳାଭୂମି ଓ ସମୁଦ୍ର କିପରି ସୁରକ୍ଷିତ ରହିବ ସେ ଦିଗରେ ଚେଷ୍ଟା କରିବା ଦରକାର। ପରିବେଶ ସୁରକ୍ଷା ଦିଗରେ ନିଜର ସହଭାଗିତା ରଖୁଥିବା 'ନିର୍ମାଲ୍ୟ'ର ସମ୍ପାଦକ ଡ. ବିଶ୍ୱନାଥ ମିଶ୍ରଙ୍କୁ ପୁରୀ ସଦର ବ୍ଲକର 'ପ୍ରକୃତି ବନ୍ଧୁ' ପୁରସ୍କାର ମିଳିଥିଲା। ଡ. ମିଶ୍ର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ୨୩ ବର୍ଷର ଅଧ୍ୟାପନା ସମୟରେ ବିଭିନ୍ନ ବୃକ୍ଷରୋପଣ, ପରିବେଶ ସୁରକ୍ଷା କାର୍ଯ୍ୟକ୍ରମର ସଂଯୋଜକ ଓ ଛାତ୍ରଛାତ୍ରୀମାନଙ୍କୁ ପରିବେଶ ସମ୍ପର୍କରେ ସଚେତନ କରାଇ ବିଶ୍ୱବିଦ୍ୟାଳୟରୁ ପ୍ରଶଂସା ପାଇଛନ୍ତି। ଏହି ଅବସରରେ ସତ୍ୟବାଦୀ ବ୍ଲକ୍‌ରୁ ସୁଶାନ୍ତ କୁମାର ରଥ, ଡେଲାଙ୍ଗ ବ୍ଲକ୍‌ରୁ ସବ୍ୟସାଚୀ ସେନାପତି, କଣାସରୁ ହେମନ୍ତ କୁମାର ମହାରଥୀ 'ପ୍ରକୃତି ବନ୍ଧୁ' ପୁରସ୍କାର ପାଇଥିଲେ।



### ରଥଯାତ୍ରା ପାଇଁ ପୁଲିସର ସ୍ୱତନ୍ତ୍ର ଆଚରଣ ପ୍ରଶିକ୍ଷଣ

## ଭକ୍ତଙ୍କ ସେବା ହିଁ ପୁଲିସର ଧର୍ମ

ପୁରୀ,୬।୬(ସମିସ): ବିଶ୍ୱପ୍ରସିଦ୍ଧ ରଥଯାତ୍ରା-୨୦୨୬କୁ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ କରିବା ଲକ୍ଷ୍ୟରେ ପୁରୀ ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଆଚରଣଗତ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶନିବାର ପୁଲିସ ଲାଇନ୍ କନ୍‌ଫରେନ୍ସ ହଲ୍‌ଠାରେ ଆୟୋଜିତ ଏହି କର୍ମଶାଳାରେ ରଥଯାତ୍ରା ଡ୍ୟୁଟିରେ ନିୟୋଜିତ ହେବାକୁ ଥିବା ପୁଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ତାଲିମ୍ ଦିଆଯାଇଛି। ଶ୍ରଦ୍ଧାଳୁଙ୍କ ସହ ସମ୍ବେଦନଶୀଳ ବ୍ୟବହାର, ବୃହତ୍ ଭିଡ଼କୁ ସୁଚାରୁ ରୂପେ ନିୟନ୍ତ୍ରଣ ଓ ପରିଚାଳନା, ପୁରୀ ପୁଲିସର ସକାରାତ୍ମକ ଭାବମୂର୍ତ୍ତିକୁ ସୁଦୃଢ଼ କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା।

ଏସ୍‌ପି ପ୍ରତୀକ୍ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କମାଣ୍ଡାଣ୍ଟ ତପସ ରଞ୍ଜନ ଦାସ, ଅବସରପ୍ରାପ୍ତ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀର ଡେପୁଟି କମାଣ୍ଡାଣ୍ଟ କୌଶିକ ନାୟକ, ଦୀପକ ଗଡ଼ନାୟକ, ମିସ୍ ଅନାଖା କେ ବିଜୟାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ହାଇଟେକ୍ ମେଡିକାଲ୍ କଲେଜ, ଭୁବନେଶ୍ୱରର ଡା. ଅମ୍ରିତ ପଟ୍ଟଯୋଶୀ ଏବଂ ଡା. ଜ୍ୟୋତି ପ୍ରକାଶ ଆଚାର୍ଯ୍ୟ ରିସୋର୍ସ ପର୍ସନ୍ ଭାବେ ଯୋଗଦେଇ ଜନଗହଳିର ମନସ୍ତତ୍ତ୍ୱ ଓ ଚାପପୂର୍ଣ୍ଣ ପରିସ୍ଥିତିରେ ପୁଲିସର ଭୂମିକା, ପ୍ରଭାବଶାଳୀ ଯୋଗାଯୋଗ ଓ ସକାରାତ୍ମକ ବ୍ୟବହାର, ମାନସିକ ସନ୍ତୁଳନ ବଜାୟ ରଖିବାର କୌଶଳ ଧୈର୍ଯ୍ୟ ଓ ସହନଶୀଳତା ମାଧ୍ୟମରେ ଭିଡ଼ ପରିଚାଳନା ଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରିଥିଲେ। ଏସ୍‌ପି ଶ୍ରୀ ସିଂ କହିଥିଲେ, 'ରଥଯାତ୍ରାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଆସନ୍ତି। ସେମାନଙ୍କ ସହ ଆମ ଆଚରଣ ହିଁ ପୁରୀ ପୁଲିସର ପ୍ରକୃତ ପରିଚୟ। ପ୍ରତ୍ୟେକ ପୁଲିସ କର୍ମଚାରୀଙ୍କୁ ଜନବନ୍ଧୁ ପୁଲିସିଂର ମନୋଭାବ ନେଇ କାର୍ଯ୍ୟ କରିବାକୁ ହେବ। ଭକ୍ତଙ୍କ ସମସ୍ୟା ବୁଝିବା, ସହାୟତା କରିବା ଓ ସମ୍ମାନଜନକ ବ୍ୟବହାର ଦେବା ଆମର ପ୍ରାଥମିକତା'।




ଏହି କର୍ମଶାଳାରେ ଜନଗହଳି ନିୟନ୍ତ୍ରଣ ଓ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା, ଭିଡ଼ରେ ହଜିଯାଇଥିବା ବ୍ୟକ୍ତି, ବୃଦ୍ଧ, ମହିଳା ଓ ଦିବ୍ୟାଙ୍ଗ ଭକ୍ତଙ୍କ ପ୍ରତି ସମ୍ବେଦନଶୀଳ ବ୍ୟବହାର, ଦର୍ଶନ ବ୍ୟବସ୍ଥାକୁ ସୁଚାରୁ ରଖିବା ଲାଗି ବ୍ୟାବହାରିକ ପରାମର୍ଶ ଦିଆଯାଇଥିଲା। ଅବସରପ୍ରାପ୍ତ ପୁଲିସ ଅଧିକାରୀ ଜ୍ଞାନରଞ୍ଜନ ମହାପାତ୍ର ନିଜ ଦୀର୍ଘ ପ୍ରଶାସନିକ ଅନୁଭୂତି ବାଣ୍ଟି କହିଥିଲେ ଯେ, 'ଭଲ ଆଚରଣ ଓ ମାନବିକ ଦୃଷ୍ଟିଭଙ୍ଗୀ ହିଁ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରେ। କର୍ମଶାଳା ଶେଷରେ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀ ରଥଯାତ୍ରା ସମୟରେ ଉତ୍ତମ ଆଚରଣ, ଦକ୍ଷ ପରିଚାଳନା ଏବଂ ଭକ୍ତଙ୍କୁ ଉନ୍ନତ ସେବା ପ୍ରଦାନ ପାଇଁ ସଂକଳ୍ପବଦ୍ଧ ହୋଇଥିଲେ। ପୁରୀ ପୁଲିସ ରଥଯାତ୍ରା-୨୦୨୬କୁ ସ୍ମରଣୀୟ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ।

# ଯମ ମୁହଁ



ସ୍ୱାଗତିକା ସ୍ୱାଇଁ



: କାଳୀ! ଆଉ ବସିଲୁ କାହିଁକି? ଦେଖୁଚୁ ତ' ରୋଷେଇବାସ ନାଇଁ। ନହେଲେ ତତେ ତୋରାଣି ମୁନ୍ଦିଏ ଦେଇଥା'ନ୍ତି। ମିଛଟାରେ ବସି ରହିବ ନା'। ଯାଆ, ପଳା ଯାଆ।

ପର୍ବତ ପ୍ରମାଣ ଦୁର୍ଭାଗ୍ୟ, ଦାରିଦ୍ର୍ୟ, ଅକାଳ, ଅନାହାର - ଏମାନେ ସମସ୍ତେ ମିଶିମାଶି ସୁଦ୍ଧା କାଳୀକୁ ଭାଙ୍ଗି ପକେଇବା କେହି କେବେ ଦେଖିନଥିବେ। ଦୁବାଇରେ ରଙ୍ଗ ମିସ୍ତ୍ରୀ ଖଟୁଥିବା ବାପାର ଚାରି ଝିଅଙ୍କ ଭିତରୁ ଜଣେ ଭାବରେ ତାକୁ ଯେତେବେଳେ ମାଆ ବରାଳ ଦେବୀ କ୍ୟାଣ୍ଟର ବସ୍ କ୍ଲିନର୍ ମହାଦେବ ସହିତ ହଁ କି ନାଁ ନପଚାରି ହାତକୁ ଦି ହାତ କରି ଦିଆଯାଇଥିଲା, ସେତେବେଳେ ନୁହେଁ। କିମ୍ବା ବସ୍ ଡ୍ୟୁଟିରେ ଭାରି ପରିଶ୍ରମ, ବରଂ ଫ୍ୟାକ୍ଟ୍ରି କାମ ଭଲ ଏକଥା କହି ନୂଆ ସ୍ତ୍ରୀ ସହିତ ସଂସାର ଗଢ଼ିବ ବୋଲି ମହାଦେବ ଯେତେବେଳେ ତାମିଲନାଡୁ ଚାଲିଯାଇଥିଲା ସେତେବେଳେ ବି ନୁହେଁ। କାଳୀକୁ କେହି କେବେ ଭାଙ୍ଗି ରୁଜି ଯିବାର ଦେଖିନି। ବରଂ ଆପଣା ଶିଖା ତେଜରେ ତରଳି ଯାଉଥିବା ମହମ ପରି ସେ ନିଜ ମୁଣ୍ଡ ଉପର ବିଷାଦମାନଙ୍କୁ ସମୟ ସୁଅରେ ପାଣି ପରି ବହେଇ ଦେଇଚି। କଷ୍ଟ ଭିତରେ ନିଜ ଭାଗର ବଳକା ସହଜ ଦିନ ଆଡ଼କୁ ନିଷ୍ଠି କରି ରାଜରାସ୍ତାକୁ ଓହ୍ଲେଇ ପଡ଼ିଚି। ଆଉ ଦମ୍ଭରେ ଅଣ୍ଟା ମୁହଁ, ଛାତି ମୁଣ୍ଡ ସଳଖ କରି ଛିଡ଼ା ହେଇଚି।

ନହେଲେ ନାକାରେ କ'ଣ ରେଜା ଅଭାବ? କିନ୍ତୁ ଯୋଡ଼େଇରେ କ'ଣ ଢଳେଇରେ କେତେ; କ'ଣ ନିମଟାଲ କି ପଲସ୍ତରା ମସଲାର ଭାଗମାପ ତାହା କାଳୀ ଠୁଁ କିଏ ଅଧିକା କହିପାରିବ? ସେତିକି ବୋଲି ନୁହେଁ ଓଳମ ଧରିବାରେ, କରଣି ହେଉ କି ଗଜ, ଓଷା ଏସବୁ ଚଳେଇବାରେ ସେ ଗୋଟିଏ ଅଧା ରାଜମିସ୍ତ୍ରୀ ଜାଣ। ତା'ର ସେ କଳା ଯିଏ ଦେଖିଚି ସିଏ ଜାଣିଚି। ଯେ' କାମ ପାଇଁ ତା' ପରି ସୁଠାମ ଚେହେରାର, ପାରିବାର ସ୍ତ୍ରୀ ଲୋକ ଜଣକୁ ପାଇବା କେତେ କଷ୍ଟ।

ହେଲେ ଜଣେ ହତଭାଗ୍ୟ ସ୍ତ୍ରୀ ଲୋକ ପାଇଁ ସବୁକିଛି କୋଉଠି ଏତେ ସହଜ! କାରଣ ଗୋଦର ଯେ ଏକ ନଛୋଡ଼ବନ୍ଧା ଦାଉ ସାଧିବାର ରୋଗ! ଯାହା ଗ୍ରାସି ଯିବ ତ ତମକୁ ଅଚଳ କରିପକେଇବ। ତମେ ଯେତେ କର୍ମଠ ହେଇଥାଅ, କ୍ଷଣିକେ ତମକୁ ଛାଟି ଦେଲା ଭଳି ଅଥର୍ବ କରି ଘରେ ବସେଇ ଦବ।

ସେଇଟା ଥିଲା 'ଭଗବାନ ଭରସା' କ୍ୟାନ୍‌ସର ହାସପାତାଲ ସମ୍ମୁଖ ରାସ୍ତା କଡ଼ର ଅରାଏ ସରକାରୀ ଅପନ୍ତରା। ଏମିତିରେ ତ' ଡାକ୍ତରଖାନାଟା ଅରଖ ନୂଆ। କିନ୍ତୁ ଏଠିକି ବହୁ ଦୂରଦୂରାନ୍ତରୁ ଏପରିକି ରାଜ୍ୟ ବାହାରୁ ରୋଗୀମାନେ କେମିତି ଆସି ପହଞ୍ଚିଥାନ୍ତି ତାହା ଅଜଣା। ଯଦି ତମ ହାତରେ ଅଳ୍ପ ସମୟ ଥିବ ଏବଂ ଆଗ୍ରହ!

ତେବେ ଏଠି ଆସି ଦାଖଲ ହେଉଥିବା ରୋଗୀ ଏବଂ ତାଙ୍କ ନିଜ ଲୋକଙ୍କୁ ଦଣ୍ଡେ ଚାହିଁବ। ଘଡ଼ିଏ ଚାହିଁ ଦେଖିବ ସେମାନଙ୍କର ମଳିନ ମୁହଁ, ଲୋଚାକୋଚା ଲୁଗାପଟାକୁ ମଧ୍ୟ। ଆଉ ପଚାରି ବୁଝିବ ତ ଭିତର କଥାଟି ବି ଜାଣିଯିବ।

"ଅମୁକ ଡାକ୍ତର କହିଲେ, ସମୁକ ଆମକୁ ଏଠି ଆଣି ପହଞ୍ଚେଇଲେ"- ଏଇ ଧାଡ଼ିକ ଆପ୍ତବାକ୍ୟ ତମକୁ ଦୋହରେଇ ଦୋହରେଇ ଶୁଣିବାକୁ ମିଳିବ।

ତେବେ ସେ ଯାହା ହଉ ନା କାହିଁକି ପଶାପାଲିମୟ ଏଇ ମିଛ ମାୟା ସଂସାରରେ କଠଉ ସାହୁ ଛାତିତଳେ ସତ କଳିଜାଟିଏ ଅଛି। ଯୋଉଥି ପାଇଁ ସେ' ଏଠା ତଳତଳିଆଙ୍କ ପାଇଁ ଆଉ କିଛି କରିପାରୁ ନପାରୁ ଶସ୍ତା ଦରବାଲା ଭାତ ଡାଲମା ହୋଟେଲ ଗୋଟିଏ ଖୋଲିଚି। ପିଞ୍ଚାଏ ତତଲା ଭାତ, ଦେଢ଼ ଚଟୁ ଡାଲମା ଆଉ ଚାମୁଚେ ରାମେୟା ଲୁଣି ଆଚାର। ମୂଲ୍ୟ ଚାଳିଶ ଟଙ୍କା ମାତ୍ର।

କାଳୀ ପ୍ରତିଦିନ ବଡ଼ି ଭୋଅରୁ ନିଜ ଗୋଦର ଗୋଡ଼ରେ ଧୀରେ ଧୀରେ ଚାଲି ଚାଲି ଆସି ହୋଟେଲ ପାଖରେ ପହଞ୍ଚେ। ପରିବାବୁହା କ୍ୟାରେଟ୍ ଗୋଟିଏ ଓଲଟେଇ ତା' ଉପରେ ବସି ଘଡ଼ିଏ ଥକ୍କା ମାରେ। କାନି ଖୋଲି ସେଥିରୁ ଚାଉଳ ଗୁଣ୍ଡି ପ୍ୟାକେଟ୍ କାଢ଼େ। ଚକିରେ ମଳି ପାଟିରେ ପକାଏ। ବାସନମଜା ପାଉଁଶ କଂସାରେ ନିରମା ଗୁଣ୍ଡ ମିଶାଏ। ଆଉ ତା'ପରେ ନିବିଷ୍ଟ ମନଧ୍ୟାନ ଦେଇ ବାସନ ମାଜି ଚାଲେ। ହାଣ୍ଡି ଡେକ୍‌ଚି, ପରାତ, କରଚୁଲୀ ଏବଂ ଆଉରି କେତେ କ'ଣ। ଯେତେ ବାସନ ସେତେ ନିର୍ଦ୍ଦିଷ୍ଟ ଧ୍ୟାନରତ ମନ।

ଠାକୁରଙ୍କ ଆଶୀର୍ବାଦ ଜାଣ। ନହେଲେ ଯେ' ବେମାରିଆ ଗୋଡ଼ ଦେହକୁ ଧରି ସେ ଆଉ କୋଉ କାମଟା ଏବେ କରିପାରିଥାନ୍ତା। ବସି ବସି ବାସନ ମାଜିବା ବ୍ୟତିରେକ। ଯୋଉଠି ମାସକୁ ଅଳ୍ପ ପଇସା ସହିତ ପ୍ରାୟତଃ ହୋଟେଲର ବଳକା ଭାତ ଡାଲମା ମିଳିଯିବ।

କିନ୍ତୁ ନିୟତି ବି ବଡ଼ ଦାରୁଣ, ନିଷ୍ଠୁର। ସବୁବେଳେ ଏଇ ଅସହାୟଙ୍କ ଉପରେ ହିଁ ଅହନ୍ତା ତା'ର। ନହେଲେ କହ ତ କାନ ଉଠିବା ଦିନଠୁଁ କିଏ କେବେ ଶୁଣିଥିବ ଯୁଦ୍ଧ ପାଇଁ ଜାଳ ମିଳିବନି ତ' ରୋଷେଇ ପତ୍ର ବନ୍ଦ ହୋଇଯିବ।

ବାସନ ମାଜିବାକୁ ସୁବିଧା ହେବ ବୋଲି ମାଙ୍କଡ଼ା ପଥର ଦି ପୁଞ୍ଜା ପକେଇ ଗୋଟିଏ ଜାଗା କରାଯାଇଛି। କାଳୀ ଦୀର୍ଘଶ୍ୱାସଟିଏ ନେଇ ସେ ଆଡ଼କୁ ଚାହିଁଲା। ଅନ୍ୟ ଦିନ ହେଇଥିଲେ ଜାଗାଟା ପାଣି ପଚପଚ ହେଇ ଚଳଚଞ୍ଚଳ ଥାଆନ୍ତା। ମାତ୍ର ଆଜି ସେଇ ଅରାକ ସୂର୍ଯ୍ୟଙ୍କ ଖରାତେଜରେ ବିବାକ୍ ଶୁଖିଲା ପଡ଼ିଥିଲା।

ସେ ହାରିଯିବାର ସ୍ତ୍ରୀ ଲୋକ ନୁହେଁ। କୁଆଡୁ କିଛି ନପାଇ ସେ ଘରେ ବସି ଯାଇନଥିଲା। ବଡ଼ ସୁନାଖେଳା ବେପାରୀଙ୍କଠୁଁ ଶୁଖୁଆ ଦି ଝୁଡ଼ି ଆଣି ଷ୍ଟାଡିୟମ୍ ସାମ୍ନାରେ ପସରା ପକେଇଥିଲା। ମାତ୍ର ଆଜି ପୂର୍ଣ୍ଣମୀ, କାଲି ସଂକ୍ରାନ୍ତି, ପହରଦିନ ନବମୀ, ଦୋକାନ ଉଠା - କହି ପାଚିଲା ଗାମୁଛା ବାଲାଏ ବହୁତ ହଇରାଣ ହରକତ କଲେ। ବଟି ମାଗିଲେ। ନାଲି ଆଖି ଦେଖେଇଲେ।

ଦୀର୍ଘଶ୍ୱାସଟିଏ ନେଇ କାଳୀ ଏବେ ନିଜ ଚାରିପାଖକୁ ଚାହିଁଲା। ଖରାଦିନର ସୂର୍ଯ୍ୟଙ୍କ ପ୍ରଖର କିରଣ। ତା'ସାଙ୍ଗକୁ ବହୁତ ଦିନରୁ ବର୍ଷାର ଚିହ୍ନବର୍ଣ୍ଣ ନାହିଁ। ତେଣୁ ଗଛ ପତ୍ର ସବୁ ଧୂଳିମାଡ଼ ଖାଇ ମଳିନ, ଧୂସର ଆଉ ଝୋଲା ମାରିବା ପରି ଦିଶୁଥିଲେ। ଯଦିଓ ରାଧାଚୂଡ଼ା ଗଛମାନଙ୍କରେ ଫୁଲ ଭର୍ତ୍ତି ହେଇଥିଲା। ମାତ୍ର ସେମାନେ ବି ଏ ଖରା ଧାସ, ଧଳି ଧୂଆଁକୁ ଆଉ କେତେ ସହିବେ। କେବଳ ଫୁଟିବାକୁ ହବ ବୋଲି ବାଧ ହେଇ ଫୁଟିଥିଲେ।

କାଳୀକୁ ପ୍ରବଳ ଭୋକ ହଉଥିଲା। ଖଟିଲେ ଖାଇବା ମଣିଷ ସିଏ। ଯେହେତୁ ହାତରେ କାମ ନାହିଁ ତେଣୁ ସେ କେତେଦିନ ହେଲାଣି ଠିକ୍‌ରେ ଗଣ୍ଡିଏ ଖାଇବାକୁ ପାଇନି। ସତ କହିଲେ, ଗଲା ଦି ଦିନ ହେଲା ତା' ପାଖରେ ପାଟିରେ ଦବାକୁ କିଛି ହେଲେ କିଛି ନାହିଁ।

: ଯୁଦ୍ଧ କେବେ ସରିବ?

ସେଠି ଅଳ୍ପ ଦୂରରେ ଚାଳିଆ ତଳେ କଠଉ ଆଣ୍ଠୁ ଯୋଡ଼ିକ ଯାକି ବସି ବିଡ଼ି ଟାଣୁଥିଲା। କାଳୀ ତାକୁ ଚାହିଁ ପଚାରିଲା।

: କେଜାଣି ତା' କିଏ କହିବ! ବଡ଼ ବଡ଼ିଆ ନେତାଙ୍କ କଥା। ସେଇମାନେ ଜାଣି ଥିବେ।

ଭୋକ ଗୋଟିଏ ଏମିତି ଚିଜ ଯୋଉଥିପାଇଁ ତମକୁ ହାଇପୋଗ୍ଲାସିମିଆ ଗ୍ରାସିବାକୁ ବେଶି ବେଳ ଲାଗେ ନାହିଁ। ମୁଣ୍ଡକୁ ପିତ୍ତ ଚଢ଼ିଯାଏ। ଆଉ ସେଇଟା ବିଷ ଚରିଯିବା ଭଳି କାମ କରିବାକୁ ଲାଗେ। ସତେ ଯେମିତି ଏ ସଂସାର, ମଣିଷ, ଈଶ୍ୱର, ଭାଗ୍ୟ ପ୍ରତି ତମ ମନରୁ କରୁଣାର ଚିହ୍ନବର୍ଣ୍ଣ ଲୋପ ପାଇଯାଉଚି। ସେହିପରି ଗରଳ ଉଗାଳିବା ପରି କେତୋଟି ନିର୍ଦ୍ଦୟ ଶବ୍ଦ ତମ କଣ୍ଠ ବାଟ ଦେଇ ବାହାରି ଯାଆନ୍ତି।

-କୋଉ ବଡ଼ବଡ଼ିଆ, କୋଉ ନେତା ! ଗରିବଙ୍କ ପେଟକଟା; ତମକୁ ଚିଲ, ଶାଗୁଣା ଝୁଣିବେ। କୁକୁର, ବିଲୁଆ ଟାଣିବେ। ବଡ଼ ରୋଗିଆ; ତମେ ଅକାଳରେ ଯମ ମୁହଁରେ ପଡ଼ିବ। ତମକୁ ଧର୍ମ ସହିବ ନାହିଁ।

ଭାଗ୍ୟ ଆଦରି ଜୀବନ ବାହିବା ମଣିଷ ସିଏ, କାଳୀ ! କେବେ କାହାରି ଅନିଷ୍ଟ ପାଞ୍ଚି ଚାରିପଦ କହିବା ତାକୁ କେହି ଦେଖିନି। ଅଥଚ ଆଜି ଏମାନେ କୋଉଠି ଥିଲେ। ତା' ପାଟିରୁ ଶବ୍ଦ ହେଇ ବାହାରିଗଲେ!! ସେ ଆଶ୍ଚର୍ଯ୍ୟ ହେଲା।

କିନ୍ତୁ ରାଧାଚୂଡ଼ା ଗଛରେ ଭର୍ତ୍ତି ହୋଇଥିବା ହଳଦିଆ ରଙ୍ଗର ଫୁଲମାନେ ଏବେ କେମିତି ଟିକିଏ, ଅଧିକା ପ୍ରଫୁଲ୍ଲ ଦିଶିଲେ। ସେଇ ଖରା, ସେଇ ଧୂଳି ଧୂଆଁ କିନ୍ତୁ ସେମାନେ ହସନ୍ତ ଲାଗୁଥିଲେ। ବୋଧହୁଏ କଥାଟା ତାଙ୍କ ମନକୁ ପାଇଥିଲା। ■

ଜଗନ୍ନାଥ ସାହି
ଇନ୍ଦିରା ଗାନ୍ଧୀ ମହିଳା କଲେଜ ପାଖ
ଚାନ୍ଦିନୀ ଚୌକ କଟକ-୨
ମୋ: ୯୪୩୭ ୬୦୪୨୮୦

## ପୁସ୍ତକ ପରିଚୟ

### ନଈର ଏକୂଳ ସେକୂଳ

ପ୍ରଦ୍ୟୁମ୍ନ ପଟ୍ଟନାୟକ





ପକ୍ଷୀଘର ପ୍ରକାଶନୀ
ମଧୁସୂଦନ ନଗର, ଭୁବନେଶ୍ୱର-୦୧
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୯୫ ଟଙ୍କା

ମଣିଷ ଜୀବନ ବେଶ୍ ବୈଚିତ୍ର୍ୟମୟ। ବହୁ ସଂଘର୍ଷମୟ ଜୀବନର ଚଲାପଥ। ତଥାପି ଜୀବନ ଜୀଇଁବାରେ ଅଛି ଆନନ୍ଦ। ଏମିତି ଜୀବନର କିଛି ସୁଖ, ଦୁଃଖ, ଆନନ୍ଦ, ବିଷାଦ, ପ୍ରେମ, ଆଶା, ନିରାଶାକୁ ନେଇ ଗତିଶୀଳ ହୋଇଛି ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ 'ନଈର ଏକୂଳ ସେକୂଳ' ପୁସ୍ତକର ଗପଗୁଡ଼ିକ। ଏହି ପୁସ୍ତକରେ ମୋଟ ୧୭ଟି ଭିନ୍ନ ସ୍ୱାଦର ଗଳ୍ପ ସଂକଳିତ ହୋଇଛି। ପ୍ରତିଟି ଗପରେ ଭରି ରହିଛି ଜୀବନମୟତା। ନିରୁପାୟ, ଆଖି, ନିରବ କଳରବ, ବିଡ଼ମ୍ବିତ ମାତୃତ୍ୱ, ମରୀଚିକା, ମଲାନଈ, ସନ୍ତାନ, ଅଫଳନ୍ତି ଗଛ, ସୁଖସ୍ୱପ୍ନ, ଅସତ ଧନ, ମାଷ୍ଟ୍ରାଣୀ, ଗେଷ୍ଟ ହାଉସ୍, ବୟସ, ଲିଭ୍-ଇନ୍ ରିଲେସନ୍, ନଈର ଏକୂଳ ସେକୂଳ ଆଦି ଗପଗୁଡ଼ିକରେ ମାନବୀୟ ଭାବାବେଗ, ପାରିବାରିକ ସମ୍ବନ୍ଧ, ସାଂପ୍ରତିକ ସମାଜର ବାସ୍ତବ ଚିତ୍ର, ମଣିଷ ଜୀବନର ନାନା ସମସ୍ୟା ଓ ସଂଘର୍ଷ କଥା ବର୍ଣ୍ଣିତ ହୋଇଛି। 'ବିଡ଼ମ୍ବିତ ମାତୃତ୍ୱ' ଏକ ହୃଦୟସ୍ପର୍ଶୀ ଗପ। ଏହି ଗପରେ ମାତୃ ହୃଦୟର ସ୍ପନ୍ଦନକୁ ନିବିଡ଼ ଭାବେ ଅନୁଭବ କରିହୁଏ। ସେହିପରି 'ଅଫଳନ୍ତି ଗଛ' ମଧ୍ୟ ଏକ ମାର୍ମିକ ଗପ। ଏହି ଗପରେ ମଧ୍ୟ ଗାଳ୍ପିକ ମା' ହେବାର ଦୁର୍ବାର ଆକାଂକ୍ଷା ଓ ଚରମ ଆନନ୍ଦକୁ ଚମତ୍କାର ଭାବେ ଗାଳ୍ପିକ ପ୍ରସ୍ଫୁଟିତ କରିଛନ୍ତି। 'ନଈର ଏକୂଳ ସେକୂଳ'ର ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

### ବୁଲିଥିଲି ଭୁଲି ନାହିଁ

ଗୋପାଳ ଚନ୍ଦ୍ର ମିଶ୍ର




ଶିଳାଶ୍ରୀ ପବ୍ଲିକେଶନ
ଭୀମ ଟାଙ୍ଗୀ, ଭୁବନେଶ୍ୱର-୨
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୫୦ ଟଙ୍କା

ଅନେକ ଭ୍ରମଣପ୍ରିୟ ବ୍ୟକ୍ତି ଅଛନ୍ତି। ଯେଉଁମାନେ ବିଭିନ୍ନ ଦେଶ ଭ୍ରମଣ କରି ସେଠାକାର ପ୍ରାକୃତିକ ପରିବେଶ, ଦର୍ଶନୀୟ ସ୍ଥାନର ଅପୂର୍ବ ସୌନ୍ଦର୍ଯ୍ୟକୁ ମନ ଭରି ଉପଭୋଗ କରିଥାନ୍ତି। ପରବର୍ତ୍ତୀ ସମୟରେ ସେଇ ଭ୍ରମଣ ଅନୁଭୂତିକୁ ପୁସ୍ତକ ଆକାରରେ ପ୍ରକାଶ କରିଥାନ୍ତି। ଏହି କ୍ରମରେ ପ୍ରକାଶ ପାଇଛି ଗୋପାଳ ଚନ୍ଦ୍ର ମିଶ୍ରଙ୍କ 'ବୁଲିଥିଲି ଭୁଲି ନାହିଁ' ଭ୍ରମଣ କାହାଣୀ ପୁସ୍ତକ। ଲେଖକ ଶ୍ରୀଯୁକ୍ତ ମିଶ୍ର ୨୦୧୭ରୁ ୨୦୨୫ ମସିହା ମଧ୍ୟରେ ସିଙ୍ଗାପୁର, ମାଲଏସିଆ, ଭୁଟାନ, ଦୁବାଇ, ଥାଇଲାଣ୍ଡ, ଇଣ୍ଡୋନେସିଆ ଆଦି ବିଭିନ୍ନ ଦେଶ ଭ୍ରମଣ କରି ବେଶ୍ ଆନନ୍ଦ ଅନୁଭବ କରିଛନ୍ତି। ସେଇ ଭ୍ରମଣ ଅନୁଭୂତିକୁ ଅତି ଚମତ୍କାର ଭାବେ ସେ ବର୍ଣ୍ଣନା କରିଛନ୍ତି 'ବୁଲିଥିଲି ଭୁଲି ନାହିଁ' ପୁସ୍ତକରେ। ଲେଖକ ଯେଉଁ ଯେଉଁ ଦେଶ ବୁଲିଛନ୍ତି, ସେଇ ଦେଶଗୁଡ଼ିକର ନିୟମ କାନୁନ, ଖାଦ୍ୟପେୟ, ଚାଲିଚଳଣି, ପରମ୍ପରା, ଦର୍ଶନୀୟ ସ୍ଥାନ, ପ୍ରାକୃତିକ ପରିବେଶ, ଐତିହାସିକ କୀର୍ତ୍ତିରାଜି ଆଦି ସଂପର୍କରେ ଏହି ଭ୍ରମଣ ସ୍ମୃତି ଆଲେଖ୍ୟରେ ପ୍ରକାଶ କରିଛନ୍ତି। ଏହି ପୁସ୍ତକଟି କେବଳ ବିବରଣୀ ନୁହେଁ, ନିଜ ହୃଦୟର ବିପୁଳ ଆବେଗ ଦେଇ ଲେଖକ ବିଦେଶ ଭ୍ରମଣର ସୁଖଦ ଅନୁଭୂତିକୁ ଖୁବ୍ ଚମତ୍କାର ଭାବେ ଲିପିବଦ୍ଧ କରିଛନ୍ତି। ଅନ୍ୟଦେଶର କଳା, ସଂସ୍କୃତି, ପର୍ଯ୍ୟଟନ, ଚାଲିଚଳଣି ସଂପର୍କରେ ଲେଖକ ଅତି ମାର୍ମିକ ଭାବେ ବର୍ଣ୍ଣନା କରିଛନ୍ତି। ଓଡ଼ିଆ ଭ୍ରମଣ କାହାଣୀ ସାହିତ୍ୟ ଜଗତରେ 'ବୁଲିଥିଲି ଭୁଲି ନାହିଁ' ପୁସ୍ତକଟି ଏକ ନୂତନ ସଂଯୋଜନ ହୋଇରହିବ ନିଶ୍ଚୟ। ■

## ବାପାଲୋ

ଜୟନ୍ତୀ ରଥ



ପିଣ୍ଡାରେ ଖଟ ଉପରେ
ଶୋଇଥିଲେ ବାପପୁଅ
ତଳେ ଶୋଇଥିଲା ମାଆ।
ଅଧରାତିରେ ପୁଅ କହିଲା
ବାପାଲୋ ମୋତେ କ'ଣ ଗୋଟେ
କାମୁଡ଼ି ଦେଲା
ତୁନି ହୋଇ ଶୋଇପଡ଼
ମଶାଗୁଡ଼ା ଭାରି ଉତୁପାତିଆ ହେଲେଣି

ବାପା ନିଦ ମଳ ମଳ
ଆଖିରେ ଉଠି
ଚାଦରଟା ଢାଙ୍କି ଦେଲା
ପୁଅ ଦେହରେ

ବଡ଼ି ଭୋଅରୁ
ମାଆ ରାହା ଧରି କାନ୍ଦୁଥିଲା
କୁଆଡ଼େ ଗଲୁରେ
ମୋ ଧନ
ମୁଁ ପୋଡ଼ାମୁହିଁ
ମୋତେ ବି କାଳ ନିଦ ଘାରିଲା
ମୁଁ ନ ମଲି କିଆଁ
ତା' କାନ୍ଦରେ

ବାପର ନିଦ ଭାଙ୍ଗିଲା
ପୁଅର ପ୍ରାଣହୀନ ଦେହ ଉପରେ
ହାତ ବୁଲେଇ
ସେ ଖୋଜୁଥିଲା
କାମୁଡ଼ା ଦାଗ।

ମୁଁ ଜାଣେ
ପୃଥିବୀର ବଡ଼ ବଡ଼ ଦୁଃଖର ତାଲିକାରେ
ଏଇ ଦୁଃଖ ଦେଖା ଯିବନି
ଥରେ ଥରେ
ନିଦ ନ ହେଉଥିବା ରାତିରେ
ମୋତେ ଶୁଣାଯାଏ।
ଗୋଟେ କଅଁଳ କରୁଣ ସ୍ୱର
ବାପାଲୋ...
ମୁଁ ନିରବରେ ଆଖି ବୁଜି ଦିଏ। ■

ଭୁବନେଶ୍ୱର
ମୋ: ୮୮୯୫୬୧୭୯୫୬



## ନିଦାରୁଣ ଖରା

ପିନାକୀ ମିଶ୍ର



ଫଟାଭୂଇଁ, ତପ୍ତବସୁଧା
ଝାଞ୍ଜିରେ ଜୀବନ ବେହାଲ୍,
ଗଛ ଦେଇପାରୁନି ଛାଇସାନ୍ତ୍ୱନା
ଆଖି ତରାଟୁଛି - ଡହକ ଖରାର କୋପ ।

ନଈରେ ପାଣିନାହିଁ
ପଶୁପକ୍ଷୀ ଡହଳବିକଳ
ଚୂଆପାଣି କହିବ ନଈର ଗୁମର
ଚାଲିଛି ବାଲିବୁହା, ଗଢୁଛି ବୋତଲ,
କାହିଁ ଜହ୍ନ ଗାଧୁଆ, ସଂଜ କୁଆଁରୀ ଖେଳ ?

ନିଦାରୁଣ ନିଆଁତାତି
ଖଟୁଆ ମେହେନତି
ଆହାପଦେ ପାଇବୁନି କାହାଠୁ
ପେଟର କୁହାଟ ଖରାଠୁ ବେଶୀ ନାଟ କରେ ।

ମୁହଁପୋତି କୁଆଡ଼େ ଯାଉଛୁ ମାଧବୀ ?
ସୁକୋମଳ ତନୁ ଝାଇଁ ମାରିନେବ,
ଘରେ କି ବସିପାରୁନୁ ନୀରବରେ !
ରାସ୍ତାରେ ଯେ' କେହିନାହିଁ
ଖରା ରୋକି ପାରେନି ପ୍ରେମର ମହୁଆଡ଼ାକ ।

ମେଘ ବସିଛି
ମାମୁଁଘର ତାଳଗଛ ଡାଳରେ,
କେବେ ଆସିବ କେଜାଣି ?

ଉପରବାୟୁ ଟେକୁଛି ଜେଜେଙ୍କୁ
ଆକାଶ ଧୂସର, ମାଟି ମଉନ, ନାହିଁ ପକ୍ଷୀଉଡ଼ାଣ ,
ଲୋଭର ନିଆଁ
ମଣିଷକୁ ଅଧା ଜାଳି ସାରିଲାଣି ।

ଖରା ଦେଖେ ବିଧବାକପାଳ
ମୁକଦିଅଁଙ୍କ ପଥର ଦେଉଳ
ବନବାସୀର ବଧିଆପିଠି
ଦୁଃଖିନୀମାଆର ଟ୍ରଙ୍କ ସାଇତାଚିଠି,
ସମୁଦ୍ର ଶୁଖିଯାଏନା
ଛାତି ଫୁଟୁଥାଏ ତତଲାବାଲି ପରି,
ରାତିପାହେ କିନ୍ତୁ ଦୁଃଖଦୋହା ସରେନା । ■

'ଶୂନ୍ୟନୀଳ'
ଚର୍ଚ୍ଚ ପାଖ, ଜେଲ୍ ରୋଡ୍, କେନ୍ଦୁଝର
ମୋ: ୯୪୩୮୧୧୮୩୯୭

ମୁଁ କାହିଁକି ଲେଖେ

## "କବିତା ରଚନାର ପ୍ରେରଣା କାହିଁକି, କେମିତି, କେଉଁଠୁ ଆସେ ଜାଣେନା"



ପ୍ରଦୀପ କୁମାର ପଣ୍ଡା

'ମୁଁ କାହିଁକି କବିତା ଲେଖେ ପ୍ରଶ୍ନର ସରଳତମ ଉତ୍ତର ବୋଧହୁଏ ଏହା ଯେ ସର୍ଜନ ପ୍ରେରଣା ଆସେ ବୋଲି ମୁଁ ଲେଖେ। କିନ୍ତୁ ଏ ଉତ୍ତରର ଜଟିଳତମ ପ୍ରତିପ୍ରଶ୍ନ ହେଉଛି ପ୍ରେରଣା କାହିଁକି ଆସେ, କେଉଁଠୁ ଆସେ ଓ କେମିତି ଆସେ ? ପୁଣି ପ୍ରତିପ୍ରଶ୍ନ ଏହା ବି ହୋଇପାରେ କି ପ୍ରେରଣା ଆପଣାର ଭିତରୁ ଆସେ ନା' ବାହାର ଜଗତରୁ ଆସେ ?

ପ୍ରଶ୍ନ ପରେ ପ୍ରଶ୍ନ, ପ୍ରତିପ୍ରଶ୍ନର ପାହାଚ ଥାକଥାକ ଗଢ଼ିହୁଏ ଅପହଞ୍ଚ ଉତ୍ତର ଆଡ଼କୁ। ପ୍ରେରଣା କିନ୍ତୁ ଆସେ, ଜଗତର ପ୍ରତ୍ୟେକ ଚେତନଶୀଳ ପ୍ରାଣୀର ପାଖକୁ। କିଏ ଲେଖେ, କିଏ ଆଙ୍କେ, କିଏ ନିହଣ ଧରି ତୁଚ୍ଛା ଠୁକୁର୍ ଠାକୁର୍ କରୁଥାଏ, କାଳେ ଛାଏଁ ଗଢ଼ି ହୋଇଯିବ ଅଧାଗଢ଼ା ଦିଅଁଟିଏ।

ମୁଁ ଏବେ କରିବି କ'ଣ; ସେ ଅପହଞ୍ଚ ପାହାଚ ଚଢ଼ିବି ନା ପାହାଚ ତଳେ ଅପେକ୍ଷା କରିରହିବି ପ୍ରେରଣାଗୁଡ଼ିକର ଓହ୍ଲାଣ ପାଇଁ ?

ଗୋଟିଏ ନଈ ଅଛି, ଅଦୃଶ୍ୟ। ଶୁଖିଲା, କୂଳହୀନ। ଭିଜାଏ ସଭିଙ୍କୁ, ପହଁରାଏ, ଉବୁଟୁବୁ କରେ। ଭସାଇନିଏ।

ଗୋଟିଏ ବଂଶୀ ଅଛି, ସେ ବି ଅଦୃଶ୍ୟ। ତା' ନିଜର ସ୍ୱର ବୋଲି କିଛି ନାହିଁ। ଶୁଖିଲା ପତ୍ରଟିଏ ପଡୁଛି ଯେମିତି ମାଟିରେ ହଲିଝୁଲି କେଉଁ ପ୍ରାଚୀନ କାଳରୁ। ମାତାଲ୍ ବଧିର ଲୋକମାନେ ଧାଉଁଛନ୍ତି ତାକୁ ଶୁଣିବାକୁ।

ଫୁଲଟିଏ ଫୁଟିଛି କାହାର ଆତ୍ମାରେ। ନିସ୍ୱାଖୁଡ଼ା, ମହକହୀନ ଓ ତା' ବି ଅଦୃଶ୍ୟ। କାହିଁ କେତେ ଦୂରରେ, ଲିଭି ଯାଇଥିବା ରଙ୍ଗରେ ଆଲୋକିତ କରୁଛି ପୃଥିବୀକୁ, ପୋଡ଼ିଯାଉଛି ଆଖି।

ଗୋଟିଏ ମାତ୍ର ଧଳାପର ଅଛି ସେ ଡାମରା କାଉର। ସୂର୍ଯ୍ୟକିରଣ ଛୁଇଁ ପାରେନା ତାକୁ, କାରଣ ସେ ଅଦୃଶ୍ୟ। ଝରପାଣିରେ ଗାଧାଏ, କରେ ନାହିଁ କାଳାପ, ଉଡ଼ିଯାଏ। ଜଣେ କେହି ଦେଖିଛି ସେଇ ଧଳା ପରକୁ ଡେଣାହୀନ ତା'ର କଙ୍କାଳରେ। ସେ ଜଣକ ହୁଏତ ଅନ୍ଧ।

ଲେଖା ହୋଇନଥିବା ଏକ କବିତା ଅଛି। ଆଲୋକ ଆଲୋକ ବର୍ଷ ଦୂରରେ, କେଉଁ ଏକ ଅନଭମଣ୍ଡଳରେ ସୂର୍ଯ୍ୟର ଛାଇ ପରି ତା'ର କାରୁ। ପୋଡ଼ି ସାରିଥିବା କୋଇଲା, ଚମଡ଼ାଗନ୍ଧ, ପଲକ ନଥିବା ଆଖି, ଶୂନ୍ୟ ଯୂପରେ ଉଞ୍ଚେଇ ହୋଇଥିବା କୁରାଢ଼ି, ପଥହୀନ ନିକାଞ୍ଚନରେ ଅଭଙ୍ଗା ଏକ ଟିକେଟ ଘର, ଆଗକୁ ଯିବାକୁ। ନିଃଶ୍ୱାସରେ ଯା'ର ଜଳେ ଛାତିର ଭାତି, ରୁଗୁରୁଗୁ, ଅହରହ। ମୋ ଭିତରର ସେ ନଈ, ସେ ବଂଶୀ, ସେ ଫୁଲ, ସେ କାଉ, ସେ ଅଲେଖା କବିତାଟି ହୁଏତ ପ୍ରେରଣା ଯିଏ ମତେ କଲମ ଧରାଇ ଶ୍ରୁତଲିଖନ ଡାକେ କବିତାର।

ନିଜ ଭାଗ୍ୟ ନେଇ ଆସେ କବିତା। ଆସେ ମୋର କପାଳରେ। କବିତା ବଡ଼ ଅହଂକାରୀ। କାହାରି ବିବେଚନା, କାହାରି ଶୃଂଖଳ, ଫିଟା ଅର୍ଗଳ, ପରସ୍ପର ଠେଲାପେଲା ହୋଇ ଅଣନିଶ୍ୱାସୀ ଧାଉଁଥିବା ଲୋକମାନଙ୍କର ଛାଟକାଟ ଚିରାୟତ ବାଟକୁ ଆଡ଼ ଆଖିରେ ସେ ଅନାଏନା।

ନିଜ ଅହଂକାରର କୋଦାଳରେ ନିଜ ଶରୀରକୁ ସେ ଖୋଦେ, ରକ୍ତ ଉପୁଜାଏ ଓ ନିଜର ଶୋଷ ମେଣ୍ଟାଏ। କବିତା ଏକାନ୍ତ ଆତ୍ମପ୍ରବଣ, ନିଜ ସୌନ୍ଦର୍ଯ୍ୟରେ ଉଲ୍ଲସିତ ନାର୍ସିସସ୍। ଇତିହାସ ପ୍ରତି ତା'ର ଯେତିକି ଆବେଗ, ସଂପ୍ରତି ପ୍ରତି ସେ ସେତିକି ବାବଦୂକ। ସେ ଯେତେବେଳେ ଆସେ ମୁଁ ସ୍ୱଇଚ୍ଛାରେ ତୋଳିବସେ ଏକ ନିଆଁର ନୀଡ଼, ଲାଗେ ପୃଥିବୀ ବ୍ରହ୍ମାଣ୍ଡ ମୃତ୍ୟୁ ଜନ୍ମ ସ୍ମୃତି ଇତିହାସ ଶୂନ୍ୟ ଶୂନ୍ୟ ନିରବ ନିରବ କଳା ଗର୍ତ୍ତ ସମୂହର ରହସ୍ୟ ଫେଇବାରେ ମୁଁ ମଗ୍ନ ଅଛି, ମୁଁ ଅନୁପସ୍ଥିତ ଅଛି। ମୋର ଭୋକ ପସରାଏ ତା'ର କୋଳ ମତେ ଗେଲ କରେ, ତା'ର ବୋକ ଖାଇ ଖାଇ ପୂରିଯାଏ ମୋର ଉଦର। କେହି ମୋତେ ବିଶ୍ୱାସ କର ବା ନକର ଅଥବା କର ମତେ ଈର୍ଷା, ମୋର ନିଜ ଘରପୋଡ଼ିର ନିଆଁ ପୋଉଁ ପୋଉଁ କେତେ କେତେ କବିତାର ବୀଜ ମୁଁ ଅଙ୍କୁରାଇଛି। ମୁଁ ଭାବିଛି, ମୁଁ ଯାହାକୁ ଛୁଉଁଛି ସେ ପାଆଁଳି ଯାଉଛି। ସେ ମରଣ ଜ୍ୱାଳାରେ ଛଟପଟ ଜୀବନ ଜିଉଁଛି। ଚାହିଁ ଦେଲେ ରକ୍ତ ଅଥବା ବରଫ ପାଲଟି ଯାଉଛି ସୂର୍ଯ୍ୟ, ବୋକା ବୋକା ତାରା ଓ ଏକୋଇର ବେହିଆ ଜହ୍ନକୁ ପୂରାଇ ଅଣ୍ଟିରେ ମୁଁ ସ୍ୱପ୍ନ ଦେଖୁଛି। ମତେ ଲାଗେ, ଏଇ ନିକଟରେ, ନିପଟ ସଇତାନ ବସ୍ତିରେ ମୋର ଘର ଓ ମୋର କହିବାକୁ ଇଚ୍ଛାହୁଏ ଦୂର୍ ହଟ ଦୂର୍ ହଟ ଇନ୍ଦ୍ରୀହୀନ ଈଶ୍ୱର, ହଟିଯାଅ କାମାସକ୍ତ ଦେବତାମାନେ, ଭାଗ ପଳାଅ ସୁରମ୍ୟା ଦେବୀମାନେ, ମୁଁ ଏବେ ହୁଏତ କେଉଁ କୁତ୍ସିତ ଅସୁରୁଣୀ ସହ ମୈଥୁନରେ ମତ୍ତ ଅଛି।

ସତ କହୁଛି କବିତା ବା କବିତାର ସେ ପ୍ରେରଣା କାହିଁକି ଆସେ, କେମିତି ଆସେ, କେଉଁଠୁ ଆସେ ମୁଁ ଜାଣେନା। କିନ୍ତୁ ଯେତେବେଳେ ଆସେ, ଶୁଖିଲା ଭୂଇଁରେ, ଧୁ ଧୁ ଖରାରେ ମୁଣ୍ଡ ଟେକି ଠିଆ ହୋଇଥିବା ପୋଢ଼ର ପିଠିରେ ବଗଟିଏ ପରି ଗ୍ରୀବା ଟେକି ଆକାଶ ଓ ତା' ପରର ଆକାଶ ଗଣିବାର ସ୍ପର୍ଦ୍ଧାରେ ମୁଁ ହାଁ ଠିଆ ହୋଇଥାଏ। ■

ବୃନ୍ଦାବନ ବିହାର, ସରଲା
ପୋ. ଧନକଉଡ଼ା
ସମ୍ବଲପୁର-୭୬୮୦୦୬
ମୋ: ୯୪୩୭୧୪୮୭୦୯

## ପ୍ଲାଟଫର୍ମ ଭେଣ୍ଡରଙ୍କଠାରୁ ବଟି ଆଦାୟ

# ସିବିଆଇ ପଞ୍ଝାରୁ ଖସିଗଲେ ଆରପିଏଫ୍ ଇନ୍ସପେକ୍ଟର୍

ରାଉରକେଲା, ୬।୬ (ସମିସ): ରାଉରକେଲା ରେଳ ଷ୍ଟେସନ୍‌ରେ ପ୍ଲାଟଫର୍ମ ଭେଣ୍ଡର୍‌ଙ୍କଠାରୁ ମାସିକିଆ ବଟି ନେଉଥିବା ରାଉରକେଲା ଆରପିଏଫ୍ ଇନ୍ସପେକ୍ଟର୍ କମଲେଶ ସମାଦାରଙ୍କ ନାମରେ ସିବିଆଇ ମାମଲା ରୁଜୁ କରିଛି। ସିବିଆଇ ପକ୍ଷରୁ ଆଜି ଷ୍ଟେସନ୍‌ରେ ଚଢ଼ଉ ବେଳେ ଆଗୁଆ ସୂଚନା ପାଇ କମଲେଶ ଫେରାର୍ ହୋଇଯାଇଥିଲେ। ତେବେ ତାଙ୍କୁ ଖବର ଦେଇଥିବା ଦଲାଲ ଅଜୟ ମିଶ୍ରଙ୍କୁ ସିବିଆଇ ଗିରଫ କରିଛି। ଆଜି ତାଙ୍କୁ ଗିରଫ ପରେ ଭୁବନେଶ୍ୱର ସିବିଆଇ କୋର୍ଟରେ ହାଜର କରାଯାଇଥିବା ସୂଚନା ମିଳିଛି। ଏହାସହ ଅନ୍ୟ ଜଣେ ଦଲାଲଙ୍କୁ ଅଟକ ରଖି ସିବିଆଇ ପକ୍ଷରୁ ପଚରାଉଚରା ଜାରି ରହିଛି। ସୂଚନାଯୋଗ୍ୟ, ରାଉରକେଲା ଷ୍ଟେସନ୍‌ର ପ୍ଲାଟଫର୍ମରେ ନିୟୋଜିତ ଭେଣ୍ଡରମାନଙ୍କଠାରୁ ଆରପିଏଫ ଇନ୍ସପେକ୍ଟର କମଲେଶ ଦଲାଲଙ୍କ ଜରିଆରେ ମାସିକିଆ ବଟି ଆଦାୟ କରୁଥିଲେ ବୋଲି ସିବିଆଇ ନିକଟରେ ଅଭିଯୋଗ ହୋଇଥିଲା। ବଟି ଆଦାୟ ପାଇଁ ଇନ୍ସପେକ୍ଟର ଶ୍ରୀ ସମାଦାର ଦୁଇ ଜଣ ଦଲାଲ ଗୋପବନ୍ଧୁପାଲ୍ଲୀର ଅଜୟ ମିଶ୍ରା ଏବଂ ଡିଲକ୍ସ ଗଳିର ବିଟୁଙ୍କୁ ନିୟୋଜିତ କରିଥିଲେ। ମାସସାରା ଯେତେ ବଟି ଆଦାୟ ହେଉଥିଲା, ସେଥିରୁ ଅଧା ଟଙ୍କାକୁ ଆରପିଏଫ୍ ଇନ୍ସପେକ୍ଟର୍ ସମାଦାରଙ୍କୁ ଦେଇ ଅବଶିଷ୍ଟ ଟଙ୍କାକୁ ନିଜ ମଧ୍ୟରେ ବାଣ୍ଟି ନେଉଥିଲେ। ଯେଉଁ ଭେଣ୍ଡର ବଟି ନଦେଲା, ତାକୁ ଆରପିଏଫ ପକ୍ଷରୁ ବିଭିନ୍ନ ଆଳ ଦେଖାଇ ହଇରାଣ ହରକତ କରାଯାଉଥିଲା। ଏଥିରେ ଅତିଷ୍ଠ ହୋଇ ଭେଣ୍ଡର୍‌ମାନେ ସିବିଆଇର ଦ୍ୱାରସ୍ଥ ହୋଇଥିଲେ।

## ଭତ୍ତା କେଳେଙ୍କାରୀ

# ପଞ୍ଚାୟତର ୩ ଅଧିକାରୀ ନିଲମ୍ବିତ

ବାଲିକୁଦା,୬।୬(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ସଂଗ୍ରାମପୁର ପଞ୍ଚାୟତର ୮ ମୃତକଙ୍କ ନାମରେ ଭତ୍ତା କେଳେଙ୍କାରୀ ଘଟଣାରେ ୩ ଜଣ ଅଧିକାରୀଙ୍କୁ ଜିଲ୍ଲାପାଳ ନିଲମ୍ବିତ କରିଛନ୍ତି। ସରକାରୀ କର୍ତ୍ତବ୍ୟ ନିର୍ବାହରେ ଅବହେଳା ଏବଂ ସରକାରୀ ପାଣ୍ଠିର ଅପବ୍ୟବହାର ଅଭିଯୋଗରେ ସେମାନଙ୍କୁ ନିଲମ୍ବନ କରାଯାଇଛି। ସେମାନେ ହେଲେ ବାଲିକୁଦା ବ୍ଲକ ସଂଗ୍ରାମପୁର ଗ୍ରାମପଞ୍ଚାୟତର ଏଡିଇଓ ପାରମିତା ବାରିକ, ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ସର୍ବେଶ୍ୱର ଦାସ ଏବଂ ପୂର୍ବତନ ଜିଆର୍‌ଏସ୍ ସୁମନା ରାଉତ। ସୁମନ ବର୍ତ୍ତମାନ ଜଗତସିଂହପୁର ବ୍ଲକରେ ଶାଳିଜଙ୍ଗା ପଞ୍ଚାୟତରେ ଏଡିଇଓ ଭାବେ କାର୍ଯ୍ୟକରୁଛନ୍ତି। ଏହି ନିଲମ୍ବନ ସମୟରେ ପାରମିତା ଓ ସର୍ବେଶ୍ୱର ବାଲିକୁଦା ବିଡିଓ ଓ ସୁମନ ଜଗତସିଂହପୁର ବିଡିଓଙ୍କୁ ରିପୋର୍ଟ କରିବାକୁ ନିର୍ଦ୍ଦେଶରେ କୁହାଯାଇଛି। ସୂଚନା ଅନୁଯାୟୀ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ୍ ଅନ୍ତର୍ଗତ ସଂଗ୍ରାମପୁର ପଞ୍ଚାୟତରେ ୮ ଜଣ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଉଠିଥିଲା। ଏହି ଟଙ୍କାକୁ ସ୍ଥାନୀୟ, ପିଇଓ ଓ ଏଡିଇଓଙ୍କ ସହ ମିଶି ଜନପ୍ରତିନିଧି ମିଳିମିଶି ହଡ଼ପ କରିଥିବା ସାମାଜିକ ସୁରକ୍ଷା ସମୀକ୍ଷା ଟିମ୍ ତଦନ୍ତରୁ ଜଣାପଡିଥିଲା।

# ମୁଣ୍ଡରେ ବନ୍ଧୁକ ଲଗାଇ ଘରୁ ଲୁଟିନେଲେ ୨୫ଲକ୍ଷର ଗହଣା

କେନ୍ଦ୍ରାପଡ଼ା/ଆଳି, ୬।୬(ସମିସ): ମୁଣ୍ଡରେ ବନ୍ଧୁକ ଓ ବେକରେ ଭୁଜାଲି ଲଗାଇ ଘରୁ ଲୁଟିନେଲେ ୨୫ଲକ୍ଷର ସୁନା ଅଳଙ୍କାର ଓ ୯୧ ହଜାର ଟଙ୍କା। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅଧୀନ ବାଲକାଟି ପଞ୍ଚାୟତର ଖଣ୍ଡିଆପାଟଣା ଗ୍ରାମରେ ଶୁକ୍ରବାର ରାତିରେ ଏପରି ଏକ ସଶସ୍ତ୍ର ଡକାୟତି ହୋଇଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଧନେଶ୍ୱର ରାଉତଙ୍କ ପରିବାର ଏହି ଲୁଟ୍‌ର ଶିକାର ହୋଇଛନ୍ତି।

ସୂଚନା ମୁତାବକ, ଶୁକ୍ରବାର ରାତି ପ୍ରାୟ ୯ଟା ବେଳେ ଘରର ସମସ୍ତ ସଦସ୍ୟ ନିଜନିଜ କାମରେ ବ୍ୟସ୍ତ ଥିବା ବେଳେ ଦୁର୍ବୃତ୍ତମାନେ ପଛ କବାଟ ଦେଇ ଘର ଭିତରେ ପଶିଥିଲେ। ସେମାନେ ବନ୍ଧୁକ, ଭୁଜାଲି ଓ ଖଣ୍ଡା ଦେଖାଇ ପରିବାରର ସମସ୍ତଙ୍କୁ ଗୋଟିଏ କୋଠରିରେ ପୂରାଇ ଦେବା ପରେ ଆଲମାରି ଓ ବିଭିନ୍ନ ବାକ୍ସ ଭାଙ୍ଗି ଅଳଙ୍କାର ଓ ନଗଦ ଟଙ୍କା ନେଇ ଯାଇଥିଲେ। ଡକାୟତମାନେ ପ୍ରାୟ ୪୫ ମିନିଟ୍ ଧରି ଘରେ ଆତଙ୍କ ଖେଳାଇବା ପରେ ଫେରାର୍ ହୋଇଯାଇଥିଲେ। ଧନେଶ୍ୱରଙ୍କ ପୁଅ ପ୍ରଦୀପ ରାଉତ ଆଜି ସକାଳେ ଏନେଇ ଆଳି ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଦୁର୍ବୃତ୍ତମାନେ ତିନିଟି ଟିଭିଏସ୍ ଆପାଚି ବାଇକ୍ ସମେତ ଆଉ କିଛି ବାଇକରେ ଆସିଥିଲେ। ସେମାନଙ୍କ ମଧ୍ୟରୁ ତିନିଜଣ ହିନ୍ଦୀରେ କଥା ହେଉଥିବା ବେଳେ ଅନ୍ୟମାନେ ଓଡ଼ିଆରେ କଥାବାର୍ତ୍ତା କରୁଥିଲେ। ଘଟଣାରେ କୌଣସି ସ୍ଥାନୀୟ ଯୁବକଙ୍କ ସମ୍ପୃକ୍ତି ଥାଇପାରେ ବୋଲି ସେ ସନ୍ଦେହ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ମାସକ ପୂର୍ବରୁ ପ୍ରଦୀପ ରାଉତଙ୍କ ପୁଅଙ୍କ ବିବାହ ହୋଇଥିବାରୁ ଘରେ ବହୁ ପରିମାଣର ସୁନା ଅଳଙ୍କାର ରହିଥିଲା। ଏହି ସୂଚନା ପୂର୍ବରୁ ଡକାୟତମାନଙ୍କ ପାଖରେ ପହଞ୍ଚିଥିବାରୁ ଯୋଜନାବଦ୍ଧ ଭାବେ ଏହି ଡକାୟତି ହୋଇଥିବା ସନ୍ଦେହ କରାଯାଉଛି। ଆଳି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଛି। ଦୁର୍ବୃତ୍ତମାନେ ଛାଡ଼ିଯାଇଥିବା ଏକ ଭୁଜାଲିକୁ ଜବତ କରିଛି।

# ଅବଶିଷ୍ଟାଂଶ

## କ୍ରିକେଟ୍ ଜଗତର...

ଗୋଟିଏ ବିଧ୍ୱଂସୀ ଶତକୀୟ ପାଳି ଓ ୫ଟି ଅର୍ଦ୍ଧଶତକ ମାରିଥିଲେ। ସେହିଭଳି ୭୨ଟି ଛକା ମାରି ଆଇପିଏଲ୍ ଇତିହାସର ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା କରିଥିଲେ। ଏହି ପ୍ରଦର୍ଶନ ବଳରେ ସେ ଭାରତୀୟ ସିନିଅର ଦଳରେ ସ୍ଥାନ ପାଇବା ଲାଗି ଦୃଢ଼ ଦାବିଦାର ଥିଲେ। ଏବେ ସିନିଅର ଦଳରେ ସ୍ଥାନ ପାଇବା ଫଳରେ କ୍ରିକେଟ୍ ଜଗତର ଏହି ବିସ୍ମୟ ବାଳକଙ୍କ ଖେଳ ଅନ୍ତର୍ଜାତୀୟସ୍ତରରେ ଦେଖିବାକୁ ମିଳିବ। ଆଇପିଏଲ୍‌ର ପ୍ରଦର୍ଶନକୁ ସେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଦୋହରାଇବାରେ କେତେ ସଫଳ ହେବେ ଏହା ଉପରେ କ୍ରିକେଟ୍‌ପ୍ରେମୀଙ୍କ ନଜର ରହିଛି। ଅପରପକ୍ଷରେ ଭାରତୀୟ ସିନିଅର ପୁରୁଷ ଦଳରେ ପଦାର୍ପଣ କରିବାରେ ବୈଭବ ଏବେ ସର୍ବକନିଷ୍ଠ ଖେଳାଳି ହେବାକୁ ଯାଉଛନ୍ତି। ୧୯୮୯ରେ ସଚିନ ତେନ୍ଦୁଲକର ଯେତେବେଳେ ପାକିସ୍ତାନ ବିପକ୍ଷରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ ସେତେବେଳେ ତାଙ୍କୁ ୧୬ ବର୍ଷ ୨୦୫ ଦିନ ହୋଇଥିଲା। ଯଦି ବୈଭବ ଆୟର୍ଲାଣ୍ଡ, ଇଂଲଣ୍ଡ କିମ୍ବା ଏସୀୟ କ୍ରୀଡାରେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଆନ୍ତି, ତେବେ ସଚିନଙ୍କ ୩୭ ବର୍ଷ ତଳର ରେକର୍ଡ ଭାଙ୍ଗି ଅନ୍ତର୍ଜାତୀୟ ପଦାର୍ପଣ କରିବାରେ ସେ ଭାରତର ସର୍ବକନିଷ୍ଠ ପୁରୁଷ କ୍ରିକେଟର୍ ହେବେ।

## ପ୍ରଶାନ୍ତ ମହାସାଗରରେ...

ଥରେ ଆମେରିକା ଆଡ଼କୁ ମାଡ଼ିଚାଲେ। ଏହି ତାପମାତ୍ରା ବୃଦ୍ଧି ପୃଥିବୀର ପାଣିପାଗ ଏବଂ ବର୍ଷା ଚକ୍ରକୁ ସମ୍ପୂର୍ଣ୍ଣ ବିଗାଡ଼ି ଦେଇଥାଏ। ଭାରତ ପାଇଁ ଏଲ୍ ନିନୋର ଆଗମନ କେବେ ହେଲେ ଶୁଭ ସଙ୍କେତ ଆଣି ନ ଥାଏ। ଅତୀତର ଇତିହାସ ଦେଖିଲେ ଜଣାପଡ଼ ଯେ, ଯେତେବେଳେ ବି ଏହି ପ୍ରକ୍ରିୟା ସକ୍ରିୟ ହୋଇଛି, ସେତେବେଳେ ଭାରତରେ ମରୁଡ଼ି ସଦୃଶ ସ୍ଥିତି ଉପୁଜିଛି। ଚଳିତ ବର୍ଷ ମୌସୁମୀ ବାୟୁ କେରଳ ଉପକୂଳକୁ ଛୁଇଁବାରେ ଚାରି ଦିନ ବିଳମ୍ବ କରିଛି। ଜୁନ୍ ୧ ବଦଳରେ ଏହା ଜୁନ୍ ୪ ରେ କେରଳରେ ପହଞ୍ଚିଛି। ପାଣିପାଗ ବିଜ୍ଞାନୀମାନଙ୍କ ଅନୁସାରେ, ପ୍ରଶାନ୍ତ ମହାସାଗରର କେନ୍ଦ୍ରୀୟ ଅଞ୍ଚଳରେ ତାପମାତ୍ରା ଶୂନ ଦଶମିକ ପାଞ୍ଚ ଡିଗ୍ରୀ ସେଲସିୟସରୁ ଅଧିକ ବୃଦ୍ଧି ପାଇଛି, ଯାହା ବିପଦର ସଙ୍କେତ ଅଟେ। ଭାରତୀୟ ପାଣିପାଗ ବିଭାଗ ମଧ୍ୟ ପୂର୍ବାନୁମାନ କରିଛି ଯେ ଚଳିତ ବର୍ଷ ସ୍ୱାଭାବିକାରୁ କମ୍ ବର୍ଷା ହେବ। ଦୀର୍ଘକାଳୀନ ହାରାହାରି ବର୍ଷାର ମାତ୍ର ପ୍ରାୟ ନବେ ପ୍ରତିଶତ ବର୍ଷା ହେବାର ସମ୍ଭାବନା ରହିଛି। ଏଲ୍ ନିନୋ ପ୍ରଭାବରେ କେବଳ ଭାରତ ନୁହେଁ, ବରଂ ସାରା ବିଶ୍ୱର ପାଣିପାଗ ପ୍ରଭାବିତ ହେବ। ଏହା ଦ୍ୱାରା କେତେକ ସ୍ଥାନରେ ପ୍ରବଳ ବନ୍ୟା ହେଉଥିବା ବେଳେ ଭାରତ ଭଳି କୃଷିପ୍ରଧାନ ଦେଶରେ ସ୍ୱଳ୍ପ ବୃଷ୍ଟିପାତର ଆଶଙ୍କା ରହିଛି। ବର୍ତ୍ତମାନ ପରିସ୍ଥିତିରେ ପାଣିପାଗ ସଂସ୍ଥା ଏବଂ ସରକାରୀ ବିପର୍ଯ୍ୟୟ ପରିଚାଳନା ବିଭାଗ ଗୁଡ଼ିକ ଏହି ବଦଳୁଥିବା ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି, ଯେପରି ଆଗାମୀ ଦିନରେ ଜଳ ସଙ୍କଟ ଏବଂ ଚାଷ କାର୍ଯ୍ୟ ପାଇଁ ଉପଯୁକ୍ତ ରଣନୀତି ପ୍ରସ୍ତୁତ କରାଯାଇପାରିବ।

## ରଜରେ ଭିଜିବ...

ଅପରପକ୍ଷେ ଗତ କିଛିଦିନ ହେବ ପ୍ରଚଣ୍ଡ ତାତିରେ ରାଜଧାନୀ ଭୁବନେଶ୍ୱରବାସୀ ସନ୍ତୁଳି ହେଉଥିବା ବେଳେ ଶନିବାର ସେଥିରୁ ବଡ଼ ଆଶ୍ୱସ୍ତି ମିଳିଛି। ଅପରାହ୍ନରେ ରାଜଧାନୀରେ ୪୦ରୁ ୫୦ କିଲୋମିଟର ବେଗରେ ପବନ ସହ ପ୍ରବଳ ବର୍ଷା ହୋଇଥିବା ବେଳେ ତାପମାତ୍ରାରେ ମଧ୍ୟ ଅଚାନକ ବଡ଼ ହ୍ରାସ ଦେଖିବାକୁ ମିଳିଥିଲା। ପବନ, ବର୍ଷା ସହ କୁଆପଥର ମାଡ଼ କାରଣରୁ ପାଗ ସମ୍ପୂର୍ଣ୍ଣ ଭାବେ ବଦଳିଯାଇଥିବା ବେଳେ ତାତି ୪୦.୭ ଡିଗ୍ରୀରୁ ପ୍ରାୟ ୧୪ ଡିଗ୍ରୀ କମି ୨୬ଡିଗ୍ରୀକୁ ଖସି ଆସିଥିଲା। କାଳବୈଶାଖୀ ପ୍ରଭାବରୁ ରାଜଧାନୀର ତାପ ସୂଚକାଙ୍କ ୨୨ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ହ୍ରାସ ପାଇଥିବା ନେଇ ପାଣିପାଗ ବିଭାଗର ବରିଷ୍ଠ ବିଜ୍ଞାନୀ ଡ. ଉମାଶଙ୍କର ଦାସ ସୂଚନା ଦେଇଛନ୍ତି। ଆସନ୍ତା ୧୦ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିବ। ରବିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ, ସମ୍ବଲପୁର, ଦେବଗଡ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡରେ କାଳବୈଶାଖୀ ସମ୍ଭାବନା ରହିଛି। ଉପରୋକ୍ତ ୨୪ ଜିଲ୍ଲାରେ ୪୦ରୁ ୫୦ କିମି ବେଗରେ ପବନ ବହିବା ସହ ବର୍ଷା ହେବାର ସମ୍ଭାବନା ଥିବାବେଳେ ଏଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ଘାରିଲା ଅର୍ଥନୀତି...

ଲାଗିଛି। ଦେଶରେ ପେଟ୍ରୋଲ ଓ ଡିଜେଲ ଦାମ ଲିଟର ପିଛା ୮ରୁ ୯ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇବା ପରେ ପରିବହନ ଭଡ଼ା ବୃଦ୍ଧି ସାଙ୍ଗକୁ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ମହଙ୍ଗା ହେବାରେ ଲାଗିଛି। ଏହା ଉପରେ ଏବେ ଠାରୁ ଲଗାମ ନଲଗାଇଲେ ଆଗକୁ ଦରଦାମ ସ୍ଥିତି ବିସ୍ଫୋରକ ହୋଇପଡ଼ିବ ବୋଲି ଅର୍ଥନୀତିଜ୍ଞମାନେ ସତର୍କ କରାଇଛନ୍ତି। ଏହାସହିତ ମୌସୁମୀକୁ ନେଇ ଆତଙ୍କିତ କଲା ଭଳି ଖବର ଆସୁଛି। ଏଲ ନିନୋ ଯୋଗୁଁ ଏଥର ମୌସୁମୀ ଦୁର୍ବଳ ହେବ ଏବଂ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇପାରେ। ଏହା ପୂରା କୃଷି ଶିଳ୍ପକୁ ବରବାଦ କରିଦେବାର ଆଶଙ୍କା ରହିଛି।

ସମଗ୍ର ଘଟଣା ଏବେ କେନ୍ଦ୍ର ସରକାରଙ୍କ ହୋସ୍ ଉଡ଼ାଇଦେଲାଣି। ଏଭଳି ପରିସ୍ଥିତିରୁ ଭାରତୀୟ ଅର୍ଥନୀତିକୁ କିପରି ସୁରକ୍ଷା ମିଳିପାରିବ ସେସଂପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତାଙ୍କର ଅର୍ଥନୀତି ପରାମର୍ଶଦାତା ପରିଷଦ (ପିଏମ୍-ଇଏସି) ସଦସ୍ୟମାନଙ୍କ ସହିତ ବୈଠକ ଡାକି ଆଲୋଚନା କରିଛନ୍ତି। ବୈଠକରେ ଅନେକ ନୂତନ ଚିନ୍ତାଧାରା ଏବଂ ପଦକ୍ଷେପ ଉପରେ ଖୋଲାଖୋଲି ଭାବରେ ଆଲୋଚନା କରାଯାଇଛି। ବୈଠକରେ ସାଧାରଣ ଲୋକଙ୍କ ଜୀବନକୁ ସହଜ କରିବା ଏବଂ ବ୍ୟବସାୟ ନିୟମକୁ ସରଳ କରିବା ପାଇଁ ପ୍ରମୁଖ ସଂସ୍କାର ଉପରେ ଆଲୋଚନା କରାଯାଇଥିଲା। ଅର୍ଥନୀତି ପରାମର୍ଶଦାତା ପରିଷଦର ସଦସ୍ୟମାନେ ପ୍ରଧାନମନ୍ତ୍ରୀଙ୍କୁ ଭାରତ ଏବଂ ବିଶ୍ୱ ଉପରେ ପଡୁଥିବା ପ୍ରଭାବର ଏକ ମୂଲ୍ୟାଙ୍କନ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ, ନୀତି ଆୟୋଗ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ) କୁ ଏକ ସ୍ୱତନ୍ତ୍ର ପ୍ରଭାବ ମୂଲ୍ୟାଙ୍କନ ରିପୋର୍ଟ ମଧ୍ୟ ଦାଖଲ କରିଛି। ଏହି ରିପୋର୍ଟରେ ପଶ୍ଚିମ ଏସିଆରେ ଏହି ସଙ୍କଟ ଦୀର୍ଘକାଳୀନ ହେଲେ ଆମର ବାଣିଜ୍ୟ, କ୍ଷୁଦ୍ର ଶିଳ୍ପ (ଏମ୍‌ଏସ୍‌ଏମ୍‌ଇ), କୃଷି ଏବଂ ବୃହତ ଶିଳ୍ପ କ୍ଷେତ୍ର ଉପରେ କି ପ୍ରଭାବ ପକାଇବ ତାହା ବର୍ଣ୍ଣନା କରାଯାଇଛି।

ସୂଚନାଯୋଗ୍ୟ ଯେ ଅର୍ଥନୀତିର ଗୁରୁତର ସ୍ଥିତି ଅନୁଭବ କରି ଭାରତୀୟ ରିଜର୍ଭ ବ୍ୟାଙ୍କ ମୁଦ୍ରା ନୀତି କମିଟି ବୈଠକରେ ନୀତି ରେପୋ ହାରକୁ ୫.୨୫%ରେ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଥିଲା। ଏହାସହିତ କମିଟି ଏହା ମଧ୍ୟ ସତର୍କ କରାଇ ଦେଇଛି ଯେ ଭବିଷ୍ୟତ ନିଷ୍ପତ୍ତି ଆଗାମୀ ଘଟଣା ଉପରେ ନିର୍ଭର କରିବ।

## ଯନ୍ତ୍ରୀଙ୍କ ଲକର୍‌ରେ...

ବୈକୁଣ୍ଠଙ୍କ ଏତେ ସମ୍ପତ୍ତି ଦେଖି ଭିଜିଲାନ୍ସ ଅଧିକାରୀ ଜଳକା ହୋଇଯାଇଛନ୍ତି। ଲକର୍‌ରୁ ବାହାରିଥିବା ଟଙ୍କାକୁ ଗଣିବାରେ ସେମାନେ ଫେଲ୍ ମାରିବା ପରେ ଟଙ୍କା ଗଣା ମେସିନ୍‌ର ବ୍ୟବହାର କରାଯାଇଛି। ଖବର ଲେଖା ହେବା ସୁଦ୍ଧା, ଭିଜିଲାନ୍ସ ବୈକୁଣ୍ଠଙ୍କ ସମସ୍ତ ସମ୍ପତ୍ତିର ଆକଳନ କରିନାହିଁ। ତେବେ ବର୍ତ୍ତମାନ ସୁଦ୍ଧା ମିଳିଥିବା ସମ୍ପତ୍ତିର ପରିମାଣ ୨୦କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ଚଢ଼ଉ ହୋଇଥିବା ୯ ଠିକଣା ମଧ୍ୟରେ ରହିଛି ଭୁବନେଶ୍ୱର ଚନ୍ଦ୍ରଶେଖରପୁର ନୀଳାଦ୍ରି ବିହାରଠାରେ ଏକ ବିଳାସପୂର୍ଣ୍ଣ ଚାରି ମହଲା କୋଠା, ଶୈଳଶ୍ରୀ ବିହାରର କୈଳାସବିହାରସ୍ଥିତ ଏକ ବୃହତ୍ ତିନି ମହଲା ବାସଭବନ, ପଟିଆ କାନନ ବିହାରରେ ବୈଦ୍ୟନାଥ ମେମୋରିଆଲ୍ ହସ୍ପିଟାଲ ନିକଟରେ ଥିବା ଏକ ଦୁଇ ମହଲା କୋଠା, ଚନ୍ଦ୍ରଶେଖରପୁରରେ ଏକ ଦୁଇ ମହଲା ବାସଭବନ ରହିଛି। ସେହିପରି ଯାଜପୁର ଜିଲ୍ଲା ଧର୍ମଶାଳା କଲେଜ ନିକଟ ପାଣ୍ଡୁଆରେ ନିଜ ପୈତୃକ ଜମିରେ ଦୁଇ ମହଲା କୋଠା, ମୟୂରଭଞ୍ଜ ଜିଲ୍ଲା ବାରିପଦା ଟାଉନ୍ ଦେଉଳ ସାହି ଏବଂ ଯାଜପୁର ପାଣ୍ଡୁଆ ଠାରେ ତାଙ୍କର ଦୁଇ ଜଣ ସମ୍ପର୍କୀୟଙ୍କ ଘରେ ମଧ୍ୟ ଚଢ଼ଉ ଜାରି ରହିଛି। ସେହିପରି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସ୍ଥିତ ଆଇଟିଡିଏ ଅଫିସ୍‌ରେ ଥିବା ବେହେରାଙ୍କ ନିଜସ୍ୱ କାର୍ଯ୍ୟାଳୟକକ୍ଷ ଏବଂ ନିକଟରେ ଥିବା ତାଙ୍କ ସରକାରୀ ଆବାସରେ ଭିଜିଲାନ୍ସ ଟିମ୍ ତନ୍ନତନ୍ନ କରି ଯାଞ୍ଚ କରିଥିଲେ। ଉଲ୍ଲେଖଯୋଗ୍ୟ, ୧୯୯୯ମସିହାରେ ବୈକୁଣ୍ଠନାଥ ଜଣେ କନିଷ୍ଠ ଯନ୍ତ୍ରୀ ଭାବେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ସେତେବେଳେ ତାଙ୍କର ଦରମା ମାତ୍ର ୬ ହଜାରେ ଟଙ୍କା ଥିଲା। ପରବର୍ତ୍ତୀ ସମୟରେ ଜେଇ ଭାବେ ଉଦଳା, କୁସୁମଗୁଡ଼ା ବ୍ଲକ୍, ଦେବୁଗାଁ ବ୍ଲକରେ କାମ କରିଥିଲେ। ପରେ ପୁଣି ପଦୋନ୍ନତି ପାଇଁ ଏଇ ଏବଂ ଏଇଇ ଭାବେ ବାଲିଗୁଡାରେ କାର୍ଯ୍ୟ କରୁଥିଲେ। ତେବେ ମାତ୍ର ୨୬ ବର୍ଷ ଚାକିରିକାଳ ମଧ୍ୟରେ କୋଟିକୋଟି ସମ୍ପତ୍ତି ଠୁଳ କରି ଭୁବନେଶ୍ୱର ଏବଂ ଯାଜପୁରରେ ନିବେଶ କରିଛନ୍ତି। ଯେଉଁଠିକି ବଦଳି ହୋଇ ଯାଇଛନ୍ତି, ସେଠାରେ ସେ ମୁକ୍ତହସ୍ତରେ ପକେଟରେ ପୂରାଇଛନ୍ତି ବୋଲି ଅଭିଯୋଗ ହୋଇଛି।

## ଦିଲ୍ଲୀରେ ଗର୍ଜିଲା...

ବିମାନବନ୍ଦରରୁ ବାହାରିବା ସମୟରେ ଅଭିଜିତ୍‌ଙ୍କ ହାତରେ ସମ୍ବିଧାନ ପ୍ରଣେତା ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ଆତ୍ମଜୀବନୀ ବହି ଦେଖିବାକୁ ମିଳିଥିଲା। ଏହି ବିକ୍ଷୋଭ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଦିଲ୍ଲୀ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଅତ୍ୟନ୍ତ କଡ଼ାକଡ଼ି କରାଯାଇଥିଲା। କେନ୍ଦ୍ରୀୟ ଦିଲ୍ଲୀର ଆନ୍ଦୋଳନ ସ୍ଥଳ ଏବଂ ଏହାର ଆଖପାଖ ଅଞ୍ଚଳରେ ପ୍ରାୟ ଦୁଇ ହଜାରରୁ ଅଧିକ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା। ଆନ୍ଦୋଳନ ସ୍ଥଳରେ ସଂଗଠନ ପକ୍ଷରୁ ବଣ୍ଟାଯାଇଥିବା ଏକ ପତ୍ରିକା (ଲିଫ୍‌ଲେଟ୍) ମାଧ୍ୟମରେ ସରକାରଙ୍କ ଉତ୍ତରଦାୟିତ୍ୱ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ନ୍ୟାୟ ଦାବି କରାଯାଇଛି। ସେମାନଙ୍କ କହିବା ଅନୁଯାୟୀ, ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ସେମାନେ ଆରମ୍ଭ କରିଥିବା ଅନଲାଇନ୍ ଅଭିଯାନରେ ଏପର୍ଯ୍ୟନ୍ତ ପ୍ରାୟ ଆଠ ଲକ୍ଷରୁ ଅଧିକ ଲୋକ ସ୍ୱାକ୍ଷର କରି ନିଜର ସମର୍ଥନ ଜଣାଇଛନ୍ତି। ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ପ୍ରସିଦ୍ଧ ଶିକ୍ଷାବିତ୍ ତଥା ପରିବେଶ ପ୍ରେମୀ ସୋନମ୍ ୱାଙ୍ଗଚୁକ୍ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ସଭା ଚାଲିଥିବା ବେଳେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାସଭବନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ପାର୍ଟିର ସମର୍ଥକମାନେ ଉପସ୍ଥିତ ପୁଲିସ କର୍ମୀଙ୍କୁ ଫୁଲ ଉପହାର ଦେଉଥିବାର ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା। ତେବେ ସଭା ଭଣ୍ଡୁର କରିବା ଲାଗି କେତେକ ଯୁବକଯୁବତୀ ଉଦ୍ୟମ କରିବାରୁ ପୁଲିସ ସେମାନଙ୍କୁ ଅଟକ ରଖିଥିଲା।

ସୂଚନାଯୋଗ୍ୟ ଯେ, ଗତ ମେ ୧୫ ତାରିଖରେ ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କୋର୍ଟରେ ଶୁଣାଣି ବେଳେ ବେକାର ଯୁବକମାନଙ୍କୁ ଉଦ୍ଦେଶ୍ୟ କରି 'ଅସରପା' ଏବଂ 'ପରଜୀବୀ' ବୋଲି ଏକ ମୌଖିକ ଟିପ୍ପଣୀ ଦେଇଥିଲେ। ଏହି ବୟାନର ପ୍ରତିବାଦରେ ମେ ୧୬ ତାରିଖରେ ଅଭିଜିତ୍ ଦୀପକେ ସାମାଜିକ ଗଣମାଧ୍ୟମରେ ଏକ ବ୍ୟଙ୍ଗାତ୍ମକ ସଂଗଠନ ଭାବେ 'କକ୍ରୋଚ୍ ଜନତା ପାର୍ଟି'ର ଗଠନ କରିଥିଲେ। ମାତ୍ର କେଇ ଘଣ୍ଟା ମଧ୍ୟରେ ଏଥିରେ ଲକ୍ଷ ଲକ୍ଷ ଲୋକ ସାମିଲ ହୋଇଥିଲେ। ଏବେ ଏହା ଏକ ବଡ଼ ଜନ ଆନ୍ଦୋଳନର ରୂପ ନେଇଛି।

## ବାପ ଓ ପୁଅଙ୍କ...

ଏପରି ସ୍ଥଳେ ୧୦ ଦିନ ପୂର୍ବେ ତୋଫାନ ବିଦେଶରୁ ଘରକୁ ଫେରିଥିବାବେଳେ ଭଉଣୀକୁ ଧାର କରଜ କରି ୫ ଲକ୍ଷ ଟଙ୍କା ଦେଇଥିବା ସମ୍ପର୍କରେ ଜାଣିବା ପରେ ପରିବାରରେ ବିବାଦ ସୃଷ୍ଟି ହୋଇଥିଲା। ଅନ୍ୟପକ୍ଷେ ପୁଅ ବିଦେଶରୁ ଫେରିଥିବାର ଜାଣି ଧାର ଦେଇଥିବା ଗ୍ରାମର ଲୋକେ ନବଘନଙ୍କୁ ନିଜର ଧାର ଟଙ୍କା ମାଗିବାକୁ ଆସିଥିଲେ। ଫଳରେ ବାପ-ପୁଅଙ୍କ ମଧ୍ୟରେ ବିବାଦ ବଢ଼ିଥିଲା। ଏହାକୁ ନେଇ ଶୁକ୍ରବାର ଉଭୟଙ୍କ ମଧ୍ୟରେ ବିବାଦ ଉଗ୍ରରୂପ ଧାରଣ କରିଥିଲା। ବାପ-ପୁଅଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ଲାଗିବାରୁ ଅନ୍ୟମାନେ ବହୁ ବୁଝାସୁଝା କରି ସେମାନଙ୍କୁ ଶାନ୍ତ କରାଇଥିଲେ। ହେଲେ ଝଗଡ଼ା ପରେ ନବଘନ ରାତି ଅଧରେ ଏକ ସାଇକଲ ନେଇ କେଉଁଆଡେ ଚାଲି ଯାଇଥିଲେ। ଏହା ଜାଣି ତୋଫାନ ବିଷ ପିଇଦେଇଥିଲେ। କିଛି ସମୟ ପରେ ତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ତାଙ୍କୁ ପ୍ରଥମେ ବାଣପୁର ଡାକ୍ତରଖାନା ଓ ପରେ ଖୋର୍ଦ୍ଧା ସ୍ଥାନାନ୍ତର କରାଯାଇଥିଲା। ହେଲେ ବାଟରେ ତୋଫାନଙ୍କ ମୃତ୍ୟୁ ହୋଇଯାଇଥିଲା।

ଅନ୍ୟପକ୍ଷେ ଶନିବାର ସକାଳେ ବାଲୁଗାଁ ରେଳ ଷ୍ଟେସନ ନିକଟସ୍ଥ ରେଳ ଧାରଣାରୁ ଏକ ମୃତଦେହକୁ ରେଳବାଇ ପୁଲିସ ଉଦ୍ଧାର କରିଥିବା ବେଳେ ଉକ୍ତ ମୃତଦେହଟି ନବଘନଙ୍କର ବୋଲି ଚିହ୍ନଟ ହୋଇଥିଲା। ରେଳବାଇ ପୁଲିସ ଉଦ୍ଧାର କରିଥିବା ନବଘନଙ୍କ ମୃତଦେହ ଖୋର୍ଦ୍ଧାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବେଳେ ତୋଫାନଙ୍କ ମୃତଦେହ ଖୋର୍ଦ୍ଧାରୁ ବ୍ୟବଚ୍ଛେଦ କରାଯିବା ପରେ ଅପରାହ୍ଣରେ ଗ୍ରାମରେ ପହଞ୍ଚିଥିଲା। ଉଭୟଙ୍କ ଶବ ଗୋଟିଏ ଜୁଇରେ ଦାହ କରାଯାଇଥିଲା।


## ପୂର୍ବ ତଟ ରେଳପଥ

ଟେଣ୍ଡର ନଂ. CAOCRSPBBS-28-2026

**କାର୍ଯ୍ୟର ନାମ :** (1) ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧିନସ୍ଥ ହାଓଡ଼ା-ବିଶାଖାପାଟଣା ମେନ୍ ଲାଇନରେ ଖଲିକୋଟ (KIT) ଏବଂ ରମ୍ଭା (RBA) ଷ୍ଟେସନ ମଧ୍ୟରେ କି.ମି. 543/29-31 ଠାରେ ଉଭୟ ପାର୍ଶ୍ୱରେ RE ୱାଲ ଆପ୍ରୋଚ ସହିତ କେଶପୁର / NH-16 ପାର୍ଶ୍ୱରେ 13 X 20.040 M ଏବଂ ଟେଲୁକିଆପଡ଼ା ଗାଁ ପାର୍ଶ୍ୱରେ 10 X 20.040 Mର ପ୍ରସ୍ତାବିତ ସ୍ପାନ ଏବଂ ଲେଭେଲ କ୍ରସିଂ ନଂ. 270 ପରିବର୍ତ୍ତେ କି.ମି. 543/35-37 ଠାରେ ରେଳବାଇ ଅଂଶ ନିମନ୍ତେ (1 X 60.0 M କ୍ୟାମେଲ ବ୍ୟାକ ଟାଇପ୍ ଟ୍ରସ୍ ଗର୍ଡର) ରୋଡ୍ ଓଭର ବ୍ରିଜ୍ (ROB)ର ନିର୍ମାଣ।
(2) ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧିନସ୍ଥ ହାଓଡ଼ା-ବିଶାଖାପାଟଣା ମେନ୍ ଲାଇନରେ ଖଲିକୋଟ (KIT) ଏବଂ ରମ୍ଭା (RBA) ଷ୍ଟେସନ ମଧ୍ୟରେ କି.ମି. 554/7-9 ଠାରେ ଆପ୍ରୋଚ ଅଂଶ ନିମନ୍ତେ NH-16 ପାର୍ଶ୍ୱରେ 4 X 25.04 M ଏବଂ ସାବୁଲିଆ ଗାଁ ପାର୍ଶ୍ୱରେ 9 X 25.04 Mର ପ୍ରସ୍ତାବିତ ସ୍ପାନ ଏବଂ ଲେଭେଲ କ୍ରସିଂ ନଂ. 273 ପରିବର୍ତ୍ତେ କି.ମି. 554/3-5 ଠାରେ ରେଳବାଇ ଅଂଶ ନିମନ୍ତେ 1 X 60.00 M କ୍ୟାମେଲ ବ୍ୟାକ ଟାଇପ୍ ଟ୍ରସ୍ ଗର୍ଡର + 1 X 24.00 M କମ୍ପୋଜିଟ୍ ଗର୍ଡର ସହିତ ରୋଡ୍ ଓଭର ବ୍ରିଜ୍ (ROB)ର ନିର୍ମାଣ।

**ବିଜ୍ଞାପିତ ମୂଲ୍ୟ :** ₹ 125,66,46,642.67, EMD : ₹ 2,51,32,900/-, ଶେଷ ହେବା ଅବଧି: 24 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.17.06.2026ରିଖ
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.01.07.2026ରିଖ 1200 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର କାଗଜପତ୍ର ସହିତ ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ହେବ।
ଉପ ମୁଖ୍ୟ ଯନ୍ତ୍ରୀ / ନିର୍ମାଣ / RSP / ଭୁବନେଶ୍ୱର
PR-78/CJ/26-27

## AFFIDAVIT
I, SANJIB KUMAR MONDAL, S/O THAKURDAS MANDAL, resident of At- Khanda, UV-12, PO/PS - Umarkote, Dist - Nabarangpur, Pin - 764073, Odisha, declare by this Affidavit No. 2251, Dated 05/06/2026, that now onwards I shall be known as **SANJIB KUMAR MANDAL** for all future purposes.

## ହଜିଯାଇଛି
ମୁଁ **ଅନିଲ କୁମାର ସାହୁ** ଘୋଷଣା କରୁଛି କି ମୋର ମୂଳ କବଲାର ଯାହାର ନଂ- ୧୦୩୯୧୩୦୦୬୧୭, ତା- ୨୮.୦୧.୨୦୧୩ ଏରିଆ ୪.୯ଡିସିମିଲର କାଗଜପତ୍ର କେଉଁ ଆଡେ ନରାଜ ଖଣ୍ଡପୁର ରୋଡରେ ହଜିଯାଇଛି। ଏ ବିଷୟରେ ମୁଁ ଗୋଡିସାହି ଥାନାରେ ଲିଖିତ ଅଭିଯୋଗ କରିଅଛି। ଯାହାର କେସ୍ ନଂ ୧୨ ତା-୦୩.୦୬.୨୦୨୬ ଅଟେ। ଯଦି କୌଣସି ବ୍ୟକ୍ତି ପାଆନ୍ତି ତେବେ ଉକ୍ତ ନଂ ୮୯୧୭୬୯୯୦୨୧ ରେ ଯୋଗାଯୋଗ କରିପାରିବେ। ମୁଁ ଏତଦ୍ୱାରା ଘୋଷଣା କରୁଅଛି କି ଉକ୍ତ କବଲା କୌଣସି ବ୍ୟାଙ୍କ ବା ବ୍ୟକ୍ତିଙ୍କ ପାଖରେ ବନ୍ଧକ ରଖାଯାଇ ନାହିଁ।

## AFFIDAVIT
I, Suman Agrawal @Sumanbai Agrawala, W/o- Mahesh Kumar Agrawal, resident of Lastala, Po./Ps.- Attabira, Dist.- Bargarh, Odisha declare by this affidavit No. 6620, Dated 14th June 2026 that, now onwards I shall be known as **Suman Agrawal, DOB- 03.06.1985** for all future purposes. In my passport my father's name has been mentioned as Golap Chandra Agrawal and in my Aadhar card my father's name has been mentioned as Golab Chandra Agrawal. That **Golab Chandra Agrawal** and **Golap Chandra Agrawal** is one and same person.

## AFFIDAVIT
I, SRITI MANDAL, W/O SANJIB KUMAR MANDAL, resident of At - Khanda, UV-12, PO/PS - Umarkote, Dist - Nabarangpur, Pin - 764073, Odisha declare by this Affidavit No.2252, Dated - 05/06/2026, that now onwards I shall be known as **SIRITI MONDAL** for all future purposes.

## AFFIDAVIT
I, JAGADDHATRI PANIGRAHI, W/o-Bikash Kumar Das, resident of At-College Square(mill-campus), PO/PS-Soro, Dist-Balasore, Odisha, Pin-756045 declare by this affidavit No.1645, dtd. 05/06/2026 that now onwards I shall be known as **JAGADHATRI PANIGRAHI** for all future purposes.

## AFFIDAVIT
By virtue of an affidavit sworn before the Executive Magistrate, Nabarangpur, Vide no - 897, dated 05-06-2026, I, ANAMU BHATRA, S/o - Jaya Bhatra, permanent resident of Village - Bhatrachikili, PO - Badakumuli, PS - Papadahandi, Dist - Nabarangpur, Odisha, Pin - 764059, declare that I have changed the name of my Son from PRAKESH BHATARA to PRAKASH BHATRA. Henceforth, he shall be known as **PRAKASH BHATRA** for all purposes.
**Sd/- Anamu Bhatra**

## AFFIDAVIT
By virtue of an affidavit sworn before the Notary Public, Phulbani, on dtd.05.06.2026, I, Sasmita Kanhar, formerly known as Rashmita Kanhar, At-Saulapada, Po-Kiamunda, P.S.-Phiringia, Dist.-Kandhamal, hereby declare that I have changed my name from Rashmita Kanhar to Sasmita Kanhar. Henceforth I shall be known as **Sasmita Kanhar** for all purposes.
**SASMITA KANHAR**

## TPWODL
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017
**Corrigendum to Notice Inviting Tender (NIT)**
Tender Notice No. TPWODL/IA/O/SITC/2500001178 Date: 30-04-2026
**SITC of 33/11 kV Underground Cable system and associated electrical work under SDMF – III**
The time period is hereby extended for Submission of Tender Participation Fee and Authorization Letter through e-mail till 9th June 2026, 15:00 Hrs, after which link from e-Tender system shall be shared. A Corrigendum to the said notice has been uploaded in our website **www.tpwesternodisha.com**. Prospective bidders are requested to visit the website for detailed amendment and updated tender document.
Sd/- Head-Contracts and Procurement

## Office of the Principal-in-Charge
**Science Higher Secondary School, Gudari (Rayagada)**
UDISE CODE-21271200241
Email ID- principalinchargesjcg@gmail.com
Letter No.- 147 SHSS/26 Dated-04/06/2026
**Walk-in-Interview**
A walk-in-interview for engagement of guest faculty one each of the subjects **English, Economics, Chemistry, Zoology & Mathematics** for the academic session **2026-27** will be held on **21.06.2026 at 11 AM** in the institution premises. Eligible candidates having at least 55% of marks at P.G level and having B.Ed from a recognized university may attend the walk-in-interview with all Original Documents in support of their educational qualification.
Candidates without B.Ed. may be considered for selection in case of non-availability of such candidates.
**No TA/DA** will be admissible for attending the interview.
Candidates may send their resume to **principalinchargesjcg@gmail.com.**
The authority reserves the right to cancel/modify/postpone the interview without assigning any reason thereof.
Principal-in-Charge-cum-Secretary
Science Higher Secondary School
Gudari, Dist-Rayagada

## AFFIDAVIT
I, Mahesh Kumar Agrawala, S/o- Biharilal Agrawal, resident of Lastala, Po.- Lastala, Ps./Tah- Attabira, Dist.- Bargarh, Odisha declare by this affidavit No. 6621 Dated 5th June 2026 that, now onwards I shall be known as **Mahesh Kumar Agrawal, DOB- 06.06.1980** for all future purposes.

## AFFIDAVIT
I, ADARSH DAS, S/o Rajendra Kumar Das, resident of Plot No. 928, Uparasahi Sikharpur, Cuttack, Cuttack Urban, Pin- 753003, Odisha, India declare by this affidavit Sl. No- 3439, Dated 19/05/2026, that now onwards I shall be known as **ADARSH RANJAN DAS** for all future purposes.
Sd/- ADARSH RANJAN DAS

## ODISHA HYDRO POWER CORPORATION LTD.
O/o Sr. GENERAL MANAGER, HIRAKUD HYDRO ELECTRIC PROJECT
POST BOX NO. 5, BURLA - 768017, DISTRICT : SAMBALPUR (ODISHA), INDIA
4001/131/2627
No. HHEP/Tech-PUR-129/ 4455 Date : 02.06.2026
**NOTICE INVITING TENDER NO. HHEP-49/2026**
Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Manufacturers/ Authorized Distributors / Authorized channel partner only for supply of the following materials as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/BC only (Refund-able) in Rs. |
|---|---|---|
| Supply of different size of Power Cables, Control Cables and Jointing Kits to HHEP, Burla as per tender specification | 11,800/- (Rs. 10,000 + GST @ 18%) | 51,050/- |

- Period of Sale / Download of tender paper : 08.06.2026 (10.00AM) to 22.06.2026 upto 05:30PM
- Last Date & Time of Receipt of tender document : 23.06.2026 upto 03.30PM
- Date & time of opening of bid : 23.06.2026 at 04.00PM

For details of the tender documents, terms and conditions please visit our website www.ohpc.co.in
OIPR-4001/4007/1/26-27/0013
Sd/- C & P Head, HHEP, Burla

## AFFIDAVIT
By virtue of an affidavit sworn before Executive Magistrate, Bhubaneswar, CF. NO - 52, dated 06/06/2026, I KHAIRUNNISA BIBI, W/o SK Sabiruddin resident of At-Sukarapada, Po- Sukarapara, Sub District. Salepur, Dist: Cuttack, Odisha, PIN: 754209, declare that I have changed my minor Son's name from **DANIYAL SABIR (Old Name)** to **SHAZIM ZOHAN (New Name)**. Henceforth, he shall be known as **SHAZIM ZOHAN** for all purposes.
Sd- KHAIRUNNISA BIBI

GOVERNMENT OF ODISHA
OFFICE OF THE SUPERINTENDING ENGINEER,
MALKANGIRI (R&B) DIVISION, MALKANGIRI
E-Procurement Notice
Bid Identification No. S.E (R&B)-MLK-05/2026-27
34001/310/2627
No. 3257 Date. 27.05.2026

| | |
|---|---|
| 1. Name of the work: | Civil Work |
| 2. Total No. of Works: | 01 Nos. |
| 3. Estimated cost: | 41.18 lakhs |
| 4. Period of completion: | 03(Three) months |
| 5. Date & time of availability of bid document in the portal: | From 11.00 hrs. of 08.06.2026 To 16.00 hrs. Of 16.06.2026 |
| 6. Last date / Time for receipt of bids in the Portal: | 16.00 hours of 16.06.2026 |
| 7. Date of opening of Tender: | 10.00 hours of 17.06.2026 |
| 8. Name and address of the Officer Inviting Bid: | Superintending Engineer Malkangiri(R&B) Division |

Further details can be seen from the e-procurement portal https://tendersorissa.gov.in
OIPR-34001/34063/1/26-27/0005
Superintending Engineer Malkangiri(R&B) Division

## AFFIDAVIT
I, Chhaya rani jena, aged about 64 years, W/o-Balaram Jena, resident of At- Satya Nagar, Semiliguda, Po- Semiliguda, Ps- Sunabeda, Dist - Koraput, Pin-764036, Odisha declared by this affidavit No. 1151, dtd-05/06/2026 that now onwards I shall be known as **CHAYARANI JENA** for all future purposes.

25001/340/2627
**OFFICE OF THE SUPERINTENDING ENGINEER RURALWORKS DIVISION, BALLIGUDA**
Government of Odisha e-Procurement Notice
Bid Identification No. Online Tender-03/EERWD BLG/2026-27
rw_balliguda@yahoo.com
Letter No. 3932 / RWDBLG Date 03.06.2026

| | | | |
|---|---|---|---|
| 1 | Name of the work | :: | Building Work |
| 2 | Estimated cost | :: | Rs.30.86 Lakhs |
| 3 | Period of Completion | :: | As per Annexure |
| 4 | Date & Time of availability of Bid documents in the Portal | :: | From 08.06.2026 at 10.00 AM to 17.06.2026 up to 5.00 PM |
| 5 | Last Date/ Time for receipt of Bids in the Portal | :: | 17.06.2026 up to 5.00 PM |
| 6 | Name and address of the Officer Inviting Bid | :: | Executive Engineer, Rural Works Division, Balliguda |

The Bidders have to participate in ONLINE bidding only. Further details can be displayed from the e-procurement portal website https://www.tendersodisha.gov.in . Any addendum / corrigendum / cancellation of tender can also be seen in the said website only.
OIPR-25001/25164/1/26-27/0003
Executive Engineer Rural Works Division Balliguda

## AFFIDAVIT
I, Mohamed Mustaqueem, aged about 43 years, S/o Late Mohammed Alriaja, resident of Plot No.76/2877, Meherpalli, Near Hanuman Temple, Ps-Laxmisagar, Bhubaneswar, Dist- Khordha, Pin-751006, Odisha declared by this affidavit No. 134, dtd-29/05/2026, that now onwards I shall be known as **MOHAMMED MUSTAQUEEM** for all future purposes.

## ଅନାସ୍ଥା କାର୍ଯ୍ୟକାରିତାରେ ବିଳମ୍ବ, ଚାପରେ ଅଛି କି ପ୍ରଶାସନ?

# ବଡ଼ ଆନ୍ଦୋଳନ ପାଇଁ ସଜବାଜ ଜନପ୍ରତିନିଧି

ନୟାଗଡ଼, ୬।୬(ସମିସ)

ନୟାଗଡ଼ ବ୍ଲକ ରାଜନୀତିକୁ ନେଇ ଉଷ୍ମ ହେଉଛି ବାତାବରଣ। ଜିଲ୍ଲା ପ୍ରଶାସନ ଅନାସ୍ଥା କାର୍ଯ୍ୟକାରୀ କରିବା ପାଇଁ ସମୟ ଗଡ଼ାଇ ଚାଲୁଥିବାରୁ କ୍ଷୁବ୍ଧ ହୋଇଛନ୍ତି ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି। ପ୍ରଥମେ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ସମୟ ଗଡ଼ାଇ ଚାଲିଥିଲେ। ଉପଜିଲ୍ଲାପାଳଙ୍କୁ ଜନପ୍ରତିନିଧିମାନେ ଗତ ୩୦ ତାରିଖ ଘେରାଉ କରିବା ପରେ ଦୁଇଦିନ ମଧ୍ୟରେ ଅନାସ୍ଥା ପ୍ରକ୍ରିୟା ଆରମ୍ଭ କରିବାକୁ ଜିଲ୍ଲାପାଳ ମଧୁମିତା ରଥ ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲାପାଳଙ୍କ ପ୍ରତିଶ୍ରୁତିକୁ ସପ୍ତାହ ବିତିଥିବା ବେଳେ ଏହା ମଧ୍ୟରେ ଦୁଇ ଦୁଇ ଥର ଜନପ୍ରତିନିଧିମାନେ ଜିଲ୍ଲାପାଳଙ୍କୁ ଭେଟି ସାରିଲେଣି। ତଥାପି ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଯାହାକୁ ନେଇ ନୟାଗଡ଼ ବ୍ଲକର ଜନପ୍ରତିନିଧିମାନେ ବଡ଼ ଧରଣର ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ସୂଚନା ମିଳିଛି।

ବ୍ଲକ ଅଧ୍ୟକ୍ଷ କିଶୋର ସାହୁଙ୍କୁ ପଦରୁ ବିତାଡ଼ିତ କରିବା ପାଇଁ ଜିଦ୍‌ରେ ଅଟଳ ଅଛନ୍ତି ସରପଞ୍ଚ ଓ ସମିତିସଭ୍ୟ। ବିଜେଡି ସମର୍ଥନରେ ଅଧ୍ୟକ୍ଷ ନିର୍ବାଚିତ ହୋଇଥିବା କିଶୋର ଦଳ ସହ ବିଶ୍ୱାସଘାତକତା କରି ନିଜ ବ୍ୟକ୍ତିଗତ ସ୍ୱାର୍ଥକୁ ଗୁରୁତ୍ୱ ଦେଇଛନ୍ତି। ନିଜ ବ୍ୟବସାୟ ସୁରକ୍ଷା ପାଇଁ ସେ ବିଜେଡିରୁ ଇସ୍ତଫା ଦେଇ ବିଜେପିରେ ମିଶିଥିବା ଅଭିଯୋଗ ହୋଇଛି। ସେ ଗତ ମେ ୧୨ ତାରିଖ ବିଜେଡିରୁ ଇସ୍ତଫା ଦେଇ ୧୫ ତାରିଖ ବିଜେପିରେ ମିଶିଥିଲେ। ଯାହାକୁ ନେଇ ସରପଞ୍ଚ ଓ ସମିତିସଭ୍ୟମାନେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ୧୮ ତାରିଖ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲେ ସୁଦ୍ଧା ଆଜିପର୍ଯ୍ୟନ୍ତ ଅନାସ୍ଥା ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଉପଜିଲ୍ଲାପାଳ ଅନାସ୍ଥା ପ୍ରସ୍ତାବରେ ଥିବା ଦସ୍ତଖତ ଯାଞ୍ଚ କରିବାକୁ ପଠାଇ ସମୟ ଗଡ଼ାଇ ଚାଲିଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଗତ ୩୦ ତାରିଖ ଅନେକ ଜନପ୍ରତିନିଧି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କୁ ଘେରାଉ କରିଥିଲେ। ଉପଜିଲ୍ଲାପାଳଙ୍କୁ ପ୍ରଶ୍ନବାଣରେ ଛନ୍ଦିଥିଲେ। କାହିଁକି ବିଳମ୍ବ ହେଉଛି, ଚାପରେ ପ୍ରଶାସନ ଚେପା ହେଉଛି କି ବୋଲି ପ୍ରଶ୍ନ କରିଥିଲେ। ଉପଜିଲ୍ଲାପାଳ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଯାହାକୁ ନେଇ ଜନପ୍ରତିନିଧିମାନେ ଧାରଣା ଦେବାକୁ ଚେତାବନୀ ଦେଇଥିଲେ। ଖବର ପାଇ ଜିଲ୍ଲାପାଳ ରଥ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ପହଞ୍ଚି ଜନପ୍ରତିନିଧିଙ୍କୁ ବୁଝାସୁଝା କରିଥିଲେ। ଦୁଇଦିନ ମଧ୍ୟରେ ଅନାସ୍ଥା ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ଜନପ୍ରତିନିଧିମାନେ ଜିଲ୍ଲାପାଳଙ୍କୁ ଦୁଇଥର ଭେଟିବା ପରେ ବି ଅନାସ୍ଥା ପାଇଁ କୌଣସି ପ୍ରକ୍ରିୟା ଆରମ୍ଭ ନ ହେବା ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାକୁ ନେଇ ନୟାଗଡ଼ରେ ରାଜନୈତିକ ମାହୋଲ ଉଷ୍ମ ହେଉଛି। ପ୍ରଶାସନ ସରକାରୀ ଦଳର ହାତବାରିଶି ସାଜିଥିବା ଅଭିଯୋଗ ହୋଇଛି। ନୟାଗଡ଼ ବ୍ଲକ ରାଜନୀତିକୁ ନେଇ ଏବେ ଭିନ୍ନ ପରିସ୍ଥିତି ସୃଷ୍ଟି ହୋଇଛି। ଜିଲ୍ଲା ପ୍ରଶାସନ ବିରୋଧରେ ବଡ଼ ଧରଣର ଆନ୍ଦୋଳନ ପାଇଁ ଜନପ୍ରତିନିଧିମାନେ ସଜବାଜ ହେଉଥିବା ସୂଚନା ମିଳିଛି।

# ଖଳିବକଟା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ଦାବି



ଭାପୁର, ୬।୬(ସମିସ): ରାଜ୍ୟ ସରକାର ରାଜ୍ୟର ଅନ୍ୟୂନ ୩୦ ଭାଗ ଚାଷଜମିରେ ଜଳସେଚନ ସୁବିଧା ଯୋଗାଇଦେବା ପାଇଁ ଘୋଷଣା କରିଛନ୍ତି। ବୃହତ ଜଳସେଚନ ପ୍ରକଳ୍ପ ପରିବର୍ତ୍ତେ ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କରି ଜଳସେଚନ ସୁବିଧା ଯୋଗାଇ ଦେବା ଲକ୍ଷ୍ୟରେ ବିଭିନ୍ନ ପ୍ରକଳ୍ପ ଆରମ୍ଭ କରୁଛନ୍ତି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବାଉଁଶବାଟୀ ଗାଁ ନିକଟରେ ଥିବା ଗୋଶିଙ୍ଗ ପାହାଡ଼ ପାଦଦେଶରେ ରହିଛି ଏକ ବିସ୍ତିର୍ଣ୍ଣ ପଡ଼ିଆ। ଯାହାକୁ ଗ୍ରାମବାସୀ ଖଳିବକଟା ପଡ଼ିଆ କୁହନ୍ତି। ଏହା ପ୍ରାୟ ଦୁଇଶହ ଏକର ଅଞ୍ଚଳ ହେବ। ଏହି ପଡ଼ିଆ ଦେଇ ଗୋଶିଙ୍ଗ ପାହାଡ଼ରୁ ବୋହି ଆସୁଛି ଏକ ଝରଣା। ଏହି ପଡ଼ିଆକୁ ବନ୍ଧ ପକାଇ ଝରଣା ପାଣି ସହ ଗୋଶିଙ୍ଗ ପାହାଡ଼ରୁ ବୋହି ଯାଉଥିବା ପାଣିକୁ ଅଟକାଇ ରଖାଗଲେ ଏହା ଜିଲ୍ଲାର ଅନ୍ୟତମ ବୃହତ ଜଳଭଣ୍ଡାର ହୋଇପାରନ୍ତା। ଏ ନେଇ ନା ସ୍ଥାନୀୟ ଜନସାଧାରଣ ଦୃଢ଼ ଦାବି କରୁଛନ୍ତି ନା ସ୍ଥାନୀୟ ନେତୃତ୍ୱ ଆଗ୍ରହ ଦେଖାଉଛନ୍ତି। ଏଭଳି ଏକ ସମ୍ଭାବନାପୂର୍ଣ୍ଣ ବିସ୍ତୃତ ଜଙ୍ଗଲ ତଳିଆ ଅଞ୍ଚଳ କଥା କ୍ଷୁଦ୍ର ଜଳସେଚନ ବିଭାଗ ଜାଣିବ ବା କିପରି। ଯଦିଓ ଥରେ ଦୁଇଥର ବିଭାଗୀୟ ଅଧିକାରୀଙ୍କୁ ଏ ନେଇ ଅବଗତ କରାଯାଇଛି ସେ କଥାକୁ ବିଭାଗୀୟ ବାବୁମାନେ ଏତେଟା ଗୁରୁତ୍ୱ ଦେଇନାହାନ୍ତି। ଏହି ଅଞ୍ଚଳରେ ମୃତ୍ତିକା ସରକ୍ଷଣ ବିଭାଗ ଦୁଇ ତିନିଟି ଛୋଟ ପଥର ବନ୍ଧକରି ମୃତ୍ତିକା କ୍ଷୟ ରୋକିବାକୁ ଚେଷ୍ଟା କରିଛି। ଏହି ପଞ୍ଚାୟତର ଯୁବ ସରପଞ୍ଚ ସୌମ୍ୟରଞ୍ଜନ ସାହୁ, ଜିଲ୍ଲାପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ ଓ ପୂର୍ବତନ ସରପଞ୍ଚ ରାଜେଶ କୁମାର ସାମନ୍ତରାୟ ମଧ୍ୟ ଉଦ୍ୟମ କରି ସଫଳ ହୋଇନାହାନ୍ତି। ଏଠାରେ ଏକ ଜଳସେଚନ ପ୍ରକଳ୍ପ କରାଗଲେ ବାଉଁଶବାଟୀ, ରାକମା ପଞ୍ଚାୟତର ଶତାଧିକ ଏକର ଚାଷଜମିକୁ ଜଳସେଚନ ସୁବିଧା ହୋଇପାରନ୍ତା। ଏ ନେଇ ଧର୍ମେନ୍ଦ୍ର କୁମାର ଧଳ ଜିଲ୍ଲା ପରିଷଦ ବୈଠକରେ ଦାବି ଉପସ୍ଥାପନ କରିବେ ବୋଲି କହିଛନ୍ତି।

## ଗଛ ପଡ଼ି ମହିଳାଙ୍କ ଗୋଡ଼ ଭାଙ୍ଗିଲା

# ଖଟିଆରେ ବୁହାହେଲେ ୩ କିଲୋମିଟର



ଗଣିଆ, ୬।୬(ସମିସ): ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ଦେଖିବାକୁ ମିଳିଛି ଗଣିଆ ବ୍ଲକରେ। କାଳବୈଶାଖୀ ଯୋଗୁଁ ଶନିବାର ଅପରାହ୍ନରେ ପ୍ରବଳ ବର୍ଷା ପବନ ହୋଇଥିଲା। ବିଭିନ୍ନ ସ୍ଥାନରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିଲା। ଦୀର୍ଘ ସମୟ ଧରି ଗଣିଆ-ଛାମୁଣ୍ଡିଆ ରାସ୍ତାରେ ଯାତାୟାତ ଠପ୍ ହୋଇଥିଲା। ରାସଙ୍ଗ ପଞ୍ଚାୟତ କାଦୁଆ ଗ୍ରାମର ସୁଲୋଚନା ନାୟକ ବାଡ଼ି ପଟକୁ ଯାଉଥିବା ବେଳେ ପବନରେ ଏକ ଗଛଡାଳ ତାଙ୍କ ଉପରେ ପଡ଼ିଥିଲା। ଫଳରେ ତାଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଥିଲା। ଆମ୍ବୁଲାନ୍ସକୁ ଫୋନ କରିଥିଲେ ମଧ୍ୟ ଆମ୍ବୁଲାନ୍ସ ଆସି ନ ଥିଲା। ପରିବାର ଲୋକେ ଉପାୟଶୂନ୍ୟ ହୋଇ ସାମ୍ବାଦିକ କାହ୍ନୁଚରଣ ନାୟକଙ୍କ ସହଯୋଗରେ ଏକ ଖଟିଆରେ ସୁଲୋଚନାଙ୍କୁ ପ୍ରାୟ ୩ କିଲୋମିଟର ବୋହି ଆଣିଥିଲେ। ସାମ୍ବାଦିକ ନାୟକ ଗଣିଆ ଥାନାକୁ ଫୋନ କରିବା ପରେ ଥାନା ଅଧିକାରୀ ଟଙ୍କଧର ଛତ୍ରିୟା ଥାନା ଗାଡ଼ି ପଠାଇଥିଲେ। ଦଶିପୁର ତୋଟାଠାରୁ ଥାନା ଗାଡ଼ିରେ ସୁଲୋଚନାଙ୍କୁ ମେଡିକାଲ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ନୟାଗଡ଼ ମେଡ଼ିକାଲ ସ୍ଥାନାନ୍ତର କରାଯାଇଛି। ଗଣିଆରେ ଏଭଳି ଅନେକ ସମୟରେ ଆମ୍ବୁଲାନ୍ସ ଆସୁ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ବର୍ଷେ ବି ଗଲାନି ଦେଢ଼ଲକ୍ଷର କଂକ୍ରିଟ ରାସ୍ତା

## ନିମ୍ନମାନର କାମକୁ ନେଇ ବଢୁଛି ଅସନ୍ତୋଷ

ନୂଆଗାଁ, ୬।୬(ସମିସ): ନୂଆଗାଁ ବ୍ଲକ ନୂଆଗାଁ ପଞ୍ଚାୟତ ଭାଲିଆପଦର ଗ୍ରାମରେ ଦେଢ଼ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା କଂକ୍ରିଟ ରାସ୍ତା ବର୍ଷେ ବି ଗଲାନି। ବିଲ୍ କରିବା ବେଳକୁ ତାହା ଫାଟି ଆଁ କରିଥିବାରୁ ମରାମତି ବିଲ୍ କରାଯାଇଥିବା ଅଭିଯୋଗ ହେଉଛି। ଆଦିବାସୀ ବହୁଳ ଭାଲିଆପଦର ଗ୍ରାମରେ ମାଟି ରାସ୍ତାକୁ କଂକ୍ରିଟ କରିବା ପାଇଁ ଗ୍ରାମବାସୀ ଦାବି କରିଥିଲେ। ଗ୍ରାମବାସୀଙ୍କ ଦାବି ପୂରଣ କରିବା ପାଇଁ ନେତା ପ୍ରତିଶ୍ରୁତି ଦେଇଥିଲେ। ଅନୁଦାନ ନ ଥାଇ ମଧ୍ୟ ୨୦୨୪ ଅକ୍ଟୋବର ୧୩ରେ ସେଠାରେ ଦେଢ଼ଲକ୍ଷ ଟଙ୍କା ବ୍ୟୟରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲା। କିନ୍ତୁ ନିର୍ମାଣ ସମୟରେ କୌଣସି ସୂଚନା ଫଳକ ନିର୍ମାଣ ନ କରି ନିମ୍ନମାନର କାର୍ଯ୍ୟ କରାଯାଇଥିଲା। ଫଳରେ ଠିକାଦାର ଅନୁଦାନ ମଞ୍ଜୁର କରାଇ ବିଲ୍ କରିବା ପାଇଁ ପ୍ରୟାସ କରିବା ବେଳକୁ ରାସ୍ତା ଫାଟି ଆଁ କରି ସାରିଥିଲା। ତେବେ ବିଲ୍ କରିବା ପାଇଁ ବିଭାଗୀୟ ଅଧିକାରୀ ମନା କରିଥିଲେ। ରାସ୍ତା ମରାମତି କରି ଠିକାଦାର ବିଲ୍ ନେଇଥିଲେ। ରାସ୍ତା ନିର୍ମାଣ ବାବଦରେ ଦାୟିତ୍ୱରେ ଥିବା ତତ୍କାଳୀନ ଯନ୍ତ୍ରୀ ନେତ୍ରରଞ୍ଜନ ମିଶ୍ରଙ୍କୁ ପଚାରିବାରେ ମୋ ସମୟରେ ରାସ୍ତା ନିର୍ମାଣ କରାଯାଇଥିଲେ ମଧ୍ୟ ମୁଁ ବିଲ୍ କରି ନ ଥିଲି ବୋଲି କହିଥିଲେ। ଆଦିବାସୀଙ୍କ ଗମନାଗମନ ସୁବିଧା ପାଇଁ ସରକାରୀ ଅନୁଦାନ ବ୍ୟୟ ହେଉଥିବା ବେଳେ ଠିକାଦାର ଓ ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ନିମ୍ନମାନର କାର୍ଯ୍ୟ କରି ଅନୁଦାନ ହଡ଼ପ ବାବଦରେ ନୂଆଗାଁ ବିଡିଓ ଅମୃତ କୁମାର ରାଉଳଙ୍କୁ ପଚାରିବାରେ କହିଲେ, ଗାଡ଼ି ଯିବା ଆସିବା କରି ରାସ୍ତା ଫାଟି ଯାଇଥିବା ମୁଁ ଶୁଣିଥିଲି। ଆଉ କ'ଣ ହୋଇଛି ତାହା ମୁଁ ଦେଖିବି ବୋଲି ବିଡିଓ ରାଉଳ କହିଛନ୍ତି।



# କଂଗ୍ରେସ ସଂଗଠନ ମଜବୁତ୍ କରିବାକୁ ଆହ୍ୱାନ

## ଚୟନ ହେବେ ଜୋନ୍ ସଭାପତି

ନୟାଗଡ଼, ୬।୬(ସମିସ): ନୟାଗଡ଼ ଜିଲ୍ଲା ବ୍ୟାପୀ ପ୍ରତ୍ୟେକ ଜିଲ୍ଲା ପରିଷଦ ଜୋନରେ କଂଗ୍ରେସ ସଭାପତି ଚୟନ ପାଇଁ ସାଙ୍ଗଠନିକ ବୈଠକ ଆୟୋଜନ କରାଯାଇଛି। ବ୍ଲକ କଂଗ୍ରେସ ସଭାପତିମାନେ ପ୍ରତ୍ୟେକ ଜୋନରୁ ସଭାପତି ପଦ ପାଇଁ ଅନ୍ୟୂନ ତିନିଜଣଙ୍କ ନାଁ ଡିସିସିକୁ ସୁପାରିସ କରିବାକୁ ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶ ଚିଠି କରିଛନ୍ତି। ଏଆଇସିସି ଏବଂ ପିସିସି ମାର୍ଗଦର୍ଶିକା ଅନୁସାରେ ପ୍ରତ୍ୟେକ ଜୋନ, ଜୋନ୍ ସଭାପତି ଚୟନ ପାଇଁ ସମ୍ପୃକ୍ତ ଜୋନର ପ୍ରତ୍ୟେକ ବୁଥରୁ ବିଏଲଏ-୨ଙ୍କ ସମେତ ସର୍ବନିମ୍ନ ୫ଜଣ ଲେଖାଏଁ ଦଳୀୟ କର୍ମୀଙ୍କ ଉପସ୍ଥିତି ବାଧ୍ୟତାମୂଳକ କରାଯାଇଛି। ବୈଠକରେ କର୍ମୀଙ୍କ ଦ୍ୱାରା ମନୋନୀତ ଦକ୍ଷ ସଙ୍ଗଠକଙ୍କୁ ଜୋନ ସଭାପତି ମନୋନୀତ କରାଯିବାର ଆବଶ୍ୟକତା ଉପରେ ଧ୍ୟାନ ଦେବାକୁ ବ୍ଲକ ସଭାପତିଙ୍କୁ କୁହାଯାଇଛି। ଜିଲ୍ଲା ବ୍ୟାପୀ ଏହି ସାଙ୍ଗଠନିକ ବୈଠକ ପାଇଁ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲାର ସମସ୍ତ ଦଳୀୟ ନେତୃବୃନ୍ଦଙ୍କୁ ବିଭିନ୍ନ ବ୍ଲକ ପାଇଁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ଜୁନ ଶେଷ ସପ୍ତାହରେ ଜିଲ୍ଲାବ୍ୟାପୀ କଂଗ୍ରେସ ସଂଗଠନ ପୁନର୍ବିନ୍ୟାସ କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ଜିଲ୍ଲା କଂଗ୍ରେସ ସଭାପତି ପ୍ରେସ ବାର୍ତ୍ତାରେ କହିଛନ୍ତି।

# ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଗିରଫ



ଗଣିଆ, ୬।୬(ସମିସ): ଗଣିଆ ଥାନା ଛାମୁଣ୍ଡିଆ ଗ୍ରାମରେ ଜଣେ ୧୫ ବର୍ଷୀୟ ନାବାଳିକାଙ୍କୁ ଦୁଷ୍କର୍ମ କରି ଆସୁଥିଲେ ତାଙ୍କ ଦାଦା। ନାବାଳିକାଙ୍କ ବାପା ମା' ବାହାରେ ରହି କାମ କରୁଥିବା ବେଳେ ସେ ଜେଜେମାଆଙ୍କ ସହ ଘରେ ରହୁଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ନାବାଳିକାଙ୍କୁ ଦାଦା ତାଙ୍କ ସହ ଜୋର ଜବରଦସ୍ତ ବାରମ୍ବାର ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଏ କଥା କାହାକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଉଥିଲେ। ନାବାଳିକା ଏ ସମ୍ପର୍କରେ ମା'ଙ୍କୁ ଜଣାଇବା ପରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଥାନା ଅଧିକାରୀ ଟଙ୍କଧର ଛତ୍ରିୟା, ଏଏସଆଇ ଶାହା ଆଲାମ ଖାଁ ଅଭିଯୁକ୍ତକୁ ଥାନାକୁ ଆଣି ପଚରାଉଚରା କରିଛନ୍ତି। ଶନିବାର ଡାକ୍ତରୀ ମାଇନା କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

# ଆଜିଠୁ ୧୭ତମ ଓଡ଼ଗାଁ କ୍ରିକେଟ ଲିଗ୍

ଓଡ଼ଗାଁ, ୬।୬(ସମିସ): ଓଡ଼ଗାଁ ମିନି ଷ୍ଟାଡିୟମରେ ରଘୁନାଥ ଆଥଲେଟିକ ଆସୋସିଏସନ୍ ପକ୍ଷରୁ ଆୟୋଜିତ ୧୭ତମ ଓଡ଼ଗାଁ କ୍ରିକେଟ ଲିଗ୍ (ଓସିଏଲ୍) ରବିବାର ଆରମ୍ଭ ହେବ। ଏହି ପ୍ରତିଷ୍ଠିତ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମୋଟ ୩୨ ଦଳ ଅଂଶଗ୍ରହଣ କରିବେ। ୧୦ ଦିନ ଧରି ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଆସନ୍ତା ୧୬ ତାରିଖ ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟ ଉଦଘାଟନ ପୂର୍ବରୁ ଖେଳାଳିମାନେ ସକାଳ ୯ଟାରେ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିରରୁ ମଶାଲ ଗ୍ରହଣ କରି ବିଶାଳ ଶୋଭାଯାତ୍ରାରେ ସାମିଲ ହେବେ। ରଘୁନାଥ ଆଥଲେଟିକ ଆସୋସିଏସନ ସମ୍ପାଦକ ତଥା ସ୍ଥାନୀୟ ଅଞ୍ଚଳର ଜଣାଶୁଣା କ୍ରୀଡ଼ା ସଂଗଠକ ଦିବାକର ନାୟକଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ନଗର ପରିକ୍ରମା କରି ମିନି ଷ୍ଟାଡିୟମରେ ପହଞ୍ଚିବ। ଉଦଘାଟନୀ ସମାରୋହରେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୋଭାଯାତ୍ରାରେ ସାମିଲ ହେବେ। ସ୍ଥାନୀୟ କ୍ରିକେଟପ୍ରେମୀଙ୍କ ମଧ୍ୟରେ ଏହି ଟୁର୍ଣ୍ଣାମେଣ୍ଟକୁ ନେଇ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ ରଘୁନାଥ ଆଥଲେଟିକ ଆସୋସିଏସନ୍ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

# ପଞ୍ଚାୟତ ପ୍ରିମିୟର ଲିଗ୍ ଶୁଭାରମ୍ଭ



ଗଣିଆ, ୬।୬(ସମିସ): ଗଣିଆ ବ୍ଲକ କରଡ଼ାପଡ଼ା ପଞ୍ଚାୟତରେ ସିଜିନ-୧ ପ୍ରିମିୟର ଲିଗ୍ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ସରପଞ୍ଚ ପ୍ରମୋଦିନୀ ସାହୁ ଯୋଗଦେଇ ଏହାକୁ ଉଦଘାଟି କରିଥିଲେ। ପ୍ରଥମ ମ୍ୟାଚରେ ପରସ୍ପରକୁ ଭେଟିଥିଲେ କେକେ ୱାରିୟର୍ସ ଓ ରୟାଲ ଷ୍ଟ୍ରାଇକର। ପ୍ରଥମେ ବ୍ୟାଟିଂ କରି ରୟାଲ ଷ୍ଟ୍ରାଇକର ୧୦ ଓଭରରେ ୧୦୦ ରନ୍ କରିଥିଲା। ଜବାବରେ କେକେ ୱାରିୟର୍ସ ୮.୩ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ପ୍ରଶାନ୍ତ କୁମାର ବେହେରା ଏବଂ କରୁଣାକର ପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ।

# ବୈଦିକ ବ୍ରାହ୍ମଣ ସମାଜର ବାର୍ଷିକ ସମ୍ମିଳନୀ



ଓଡ଼ଗାଁ, ୬।୬(ସମିସ): ଓଡ଼ଗାଁସ୍ଥିତ ଶ୍ରୀ ରଘୁନାଥ ବୈଦିକ ବ୍ରାହ୍ମଣ ସମାଜର ବାର୍ଷିକ ସମ୍ମିଳନୀ ଶୁକ୍ରବାର ସନ୍ଧ୍ୟାରେ କଲେଜ ରୋଡ୍ ସ୍ଥିତ ହ୍ୱାଇଟ ହାଉସ ପରିସରରେ ଅନୁଷ୍ଠିତ ହୋଇଛି। ସଭାପତି ଭଗବାନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପ୍ରାୟ ୪୦ ବ୍ରାହ୍ମଣ ପରିବାରର ପ୍ରତିନିଧି ଯୋଗଦେଇଥିଲେ। ସମ୍ପାଦକ ସୁରେନ୍ଦ୍ରନାଥ ମିଶ୍ର ବାର୍ଷିକ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ମୁଖ୍ୟ ଉପଦେଷ୍ଟା ବସନ୍ତ କୁମାର ମିଶ୍ର ବ୍ରାହ୍ମଣ ସମାଜର ଏକତା, ସଂସ୍କାରପୂର୍ଣ୍ଣ ଚଳଣି ଏବଂ ବୈଦିକ ସାମାଜିକ କାର୍ଯ୍ୟକଳାପକୁ ଅଧିକ ଗୁରୁତ୍ୱ ଦେବାକୁ ଆହ୍ୱାନ କରିଥିଲେ। ଗୋଦାବାରୀ ଷଡ଼ଙ୍ଗୀ, ଜଳନ୍ଧର ରଥ, ଅଖିଳ ମିଶ୍ର, ଶିବାରାମ ଷଡ଼ଙ୍ଗୀ, ବୈକୁଣ୍ଠ ବିହାରୀ ମିଶ୍ର ଓ ଇନ୍ଦୁଭୂଷଣ ମିଶ୍ର ପ୍ରମୁଖ ନିଜ ମତାମତ ରଖିଥିଲେ। ସମ୍ମାନିତ ଅତିଥି ସାମ୍ବାଦିକ ଅଶୋକ କୁମାର ମହାପାତ୍ର ସମାଜର କାର୍ଯ୍ୟକୁ ପ୍ରଶଂସା କରି ଯୁବପିଢ଼ିଙ୍କୁ ପରମ୍ପରା ଓ ସଂସ୍କୃତି ସହ ଯୋଡ଼ି ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଭାବଗ୍ରାହୀ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଏନ୍‌ଏସିର ୬ ପୋଖରୀ ନିଲାମ

ଓଡ଼ଗାଁ, ୬।୬(ସମିସ): ଓଡ଼ଗାଁ ଏନ୍‌ଏସି ଅଧୀନରେ ଥିବା ୯ ପୋଖରୀ ମଧ୍ୟରୁ ୬ ପୋଖରୀକୁ ମାଛଚାଷ ଉଦ୍ଦେଶ୍ୟରେ ନିଲାମ କରାଯାଇଛି। ପ୍ରଥମ ଥର ପାଇଁ ପ୍ରକାଶିତ ନୋଟିସ ଅନୁଯାୟୀ ନିଲାମ ଡାକରା ହୋଇଥିବା ବେଳେ ନିଲାମଧାରୀମାନେ ନିର୍ଦ୍ଧାରିତ ଅର୍ଥ ଜମା କରିବା ପରେ ଚୁକ୍ତି ପ୍ରକ୍ରିୟାରେ ସେମାନଙ୍କୁ ପୋଖରୀ ହସ୍ତାନ୍ତର କରାଯାଇଛି। ଶନିବାର ଓଡ଼ଗାଁ ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ନିର୍ବାହୀ ଅଧିକାରୀ ନୀହାର ରଞ୍ଜନ ବେହେରା ଏବଂ ଅତିରିକ୍ତ ତହସିଲଦାର ପବିତ୍ର କୁମାର ସେଠୀଙ୍କ ଉପସ୍ଥିତିରେ ନିଲାମ ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା। ନିଲାମ ସମୟରେ ଯେଉଁ ବ୍ୟକ୍ତି ସର୍ବାଧିକ ଦର ପ୍ରଦାନ କରିଥିଲେ ସେମାନଙ୍କ ନାମରେ ସର୍ବସମ୍ମୁଖରେ ନିଲାମ ଚୂଡ଼ାନ୍ତ କରାଯାଇଥିଲା। ଆଖୁପଦର, ରଗଡ଼ିସାହି ଓ ଖଜୁରିଆ ପୋଖରୀ ମାଛଚାଷ ପାଇଁ ଉପଯୁକ୍ତ ନ ଥିବାରୁ ସେଗୁଡ଼ିକୁ ନିଲାମ ପ୍ରକ୍ରିୟାରୁ ବାଦ ଦିଆଯାଇଛି। ଏହି ପୋଖରୀଗୁଡ଼ିକର ନିଲାମ ଦ୍ୱାରା ଓଡ଼ଗାଁ ଏନ୍‌ଏସିର ରାଜସ୍ୱ ବୃଦ୍ଧି ପାଇବା ସହ ଭବିଷ୍ୟତରେ ସରକାରଙ୍କଠାରୁ ସମପରିମାଣ କିମ୍ବା ଅଧିକ ଅର୍ଥ ଅନୁଦାନ ପ୍ରାପ୍ତି ପାଇଁ ମଧ୍ୟ ସୁଯୋଗ ସୃଷ୍ଟି ହୋଇପାରିବ।

# ପ୍ରକୃତି ବନ୍ଧୁ ସୁକାନ୍ତ ଚୌଧୁରୀଙ୍କୁ ସବୁଜ ଯୋଦ୍ଧା ସମ୍ମାନ



ଓଡ଼ଗାଁ, ୬।୬(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ କୁରାଳ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ପ୍ରକୃତିବନ୍ଧୁ ସୁକାନ୍ତ ଚୌଧୁରୀଙ୍କୁ ନୟାଗଡ଼ ପଠାଣି ସାମନ୍ତ ଅଡିଟୋରିୟମରେ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ଦ୍ୱାରା ଆୟୋଜିତ ବାର୍ଷିକ ଅଧିବେଶନ ତଥା ଜୁନ୍ ୫ ତାରିଖ ବିଶ୍ୱ ପରିବେଶ ଦିବସରେ ପରିବେଶ ଓ ସମାଜସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣକୁମାର ସାହୁ ଯୋଗଦେଇ ଚୌଧୁରୀଙ୍କୁ ସମ୍ମାନିତ କରିଥିଲେ। ସେହିପରି ଶରଣକୁଳ ହରିହରପୁର ତରଫରୁ ସୁକାନ୍ତଙ୍କୁ ସବୁଜ ଯୋଦ୍ଧା ସମ୍ମାନରେ ମଧ୍ୟ ସମ୍ମାନିତ କରାଯାଇଛି।

## ଅଲୋଷ୍ଟା ଦୁଇଦିନିଆ ସାମ୍ବିଧାନିକ ସମ୍ମିଳନୀ

# କର୍ମକର୍ତ୍ତା ଚୟନ ନେଇ ପ୍ରବଳ ହଟ୍ଟଗୋଳ

ନୟାଗଡ଼, ୬।୬(ସମିସ)



ନୟାଗଡ଼ ପଠାଣି ସାମନ୍ତ ପ୍ରେକ୍ଷାଳୟରେ ଦୁଇଦିନ ଧରି ଚାଲିଥିବା ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ (ଆଲୋଷ୍ଟା)ର ୩୨ତମ ରାଜ୍ୟସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ ଓ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ୩୭ତମ ଶ୍ରାଦ୍ଧବାର୍ଷିକୀ ଆଲୋଚନାଚକ୍ର ଶନିବାର ଉଦଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସଭାପତି ବିକ୍ରମ କୁମାର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଘାଟନ ସଭାରେ ଅନ୍ୟତମ ଅତିଥି ଭାବେ ଏସଟିଏଫଆଇ ଯୁଗ୍ମ ସମ୍ପାଦକ ସୁକୁମାର ସେନ, ଶିକ୍ଷକ ନେତା ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା, ସମାଜସେବୀ ବିଶ୍ୱନାଥ ମହାପାତ୍ର ଏବଂ ଉପଦେଷ୍ଟା ଜଗବନ୍ଧୁ ଜେନା ପ୍ରମୁଖ ଯୋଗଦେଇ ପ୍ରାଥମିକ ସ୍ତରରୁ ଆରମ୍ଭ କରି କଲେଜ ପର୍ଯ୍ୟନ୍ତ ନିଯୁକ୍ତ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଷ୍ଟା ସାଧାରଣ ସମ୍ପାଦକ ଅତିଥି ପରିଚୟ ପ୍ରଦାନ ଏବଂ ବାର୍ଷିକ ବିବରଣୀ ପାଠ କରିଥିଲେ।

ଦ୍ୱିତୀୟ ଦିବସ ଅଧିବେଶନରେ 'ଓଡ଼ିଶାରେ ମିଳିତ ଶିକ୍ଷକ ଆନ୍ଦୋଳନ ଏବଂ ଏହାର ପ୍ରଭାବ' ଶୀର୍ଷକ ଶିକ୍ଷା ସେମିନାର ଅନୁଷ୍ଠିତ ହୋଇଥିଲା। ଏଥିରେ ଆଲୋଚକ ଭାବେ ରାଜ୍ୟ ଓଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ର, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ଏସଟିଏଫଆଇ ଉପସଭାପତି ପ୍ରକାଶ ଚନ୍ଦ୍ର ମହାନ୍ତି, ୬୬୨ ବର୍ଗ କଲେଜ ଶିକ୍ଷକ ଏବଂ କର୍ମଚାରୀ ସଂଘ ସଭାପତି ଗୋଲକ ନାୟକ, ୪୪୮ ବର୍ଗ ଅଧ୍ୟାପକ ଓ କର୍ମଚାରୀ ସଂଘ ସଭାପତି ପବିତ୍ର କୁମାର ମହଲା ପ୍ରମୁଖ ଅଂଶଗ୍ରହଣ କରି ମିଳିତ ଶିକ୍ଷକ ଆନ୍ଦୋଳନ ଦ୍ୱାରା ହିଁ ସରକାରଙ୍କଠାରୁ ଦାବି ହାସଲ ସମ୍ଭବ ବୋଲି ମତବ୍ୟକ୍ତ କରିବା ସହ ଶିକ୍ଷକ ସମାଜ ଏକଜୁଟ ହୋଇ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଲୋଚନାଚକ୍ର ପରେ ଆଗାମୀ ୩ ବର୍ଷ ପାଇଁ କର୍ମକର୍ତ୍ତା ଚୟନକୁ ନେଇ ପ୍ରବଳ ହଟ୍ଟଗୋଳ ହୋଇଥିଲା। କାର୍ଯ୍ୟକ୍ରମ ଅଧାରୁ ଯୋଗଦେଇଥିବା ଶତାଧିକ ଶିକ୍ଷକଙ୍କୁ ମଧ୍ୟାହ୍ନଭୋଜନ ପାଇଁ ବାହାରକୁ ପଠାଇ ଦିଆଯାଇଥିଲା। ଶିକ୍ଷକମାନେ ମଧ୍ୟାହ୍ନଭୋଜନ ସାରି ଫେରିବା ବେଳକୁ ଚତୁରତାର ସହ କର୍ମକର୍ତ୍ତା ଚୟନ କରାଯାଇଥିଲା। ଯାହାକୁ ନେଇ ହୋହାଲ୍ଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ଅନେକ ଶିକ୍ଷକ ଏହି କର୍ମକର୍ତ୍ତା ଚୟନକୁ ବିରୋଧ କରି ଚାଲିଯାଇଥିଲେ। ୩୦ ଜିଲ୍ଲାରୁ ଶିକ୍ଷକ ଓ ଶିକ୍ଷକ ସଂଗଠନ ନେତାମାନେ ଯୋଗଦେଇ ଏଭଳି ଅବ୍ୟବସ୍ଥା ପରିସ୍ଥିତିକୁ ନିନ୍ଦା କରିଥିବା ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ ସ୍ଥାନୀୟ କାର୍ଯ୍ୟକର୍ତ୍ତା ତଥା ଶିକ୍ଷକ ନେତା କବିରାଜ ବିଶ୍ୱାଳଙ୍କୁ ପଚାରିବାରେ କହିଲେ, ମୁଁ ଡାଏନିଂ ପଟେ ରହିଥିଲି। ଏ ବିଷୟରେ ଜାଣିନି ବୋଲି କହିଛନ୍ତି। ଏପରିକି ପ୍ରତିକ୍ରିୟା ପାଇଁ ସାଧାରଣ ସମ୍ପାଦକଙ୍କ ନମ୍ବର ଦେବାକୁ ସେ ଅରାଜି ହୋଇଥିଲେ।

## କାଳବୈଶାଖୀ ପବନରେ ଉପୁଡ଼ିଲା ଗଛ, ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ




ବେଗୁନିଆ,୬।୬(ସମିସ): ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ କାଳ ବୈଶାଖୀ ପବନ ଯୋଗୁଁ ଏକ ଆମ୍ବ ଗଛ ଉପୁଡ଼ି ଯାଇ ବିଦ୍ୟୁତ୍ ଖୁଣ୍ଟ ଉପରେ ପଡ଼ି ଯାଇଥିଲା। ଫଳରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯିବା ସହ ରାସ୍ତା ଉପରେ ପଡ଼ି ଯିବାରୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଥିଲା। ଏଥିରେ ସେଭଳି କୌଣସି ଦୁର୍ଘଟଣା ଘଟି ନ ଥିବା ବେଳେ ଆମ୍ବ ଗଛଟିକୁ ହଟାଇବା ପାଇଁ ବିଦ୍ୟୁତ୍ ବିଭାଗ ଓ ବେଗୁନିଆ ଅଗ୍ନିଶମ ବିଭାଗକୁ ଖବର ଦିଆ ଯାଇଥିଲା। ପରେ ଅଗ୍ନିବୀର ମୁସ୍ତାକିମ୍ ମହମ୍ମଦଙ୍କ ନେତୃତ୍ୱରେ କର୍ମଚାରୀ ମାନେ ପହଁଚି ଗଛ କାଟି ରାସ୍ତା ଅବରୋଧ ହଟାଇ ଥିଲେ।

### ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ପେନସନ ଅଦାଲତ

# ସ୍ଥଗିତ ପେନସନ କେସ୍ ୧୫ ଦିନରେ ସମାଧାନ କର

ଖୋର୍ଦ୍ଧା,୬।୬ (ସମିସ)

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ପୂର୍ବାହ୍ନରେ ଜିଲ୍ଲାସ୍ତରୀୟ ପେନସନ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ପ୍ରତ୍ୟେକ କାର୍ଯ୍ୟାଳୟରେ ଅବସର ଗ୍ରହଣ କରିବାକୁ ଯାଉଥିବା ସରକାରୀ କର୍ମଚାରୀଙ୍କ ଚାକିରି ନିୟମିତୀକରଣ କରିବା ବିଭାଗୀୟ ଅଧିକାରୀ ମାନଙ୍କ ସମ୍ପୂର୍ଣ୍ଣ ଦାୟିତ୍ୱ ଅଟେ। ପ୍ରତ୍ୟେକ କର୍ମଚାରୀ ମାନଙ୍କ ପେନସନ କାଗଜାତ ନିଶ୍ଚିତ ଭାବେ ଦୁଇମାସ ପୂର୍ବରୁ ଚୂଡାନ୍ତ ହୋଇ ପେନସନ ମଞ୍ଜୁରି କରୁଥିବା ଅଧିକାରୀ ଓ ମହାଲେଖାଗାର କାର୍ଯ୍ୟାଳୟକୁ ପଠାଇବାକୁ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ହେବା ଜରୁରୀ ବୋଲି କହିଥିଲେ। ଜିଲ୍ଲାର ୮୬ ଗୋଟି ବିଭିନ୍ନ ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟର ୨୨୨ ଗୋଟି ପେନସନ କେସ ସମୀକ୍ଷା କରି ଉପରୋକ୍ତ ବିଷୟ ପ୍ରକାଶ କରି ୧୫ ଦିନ ମଧ୍ୟରେ କର୍ମଚାରୀମାନଙ୍କ ସ୍ଥଗିତ ଥିବା ପେନସନ କେସ ସମାଧାନ କରିବା ସହ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ, ଭିଜିଲାନ୍ସ କେସ ଥିବା କର୍ମଚାରୀ ମାନଙ୍କ କେସ ଗୁଡ଼ିକର ସ୍ଥିତି ପରଖି ଜିଲ୍ଲା ପ୍ରଶାସନକୁ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ଜିଲ୍ଲାର ସମସ୍ତ ତହସିଲ, ବ୍ଲକ, ବ୍ଲକ ଶିକ୍ଷା ଅଧିକାରୀ, ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟ, ପୂର୍ତ୍ତ, ବନଖଣ୍ଡ, ସ୍ୱାସ୍ଥ୍ୟ ବିଭାଗ, ପାନୀୟ ଜଳ, ଶିକ୍ଷା ,ଜଳ ବିଭାଜିକା, କୃଷି, ପରିବହନ, ଅବକାରୀ ଆଦି କାର୍ଯ୍ୟାଳୟ ଗୁଡ଼ିକରେ ପେନସନ କେସ ଗୁଡ଼ିକୁ ସମୀକ୍ଷା କରି ଅବସର କରୁଥିବା କର୍ମଚାରୀ ମାନଙ୍କୁ ଅବସର ଗ୍ରହଣ ଦିନ ଅସ୍ଥାୟୀ ପେନସନ ପ୍ରଦାନ କରିବା ସହ ସେମାନଙ୍କର ସ୍ଥାୟୀ ପେନସନ ପ୍ରଦାନ ଦିଗରେ ସମସ୍ତ କାର୍ଯ୍ୟ ଚୂଡାନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ, ଉପ ଅଧିକାରୀ, ବରିଷ୍ଠ ରାଜସ୍ୱ ସହାୟକ ପ୍ରମୁଖ ଯୋଗଦେଇଥିଲେ।



## ୩ ଦିନ ଧରି ଜମିବ 'ତପସ୍ୟା' ରଜ ମହୋତ୍ସବ

ଖୋର୍ଦ୍ଧା,୬।୬(ସମିସ): ଖୋର୍ଦ୍ଧା ବ୍ଲକ୍ ତାପଙ୍ଗ ପଞ୍ଚାୟତ ଅଣ୍ଡା ଗ୍ରାମରେ ସାଂସ୍କୃତିକ ଅନୁଷ୍ଠାନ 'ତପସ୍ୟା' ଜନ ମଙ୍ଗଳ ଅନୁଷ୍ଠାନ ପକ୍ଷରୁ ଶ୍ରୀ ଶାଳେଶ୍ୱର ୧୫ତମ ରଜ ମହୋତ୍ସବ ଅନୁଷ୍ଠିତ ହେବ। ୧୪ରୁ ୧୬ ତାରିଖ ୩ ଦିନ ଧରି ଜମିବ ରଜ ମହୋତ୍ସବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ୧୪ବର୍ଷ ଧରି ଓଡ଼ିଶା ସଂସ୍କୃତିର ବାର୍ତ୍ତାବହ ଭାବେ ପିଲାଙ୍କ ମଧ୍ୟରେ ପୁଚିଖେଳ, ରଜଦୋଳି, ଝୋଟି, ଗୀତ, ନାଚ, ବେଲୁନ ଫୁଙ୍କା ଏବଂ ମହିଳାଙ୍କ କ୍ଷେତ୍ରରେ ମାଳି ଗୁନ୍ଥିବା, ପାନଭଙ୍ଗା, ପୋଡପିଠା ପ୍ରଭୃତି ପ୍ରତିଯୋଗିତା ଏବଂ ପ୍ରଦର୍ଶନୀ ଆୟୋଜନ କରି ଆସୁଛି। ଚଳିତ ବର୍ଷ ମଧ୍ୟ ଅନୁଷ୍ଠାନ ପକ୍ଷରୁ ଏ ସମସ୍ତ କାର୍ଯ୍ୟକ୍ରମ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଚଳିତ ବର୍ଷ ୪୦ରୁ ଊର୍ଦ୍ଧ୍ୱ ଦୋଳି ଲଗାଯିବ। ଏଥିରେ ୩ଦିନ ବ୍ୟାପୀ ଯୁବତୀମାନେ ରଜ ଦୋଳିର ମଜା ଉଠାଇବେ। ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ୩ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଆଞ୍ଚଳିକ କଳାକାରଙ୍କୁ ନେଇ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଏହି ବୈଠକରେ ଅନୁଷ୍ଠାନର ସଭ୍ୟ, ଗ୍ରାମ କମିଟି ସଦସ୍ୟ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ ସେବିକା ପଦ୍ମାବତୀ ଦେବୀଙ୍କ ସ୍ମୃତିଚାରଣ

ବାଣପୁର,୬।୬(ସମିସ) : ଦେବଜାନୀ ସ୍ମାରକୀ ପାଠାଗାର ଓ ମହ୍ଲାର ନୃତ୍ୟସଂଗୀତ ବିଦ୍ୟାଳୟର ପ୍ରତିଷ୍ଠାତା ସାମ୍ବାଦିକ ରବି ମହାରଣାଙ୍କ ଧର୍ମପତ୍ନୀ ସୁପରିଚିତା ସ୍ୱାସ୍ଥ୍ୟସେବିକା ପଦ୍ମାବତୀ ଦେବୀଙ୍କ ଏକାଦଶାହ ବାଣପୁର କଲେଜ ରୋଡ଼ସ୍ଥିତ ବାସଗୃହ ପରିସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ପ୍ରାରମ୍ଭରେ ଶିବପ୍ରସାଦ ମହାରଣା ଓ ସାଥୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇ ଥିବା ବେଳେ ସୁଧାନନ୍ଦ ମହାରଣା ଗୀତାପାଠ, ଅଧ୍ୟାପିକା ସସ୍ମିତା ପାଣିଗ୍ରାହୀ ବେଦପାଠ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ପାଠାଗାରର ସମ୍ପାଦକ ବାଳମୁକୁନ୍ଦ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ମୃତି ସଭାରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ନେହରୁ ସେବା ସଂଘର ସମ୍ପାଦିକା ସରୋଜିନୀ ଦାଶ, ଏକତା ପରିଷଦ ଟ୍ରଷ୍ଟର ମୁଖ୍ୟ ସଂଧ୍ୟାଦେବୀ, କବି ପୁରୁଷୋତ୍ତମ ମହାପାତ୍ର, ଶିକ୍ଷାବିତ ଡ଼ଃ ଚିନ୍ତାମଣି ମିଶ୍ର, ଡ଼ଃ ଲକ୍ଷ୍ମୀଧର ସୁବୁଦ୍ଧି, ସର୍ବେଶ୍ୱର ଷଡ଼ଙ୍ଗୀ, ରଙ୍କନାଥ ସେଠୀ, ଶିଶିର ଦାସ, ବୈରାଗୀ ଚରଣ ବଳ, ନାଟ୍ୟକାର ଭିକାରୀଚରଣ ପ୍ରଧାନ, ମହେଶ୍ୱର ଜେନା, ଗବେଷକ ମଦନ ମହାପାତ୍ର, ମାଧବଚନ୍ଦ୍ର ବାରିକି, ଜୟକୃଷ୍ଣ ଦାସ, ବ୍ରଜକିଶୋର ଜେନା, ଦୁଷ୍ମନ୍ତ ହରିଚନ୍ଦନ ଓ ଜାମାତା ଅଭିରାମ ଟୁଡୁଙ୍କ ସମେତ ବହୁ ସାମ୍ବାଦିକ, ସାହିତ୍ୟିକ, ଆଇନଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ଦିବଂଗତ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରି ବାଣପୁର ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ସହିତ କଳା, ସାହିତ୍ୟ, ସଂସ୍କୃତି ଓ କନ୍ୟା ଦେବଜାନୀ ସ୍ମାରକୀ ପାଠାଗାର ଓ ମହ୍ଲାର କଳାନୁଷ୍ଠାନ ପ୍ରତିଷ୍ଠାରେ ତାଙ୍କର ଅବଦାନ ସଂପର୍କରେ ସ୍ମୃତି ଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତତସହିତ ତାଙ୍କର ମାନସ ସନ୍ତାନ ସାରସ୍ୱତ ଅନୁଷ୍ଠାନ ଦେବଦାନୀ ପାଠାଗାରକୁ ଅଧିକ କ୍ରିୟାଶୀଳ କରିବାକୁ ଅତିଥି ଗଣ ପରିବାର ବର୍ଗଙ୍କୁ ଅନୁରୋଧ କରିଥିଲେ। ଚିତ୍ର ଶିଳ୍ପୀ ପୂର୍ଣ୍ଣଚନ୍ଦ୍ର ଜେନା ,ଦୀପକ ପ୍ରହରାଜ, ପ୍ରଗତୀ, ପ୍ରଣତୀ, ପ୍ରଭାତୀ, ପିଙ୍କି ଓ ପରିବାରବର୍ଗ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଶେଷରେ ଭଣଜା ଆଇନଜୀବି ଶେଷଦେବ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।



## ହେମନ୍ତ ମହାରଥୀଙ୍କୁ 'ପ୍ରକୃତି ବନ୍ଧୁ' ସମ୍ମାନ



କଣାସ,୬।୬(ସମିସ): ବୃକ୍ଷରୋପଣ ପ୍ରକୃତି ଓ ପରିବେଶ ସଂରକ୍ଷଣ ପକ୍ଷୀ ସୁରକ୍ଷା ପ୍ରଭୃତି ସାମାଜିକ କାମରେ ଜଡ଼ିତ ଥିବା କଣାସ ବ୍ଲକ୍ ସାହସପୁର ଗ୍ରାମର ହେମନ୍ତ କୁମାର ମହାରଥୀଙ୍କୁ ଚଳିତ ବର୍ଷର 'ପ୍ରକୃତିବନ୍ଧୁ' ପୁରସ୍କାର ମିଳିଛି। ପୁରୀଠାରେ ବିଶ୍ୱ ପରିବେଶ ଦିବସ ଅବସରରେ ମାନପତ୍ର, ପୁଷ୍ପଗୁଚ୍ଛ, ୧୦ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଧନଜି ରାଓସ ମଗର, ଯୁବବ୍ରତ କର, ଆକାଶ ରଥ, ଅଶୋକ କୁମାର ବିହାରୀ, ସମ୍ବିତ୍ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପରିବେଶ ସମିତି ଦୀର୍ଘ ୧୦ ବର୍ଷ ଧରି ପକ୍ଷୀ ସୁରକ୍ଷା, ଶୋଭାଯାତ୍ରା, ହାତୀ, ପେଚା, ମାଙ୍କଡ଼, ହରିଣ ପ୍ରଭୃତି ଜୀବଜନ୍ତୁ ଉଦ୍ଧାର, ବୃକ୍ଷରୋପଣ, ରକ୍ତଦାନ ଶିବିର ଓ ବହୁବିଧ ସାମାଜିକ କାର୍ଯ୍ୟକ୍ରମରେ ଶ୍ରୀ ମହାରଥୀଙ୍କ ନିରନ୍ତର ଯୋଗଦାନ କାରଣରୁ ଏହି ପୁରସ୍କାର ମିଳିଛି। ଅଞ୍ଚଳର ବିଭିନ୍ନ ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀମାନେ ଶ୍ରୀ ମହାରଥୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନା ଥାଉକି, ହେମନ୍ତ କୁମାର ମହାରଥୀ ଅନେକ ଦିନ ଧରି ଗଣମାଧ୍ୟମ ପ୍ରତିନିଧି ଭାବେ ଜଣାଶୁଣା ଓ ସମ୍ବର୍ଦ୍ଧିତ ହୋଇଛନ୍ତି।

## କଣାସରେ ବିଶ୍ୱ ପରିବେଶ ଦିବସ

କଣାସ,୬।୬(ସମିସ): କଣାସ ବ୍ଲକ୍ ସିରେଇ ଗ୍ରାମ ପଞ୍ଚାୟତ ତିପୁରୀ ଗ୍ରାମରେ ପ୍ରତିଷ୍ଠିତ ପଲ୍ଲୀ ସଂସ୍କୃତି ପରିଷଦ ଓ କଣାସଠାରେ ପ୍ରତିଷ୍ଠିତ ଜନମଙ୍ଗଳ କ୍ଲବ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ କଣାସ ପଞ୍ଚାୟତ ସମିତି ସମ୍ମୁଖ ସହିଦ ସ୍ମୃତି ସ୍ତମ୍ଭ ସମ୍ମୁଖ ପଡ଼ିଆରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ, କଣାସ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ, ତହସିଲ୍‌ଦାର ହିମାଂଶୁ ଶେଖର ଗିରି, କଣାସ ଥାନା ଅଧିକାରୀ ଶୁଭେନ୍ଦୁ ଭୂଷଣ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ଲତାମଣି ଜଗଦ୍ଦେବ, ସମାଜସେବୀ ସୁକାନ୍ତ କିଶୋର ସାମନ୍ତରାୟ, ଅନେକ ଶିକ୍ଷକ ଏବଂ ସମାଜସେବୀ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ। କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରୁ କଣାସ ତହସିଲ୍ ଓ ଥାନା ପର୍ଯ୍ୟନ୍ତ ରାସ୍ତାର ଦୁଇ ପାଖର୍ଶ୍ୱରେ ସଫେଇ କରାଯାଇଥିଲା। ପରିବେଶର ସୁରକ୍ଷା ପାଇଁ ସମସ୍ତେ ସଚେତନ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।




## ବାଇକ୍ ଚକା ସ୍ଲିପ୍ କରିବାରୁ ଜଣେ ମୃତ, ଜଣେ ଆହତ

ଭୁବନେଶ୍ୱର ୬।୬ (ସମିସ): ପଲାଶୁଣୀ ସପ୍ତଶତୀ ବିହାରରେ ଶନିବାର କାଳବୈଶାଖୀ ପରେ ହୋଇଥିବା ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଓ ଅନ୍ୟ ଜଣେ ଆହତ ହୋଇଛନ୍ତି। ବାଇକ୍ ଚକା ସ୍ଲିକ୍ କରିବାରୁ ପଛପଟୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଚକା ତଳେ ବାଇକ ଆରୋହୀ ଆସିଯାଇଥିଲେ। ଧକ୍କା ହେବା ପରେ ଯୁବକ ଜଣକ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ତେବେ କାହାର ପରିଚୟ ମିଳିପାରି ନଥିଲା ବେଳେ ସେମାନେ କୋଲକତାର ବୋଲି ଜଣାପଡ଼ିଛି। ଏନେଇ ଖବର ପାଇ ମଞ୍ଚେଶ୍ୱର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଆହତ ଯୁବକଙ୍କୁ ଉଦ୍ଧାର କରି କ୍ୟାପିଟାଲ୍ ହସ୍ପିଟାଲ୍ ନେଇଥିଲା। ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ମୃତ ଏବଂ ଆହତ ଉଭୟଙ୍କ ପରିଚୟ ଜଣାପଡ଼ି ନଥିବାବେଳେ ପୁଲିସ୍ ମୃତଦେହ ଉଦ୍ଧାର କରି ପୋଷ୍ଟମର୍ଟମ୍ ପାଇଁ ପଠାଇଛି। କାଳବୈଶାଖୀ ପରେ ଦୁର୍ଘଟଣା ଲାଗି ଜାତୀୟ ରାଜପଥରେ ଗାଡ଼ିର ଲମ୍ବା ଧାଡ଼ି ନଜରକୁ ଆସିଥିଲା। ୪ ଘଣ୍ଟାରୁ ଊର୍ଦ୍ଧ୍ୱ ଜାମ ହୋଇଥିଲା।

## ୧୧ କେଭି ବିଦ୍ୟୁତ ତାର ଲାଗି ବାଳକ ଗୁରୁତର

ବାଲୁଗାଁ,୬।୬(ସମିସ) : ବାଲୁଗାଁ ଥାନା ଅନ୍ତର୍ଗତ ନିମକ୍ଷେତା ଗ୍ରାମରେ ଜଣେ ବାଳକ ଶନିବାର ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ଆହତ ବାଳକ ଜଣକ ନିମକ୍ଷେତା ଗ୍ରାମର ବିପିନ ମହାପାତ୍ରଙ୍କ ପୁଅ ରାହୁଲ (୧୫) । ସୂଚନା ମୁତାବକ, ଶନିବାର ଅପରାହ୍ନରେ ବିପିନ ମହାପାତ୍ରଙ୍କ ପୁଅ ରାହୁଲ ସାଙ୍ଗମାନଙ୍କ ସହ ଘରର ଛାତ ଉପରେ ଖେଳୁଥିବା ସମୟରେ ଅସାବଧାନତା ବଶତଃ ଘର ନିକଟରେ ଯାଇଥିବା ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଯାଇଥିବା ବେଳେ ହଠାତ୍ ବିଦ୍ୟୁତ ସବଷ୍ଟେସନରୁ ଫ୍ୟୁଜ କଟି ଯିବାରୁ ରାହୁଲ ଛିଟିକି ପଡି ଗୁରୁତର ଆହତ ହୋଇ ପଡିଥିଲେ। ପରିବାରବର୍ଗ ଦେଖି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନେଇ ଭର୍ତ୍ତି କରିଥିଲେ। ହେଲେ ରାହୁଲଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ଡାକ୍ତର ଅଧିକା ଚିକିତ୍ସା ନିମେନ୍ତ ଆହତଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତରିତ କରି ଦେଇଥିବା ଜଣା ଯାଇଛି।

## ୪ ବିଦ୍ୟାଳୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟରେ ସାମିଲ

ଟାଙ୍ଗୀ,୬।୬(ସମିସ): ଟାଙ୍ଗୀ ବ୍ଲକ ଅଧୀନ ୪ଟି ପଞ୍ଚାୟତର ୪ଟି ବିଦ୍ୟାଳୟକୁ ରାଜ୍ୟ ସରକାର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଭୁକ୍ତ କରିଥିବା ଜଣାପଡ଼ିଛି। କମାଗୁରୁ ପଞ୍ଚାୟତର କମାଗୁରୁ ହାଇସ୍କୁଲ କମାଗୁରୁ, କୁଞ୍ଜୁରୀ ପଞ୍ଚାୟତର ନରମାନବୀ ହାଇସ୍କୁଲ , ନିରାକାରପୁର ପଞ୍ଚାୟତର କେବେ ସରକାରୀ ହାଇସ୍କୁଲ ନିରାକାରପୁର, ରାମଚନ୍ଦ୍ରପୁର ପଞ୍ଚାୟତର ଉଚ୍ଚପ୍ରାଥମିକ ବିଦ୍ୟାଳୟ ଝରିଆକୁ ସାମିଲ କରାଯାଇଥିବା ଜଣାପଡ଼ିଛି। ଆସନ୍ତା କାଲି ପୂର୍ବାହ୍ନ ୧୦ ଟା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଲୋକନାଥ ଦେବ ସରକାରୀ ଉଚ୍ଚବିଦ୍ୟାଳୟ କୁମ୍ଭାରବସ୍ତ ଠାରେ ଆଭାସି ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଥିବା ସରକାରୀ ଭାବେ ଘୋଷଣା କରାଯାଇଥିବା ଜଣାପଡିଛି।

## ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ'



ନିରାକାରପୁର,୬।୬(ସମିସ): ଖୋର୍ଦ୍ଧା ଜିଲ୍ଲା କମାଗୁରୁସ୍ଥିତ ପ୍ରତିଷ୍ଠିତ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ "ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ-୨୦୨୬' ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ କରିବା ସହ ସେମାନଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସଭାରେ ବିଦ୍ୟାଳୟର ସମ୍ମାନିତ ଅଧ୍ୟକ୍ଷ ଡ. ସୁଧାଂଶୁ ଶେଖର ମହାନ୍ତି ପୌରୋହିତ୍ୟ କରିଥିଲେ। ସେ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଶୃଙ୍ଖଳିତ ଜୀବନ ଗଠନ ଓ ନିଷ୍ଠାପର ଅଧ୍ୟୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଡ. ରେଣୁବାଳା ସାମନ୍ତରାୟ, ଅଧ୍ୟାପକ ଅଭିରାମ ପଣ୍ଡ, ମନମୋହନ ନାୟକ, ଦିଲ୍ଲୀପ ବେହେରା, ଆଦିକନ୍ଦ ପ୍ରଧାନ, ଆଲୋକ ମଙ୍ଗରାଜ, ମୃତ୍ୟୁଞ୍ଜୟ ପଣ୍ଡା, ବିଶ୍ୱଜିତ ପଟ୍ଟନାୟକ ଓ ରାଜକିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନ, କଳା ଓ ବାଣିଜ୍ୟରେ କୃତିତ୍ୱ ହାସଲ କରିଥିବା ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅଧ୍ୟାପକ ଶ୍ୟାମ ସୁନ୍ଦର ପଟ୍ଟନାୟକ ଉପସ୍ଥିତ ସମସ୍ତ ଅତିଥି, ସହକର୍ମୀ ଓ ଛାତ୍ରଛାତ୍ରୀଙ୍କୁ ଆନୁଷ୍ଠାନିକ ଭାବେ ଧନ୍ୟବାଦ୍ ଅର୍ପଣ କରିଥିଲେ। ବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ଲୋ ଭୋଲଟେଜ୍ ସାଙ୍ଗକୁ ବିଦ୍ୟୁତ୍ କାଟ୍; ବଢୁଛି ଅସନ୍ତୋଷ

ଖୋର୍ଦ୍ଧା,୬।୬(ସମିସ)

ବାହାରେ ଅସହ୍ୟ ଖରା ଓ ଗୁଳୁଗୁଳିକୁ ଘରେ ବିଦ୍ୟୁତ୍ କାଟ୍ ଜନଜୀବନକୁ ହନ୍ତସନ୍ତ କରିସାରିଲାଣି। ଖରାଦିନେ ବିଦ୍ୟୁତ୍ କାଟ୍ ହେବନି ବୋଲି ସରକାର ଘୋଷଣା କରିଥିଲେ ହେଁ ଏହାକୁ ବାଏ ବାଏ କରିଛି ବିଭାଗ। ବିଦ୍ୟୁତ ବିଭାଗର ଖାମଖିଆଲ ନୀତି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଲାଣି। ବିନା ସୂଚନାରେ ଘନଘନ ବିଦ୍ୟୁତ୍ କାଟ୍ ଏକପ୍ରକାର ଅତିଷ୍ଠ କରିସାରିଲାଣି। ବିନା କାରଣରେ ଦୀର୍ଘସମୟ ପର୍ଯ୍ୟନ୍ତ ବିଦ୍ୟୁତ କାଟିବା ଯେମିତି ନିତିଦିନିଆ ଅଭ୍ୟାସରେ ପରିଣତ ହେଲାଣି। ଟାଟା ପାୱାରର ମନମାନିକୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧିପାଉଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ ପ୍ରତ୍ୟେକ ଦିନ ଏହି ଅଞ୍ଚଳରେ ଯେଉଁଭଳି ଭାବେ ବିଦ୍ୟୁତ୍ କାଟ୍ ହେଉଛି ତାହା ଅସହ୍ୟ। ବର୍ଷା ପବନ ହେଉ କି ନହେଉ ବିଦ୍ୟୁତ କାଟ ଚାଲିଛି। ଏପରିକି ବିଦ୍ୟୁତ୍ କାଟ୍‌ର କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନାହିଁ କି କେଉଁଦିନ କେତେ ସମୟ ବିଦ୍ୟୁତ କଟାଯିବ ସେ ନେଇ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଉନାହିଁ। ଫଳରେ ଖରାରେ ଲୋକ ହନ୍ତସନ୍ତ ହେଉଛନ୍ତି। ଏପରିକି ପ୍ରାୟ ସମୟ ରାତିରେ ମଧ୍ୟ ଲାଇନ କଟାଯାଉଛି। ସହରାଞ୍ଚଳକୁ ବାଦଦେଲେ ଅଧିକାଂଶ ସମୟ ବି ଲୋଭୋଲଟେଜ ଗ୍ରାମାଂଚଳ ମାନଙ୍କରେ ରହୁଥିବା ଦେଖାଯାଇଛି।



ଦିନେ ଦିନେ ଦୀର୍ଘ ସମୟ ଧରି ବିଦ୍ୟୁତ୍ କାଟ୍ ହେଉଥିଲେ ମଧ୍ୟ ସେ ଖବର ବି କାହାପାଖରେ ରହୁନି। ଇଲେକ୍ଟ୍ରି ଅଫିସକୁ ଫୋନ କଲେ ମଧ୍ୟ ସନ୍ତୋଷଜନକ ଉତ୍ତର ମିଳୁନଥିବା ସ୍ଥାନୀୟ ଲୋକ ପ୍ରକାଶ କରିଛନ୍ତି। ଲିଖିତ ଅଭିଯୋଗ କଲେ ବି କିଛି ଫଳ ମିଳୁନଥିବା କେତେକ ଗ୍ରାହକ ଗଣମାଧ୍ୟମ ଆଗରେ କହିଛନ୍ତି।ବାରମ୍ବାର ଅଫିସକୁ ଗଲେ କେବଳ ହୋଇଯିବ, କଣ ହୋଇଛି ଦେଖିବା ଏଭଳି ଗ୍ରାହକଙ୍କୁ କୁହାଯାଉଥିବାବେଳେ ସେଠାରୁ ସେମାନେ ନିରାଶ ହୋଇ ଫେରୁଥିବା ଗ୍ରାହକମାନେ କହୁଛନ୍ତି। ଏଭଳି ଅଘୋଷିତ ବିଦ୍ୟୁତ କାଟ ଓ ବିଭିନ୍ନ ସମୟରେ ଲୋଭୋଲଟେଜ ଯୋଗୁ ବେଳକୁ ବେଳ ଜନ ଅସନ୍ତୋଷ ବଢିବାରେ ଲାଗିଛି।

ପ୍ରକାଶ ଥାଉକି, ବେଗୁନିଆ ବ୍ଲକ ବୋତଳମା, ହିରାପୁର, ଶଗଡଭଙ୍ଗା, ଗଡମାଣତୀର, ଗୋବିନ୍ଦପୁର, ଦେଉଳିଆଦି ପଂଚାୟତର ସମସ୍ତ ଗ୍ରାମ ସହିତ ହଜ ପଂଚାୟତ ଅନ୍ତର୍ଗତ ବାଲଧାଡି, ମୁକ୍ତାପୁର ଓ ନିଧିପୁର ଆଦିଗ୍ରାମରେ ପ୍ରତ୍ୟେକ ଦିନ ପ୍ରଚଣ୍ଡରୁଦ୍ରତାପ ସମୟରେ ବାରମ୍ବାର ଅଘୋଷିତ ବିଦ୍ୟୁତକାଟ ସହ ଲୋ ଭୋଲଟେଜ ସମସ୍ୟା ଗ୍ରାହକ ମୁଣ୍ଡ ବିନ୍ଧାର କାରଣ ହୋଇଛି। ବିଭାଗର ଜନୈକ କର୍ମଚାରୀ କୁହନ୍ତି ଭୋଲଟେଜ ଅନୁସାରେ ଲୋକମାନେ ଅତ୍ୟଧିକ ଏସି, ଫ୍ରିଜ ଆଦି ବୈଦ୍ୟୁତିକ ଉପକରଣ ପ୍ରଭୃତିର ବ୍ୟବହାର କରିବା ଫଳରେ ବାରମ୍ବାର ଫ୍ୟୁଜ୍ କଟିଯାଉଛି। ଗୋଟିଏ ଘରେ ଯେତିକି ରୁମ୍ ରହିଛି ଲୋକମାନେ ସେତିକିଟା ଏସି ବ୍ୟବହାର କରୁଛନ୍ତି।ଏମିତି ହେବାରୁ ବାରମ୍ବାର ଫେଜ କଟୁଛି। ତଥାପି ବହୁସ୍ଥାନରୁ ଆସୁଥିବା ଅଭିଯୋଗକୁ ଗୁରୁତ୍ୱ ଦେଇ ବିଭାଗ ପକ୍ଷରୁ ତ୍ୱରିତ ସମସ୍ୟାର ସମାଧାନ କରାଯିବାକୁ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ କହିଛନ୍ତି।

ସକାଳ THE SAKALA
www.sakalaepaper.com

# ବାଇସ୍କୋପ୍



ଚଳିତ ବର୍ଷ ରଜ ଉପଲକ୍ଷେ ମୁକ୍ତିଲାଭ କରିବାକୁ ଯାଉଛି ୪ଟି ଓଡ଼ିଆ ସିନେମା। ରଜ ଉପଲକ୍ଷେ ଏହି ଚାରୋଟି ସିନେମା ଦର୍ଶକଙ୍କୁ ଭରପୂର ଏଣ୍ଟରଟେନ୍ କରିବ ବୋଲି ସିନେମାଗୁଡ଼ିକର ପ୍ରଯୋଜନା ସଂସ୍ଥା ଓ ନିର୍ଦ୍ଦେଶକମାନେ ଆଶା ରଖିଛନ୍ତି। ଦର୍ଶକଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ଏଥର ରଜରେ ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରିର ଆଗଧାଡ଼ିର ୪ଜଣ ସୁପରହିଟ୍ କଳାକାର ସିଦ୍ଧାନ୍ତ ମହାପାତ୍ର, ଅନୁଭବ ମହାନ୍ତି, ଅମ୍ଳାନ ଏବଂ ଅର୍ଦ୍ଧେନ୍ଦୁଙ୍କ ମଧ୍ୟରେ ହେବ କଡ଼ା ଟକ୍କର। ସିଦ୍ଧାନ୍ତ ମହାପାତ୍ରଙ୍କ 'ମିଲେଟ ଡାଏରୀ', ଅନୁଭବ ମହାନ୍ତିଙ୍କ 'ଛକିଶୂନ', ଅର୍ଦ୍ଧେନ୍ଦୁଙ୍କ 'ଡାଏରୀ' ଏବଂ ଅମ୍ଳାନ ଦାସଙ୍କ 'ଶିକାର' ଚଳଚ୍ଚିତ୍ର ରଜ ବଜାରରେ ଦର୍ଶକଙ୍କୁ ବେଶ୍ ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ଆଶାବ୍ୟକ୍ତ କରିଛନ୍ତି ସିନେମାଗୁଡ଼ିକର ପୂରା ଟିମ୍।



## ରଜରେ ଧମାଲ କରିବେ

# ଅନୁଭବ ଅମ୍ଳାନ ଅର୍ଦ୍ଧେନ୍ଦୁ



- ପରଦାକୁ ଆସିବ ସିଦ୍ଧାନ୍ତଙ୍କ 'ମିଲେଟ୍ ଡାଏରୀ'
- ଦର୍ଶକଙ୍କୁ ହଲ୍‌ମୁହାଁ କରାଇବ ୪ ଓଡ଼ିଆ ସିନେମା

ଆମର ଷ୍ଟୁଡିଓ ଓ ଏସ୍ଏମ୍ ଏଣ୍ଟରଟେନମେଣ୍ଟ ପ୍ରେଜେଣ୍ଟ୍ସ, ୨୯ ଟୁ ନାଇନ ଫିଲ୍ମସର ମିଳିତ ସହଯୋଗରେ ନିର୍ମିତ 'ଛକି ଶୂନ' ଫିଲ୍ମର ରଚନା ଓ ନିର୍ଦ୍ଦେଶନା ମାନସ ପଢ଼ିହାରୀ ଦେଇଥିବା ବେଳେ ଅନୁଭବଙ୍କ ପତ୍ନୀ ଜାଗୃତି, ନବୀନ ଭଣ୍ଡାରୀ ଓ ସ୍ୱୟଂ ଏହାର ପ୍ରଯୋଜନା ଦାୟିତ୍ୱ ନିର୍ବାହ କରିଛନ୍ତି। ଥ୍ରିଲର ଓ ସସପେନ୍ସ ଭରା ଏହି ଫିଲ୍ମରେ ଅନୁଭବ ମହାନ୍ତି ଜଣେ ଆଇପିଏସ୍ ଚରିତ୍ରରେ ନଜର ଆସିବେ। ଅନ୍ୟ ଭୂମିକାରେ ସମ୍ବାନା ମହାନ୍ତି, ଅଭିଷେକ ପଣ୍ଡା, ଦିବ୍ୟା ମହାନ୍ତି, ଚୌଧୁରୀ ଜୟପ୍ରକାଶ ଦାସ, ନିତୁ ସିଂ, ବିଜିନୀ ମିଶ୍ର ପ୍ରମୁଖ ନଜର ଆସିବେ। ଚଳିତ ମାସ ୧୨ତାରିଖରେ ରିଲିଜ ହେବାକୁ ଥିବା ଏହି ଫିଲ୍ମର 'ଆମେ ବାଲୁଙ୍ଗା ଟୋକା' ଗୀତର ଷ୍ଟୁଡିଓ ଭର୍ସନ ରିଲିଜ୍ ହୋଇଛି। ଯାହା ଏବେ ସୋସିଆଲ ମିଡିଆରେ ଟ୍ରେଣ୍ଡ କରୁଛି। ସେହିପରି ଫିଲ୍ମ ଇନଫାଇସନ ଏଣ୍ଟରଟେନମେଣ୍ଟ ପ୍ରେଜେଣ୍ଟ ବ୍ୟାନରରେ ନିର୍ମିତ 'ଦ ମିଲେଟ ଡାଏରୀ' ର ନିର୍ଦ୍ଦେଶନା ରାଜେନ୍ଦ୍ର ମହନ୍ତ ଦେଇଥିବା ବେଳେ କାହାଣୀ ଏବଂ ପ୍ରଯୋଜନା କରୁଛନ୍ତି ଜେଆର୍ଏମ୍ ଓ ସହ ପ୍ରଯୋଜକ ରହିଛନ୍ତି ରୋଜାଲିନ୍ ମହାନ୍ତି। ଫିଲ୍ମରେ ସଙ୍ଗୀତ ନିର୍ଦ୍ଦେଶନା ପ୍ରେମ୍‌ଆନନ୍ଦ ଦେଇଥିବା ବେଳେ ଚିତ୍ରନାଟ୍ୟ ଓ ସଂଳାପ ଦିଲ୍ଲୀପ ବିଶୋଇ ଏବଂ ଉତ୍ତମ କୁମାର ଦାୟିତ୍ୱ ନିର୍ବାହ କରିଛନ୍ତି। ଫିଲ୍ମରେ ସିଦ୍ଧାନ୍ତ ମହାପାତ୍ର, ଅଭିଷେକ ପଣ୍ଡା, ଶୀତମ ଦାସ, ଶିବାନୀ ସଂଗୀତା, କୁନା ତ୍ରିପାଠୀ, ରାଜ ରାଜେଶ ପ୍ରମୁଖ ଅଭିନୟ କରିଛନ୍ତି। ଅଭିଷେକ ଏଥିରେ ବିଏମ୍ଡବ୍ଲୁ ଡ୍ରାଇଭର ଚରିତ୍ରରେ ନଜର ଆସିବା ସହ ଗାଉଁଲି ଝିଅର ଚରିତ୍ରରେ ନଜର ଆସିବେ ଶିବାନୀ। ତେବେ ମାଣ୍ଡିଆର ଔଷଧୀୟ ଗୁଣ ଓ ବିଶ୍ୱ ଦରବାରରେ ଏହାର ପରିଚୟକୁ ନେଇ ଫିଲ୍ମଟି ଗତିଶୀଳ ହେଉଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅର୍ଥାତ ବଇଦ ଚରିତ୍ରରେ ନଜର ଆସିବେ ସିଦ୍ଧାନ୍ତ ମହାପାତ୍ର। ଏହି ସିନେମାଟି ମଧ୍ୟ ୧୨ରେ ହେବ ରିଲଜ୍ ହେବ ବୋଲି ଜଣାପଡ଼ିଛି।

ସେହିପରି ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରଯୋଜକ ଅର୍ଦ୍ଧେନ୍ଦୁ ସାହୁ ଓ ସହପ୍ରଯୋଜକ ଆଦିକନ୍ଦ ସାହୁଙ୍କ ଦ୍ୱାରା ନିର୍ମିତ 'ଡାଏରୀ' ସିନେମାର ଟିଜର୍ ଦର୍ଶକଙ୍କୁ ବାନ୍ଧି ରଖିଥିବା ବେଳେ ସିନେମାଟି ମଧ୍ୟ ଆଦୃତି ଲାଭ କରିବ ବୋଲି ଫିଲ୍ମର ପୂରା ଟିମ୍ ଆଶା ରଖିଛି। ତେବେ ସିନେମାରେ ଏକ ବକ୍ସରୁ ବାହାରୁଥିବା '୨୦୧୯' ଲେଖାଥିବା ଡାଏରୀ କାହାଣୀ ଦର୍ଶକଙ୍କ ମନରେ ଉତ୍କଣ୍ଠା ସୃଷ୍ଟି କରିଛି। ସୁଶାନ୍ତ ମଣିଙ୍କ ନିର୍ଦ୍ଦେଶନା, କୁନା ତ୍ରିପାଠୀଙ୍କ ବଳିଷ୍ଠ କାହାଣୀ, ସ୍କ୍ରିନପ୍ଲେ ତଥା ସଂଳାପ ଓ ସୀତାଂଶୁ ମହାପାତ୍ରଙ୍କ ସିନେମାଟୋଗ୍ରାଫି ବଡ଼ ପରଦାରେ ଦର୍ଶକଙ୍କୁ ଏକ ନିଆରା ଅନୁଭୂତି ଦେବ। ତେବେ ଏହାର କେବଳ ଟିଜର୍ ଏବଂ ସଙ୍ଗୀତ ନିକଟରେ ରିଲିଜ୍ ହୋଇଛି। ସୋମେଶ ଶତପଥୀଙ୍କ ସଙ୍ଗୀତ ନିର୍ଦ୍ଦେଶନା ଏବଂ ଅମିତ ନାୟକ ଓ ଲୁବୁନ୍-ଟୁବୁନ୍‌ଙ୍କ କୋରିଓଗ୍ରାଫି ଫିଲ୍ମର ଗୀତଗୁଡ଼ିକୁ ଆହୁରି ଆକର୍ଷଣୀୟ କରିଛି। ଏକ ସୁନ୍ଦର ପ୍ରେମ କାହାଣୀ ଉପରେ ପର୍ଯ୍ୟବସିତ ଏହି ଫିଲ୍ମରେ ମୁଖ୍ୟ ଭୂମିକାରେ ଅର୍ଦ୍ଧେନ୍ଦୁଙ୍କ ସହ ଯସ୍ମିନ ଓ ପ୍ରଜ୍ଞା ନଜର ଆସୁଛନ୍ତି। ତେବେ ରଜ ଅବସରରେ ଦର୍ଶକଙ୍କୁ ଆକ୍ସନ, ସସ୍‌ପେନ୍ସ ସହ ମନୋରଞ୍ଜନ ଯୋଗାଇବ ଅମ୍ଳାନଙ୍କ 'ଶିକାର'। ନିକଟରେ ଫିଲ୍ମର ଫାଷ୍ଟ ଲୁକ୍ ଓ ଷ୍ଟାରକାଷ୍ଟଙ୍କ ଲୁକ୍ ସାମ୍ନାକୁ ଆସିଥିବା ବେଳେ ବର୍ତ୍ତମାନ ଏହାର ଟିଜର ରିଲିଜ୍ ହୋଇଛି। ସୋସିଆଲ ମିଡିଆରେ ଟିଜରକୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ଦେଖିବାକୁ ମିଳୁଛି। ମୁନ୍ ଟିଭି ମୁଭିଜ୍ ପ୍ରସ୍ତୁତ



ଏହି ଫିଲ୍ମର ୧ ମିନିଟ୍ ୨୮ ସେକେଣ୍ଡର ଟିଜରରେ ରକ୍ତାକ୍ତ ଅବସ୍ଥାରେ ଅମ୍ଳାନଙ୍କୁ ଦେଖିବାକୁ ମିଳୁଛି। ଚିତ୍କାର କରିବା ସହ ସେ ବନ୍ଧୁକ ଚଳାଉଥିବା ଦୃଶ୍ୟ ଟିଜରକୁ ଅଧିକ ରୋମାଞ୍ଚକ କରିଛି। ଅଭିନେତ୍ରୀ ଏଲିନା ପ୍ରଥମ ଥର ଓକିଲ ଭୂମିକାରେ ନଜର ଆସିଛନ୍ତି। ମୁନ୍ ଟିଭି ମୁଭିଜ୍ ପ୍ରଯୋଜନାରେ ପ୍ରସ୍ତୁତ 'ଶିକାର'ର ନିର୍ଦ୍ଦେଶନା ମୃତ୍ୟୁଞ୍ଜୟ ସାହୁ ଦେଇଥିବା ବେଳେ ପ୍ରଯୋଜନା କରିଛନ୍ତି ସଚ୍ଚିକାନ୍ତ ଜେନା। କାହାଣୀ ଓ ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା। ବୈଦ୍ୟନାଥ ଦାଶ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଗୀତଗୁଡ଼ିକୁ ଗାଇଛନ୍ତି ଅନ୍ତରା ଚକ୍ରବର୍ତ୍ତୀ, ମଣ୍ଟୁ ଛୁରୀଆ, କ୍ରିଷ୍ଣା ବେଉରା, ଅସୀମା ପଣ୍ଡା। ଫିଲ୍ମରେ ଅନ୍ୟ କଳାକାରଙ୍କ ମଧ୍ୟରେ ସୁପ୍ରିୟା ନାୟକ, ଅଙ୍କିତ, ତାପସ ସରଘରିଆ, ପ୍ରଦ୍ୟୁମ୍ନ ଲେଙ୍କା, ପ୍ରଶାନ୍ତ ପାତ୍ର, ପ୍ରଭାତୀ, ବବି ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି। ୧୨ ତାରିଖରେ ଏହା ମୁକ୍ତିଲାଭ କରିବ। ତେବେ ଦିଗହରା ହୋଇଥିବା ଓଡ଼ିଆ ସିନେମା ବର୍ତ୍ତମାନ ଅଣ୍ଟା ସଳଖିବାକୁ ସକ୍ଷମ ହୋଇଥିବା ବେଳେ ଦିନକୁ ଦିନ ମୌଳିକ କାହାଣୀକୁ ନେଇ ନିର୍ମିତ ଓଡ଼ିଆ ସିନେମା ପୁଣି ଥରେ ଦର୍ଶକଙ୍କୁ ହଲ୍‌ମୁହାଁ କରିବାରେ ସଫଳ ହୋଇଥିବା ଦର୍ଶକଙ୍କ ମଧ୍ୟରେ ଆଲୋଚନା ହେଉଛି। ■



## 'ମନ୍ତ୍ରମୁଗ୍ଧ'ର ଧମାକା

# ଚାରି ସପ୍ତାହରେ ୪.୧୪ କୋଟି ଅଧିକ ଆୟ

ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଓ ବହୁଚର୍ଚ୍ଚିତ ଓଡ଼ିଆ ଚଳଚ୍ଚିତ୍ର 'ମନ୍ତ୍ରମୁଗ୍ଧ' ବକ୍ସ ଅଫିସ୍‌ରେ ଧମାକା କରୁଛି। କେବଳ ଓଡ଼ିଶାରେ ନୁହେଁ, ରାଜ୍ୟ ବାହାରରେ ମଧ୍ୟ ଫିଲ୍ମଟି ଦର୍ଶକଙ୍କ ହୃଦୟ ଜିତିବାରେ ସଫଳ ହୋଇଛି। ମେ ୧ରେ ରିଲିଜ୍ ହୋଇଥିବା ଏହି ସିନେମା ଚାରି ସପ୍ତାହରେ ମଧ୍ୟରେ ୪ .୧୪ କୋଟିରୁ ଅଧିକ ଟଙ୍କା ଆୟ କରି ନୂଆ ରେକର୍ଡ ସୃଷ୍ଟି କରିଛି। ସୋସିଆଲ୍ ମିଡିଆରେ ନିର୍ମାତା ଫିଲ୍ମର କଲେକ୍ସନ ସମ୍ପର୍କରେ ସୂଚନା ଦେଇଛନ୍ତି। ଫିଲ୍ମର ସଫଳତାକୁ ନେଇ ଅଭିନେତ୍ରୀ ଭୂମିକାଙ୍କ ସମେତ ପୂରା ଟିମ୍ ଉତ୍ସବ ମନାଇଛନ୍ତି। ସୋସିଆଲ୍ ମିଡିଆରେ ଦର୍ଶକମାନେ ମଧ୍ୟ ଫିଲ୍ମକୁ ଭରପୂର ପ୍ରଶଂସା କରିଛନ୍ତି। କେହି ଫିଲ୍ମକୁ "ସୁପର ଡୁପର ହିଟ୍" ବୋଲି କହିଥିବା ବେଳେ ଆଉ କେହି ଏହାକୁ ବର୍ଷର ସବୁଠୁ ମନୋରଞ୍ଜନକାରୀ ଓଡ଼ିଆ ଫିଲ୍ମ ବୋଲି ମତ ଦେଇଛନ୍ତି। ■

## 'କିଛି ସତ କିଛି ମିଛ'ରେ ଆଲୋକ ଓ ଛବିର ବାହାଘର

'ଜୀ ସାର୍ଥକ'ର ନୂତନ ମେଗା ସିରିଏଲ୍ 'କିଛି ସତ କିଛି ମିଛ'ରେ ଏକ ବଡ଼ ଟ୍ୱିଷ୍ଟ ଆସିବାକୁ ଯାଉଛି। କାହାଣୀର ମୁଖ୍ୟ ଚରିତ୍ର ଆଲୋକ ଏବଂ ଛବିଙ୍କର ବିବାହ ଉତ୍ସବ ଖୁବ୍ ଶୀଘ୍ର ପରଦାକୁ ଆସିବ। ଯାହାକୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ପ୍ରକାଶ ପାଇଛି। ମଙ୍ଗରାଜ ପରିବାରର ପୁଅ ଆଲୋକ ସହ ଛବିଙ୍କର ବିବାହର ସମସ୍ତ ରୀତିନୀତି ଯେପରିକି ହଳଦୀ, ମେହେନ୍ଦୀ ଓ ସଙ୍ଗୀତ କାର୍ଯ୍ୟକ୍ରମ ବଡ଼ ଧୁମଧାମରେ ପାଳନ କରାଯିବ। ଏହି ବିବାହ ଓଡ଼ିଶା ଟେଲିଭିଜନ ଜଗତର ସବୁଠାରୁ ବଡ଼ ଉତ୍ସବ ହେବାକୁ ଯାଉଛି। କାରଣ ଏଥିରେ ଜୀ ସାର୍ଥକର ଅନ୍ୟ ସମସ୍ତ ମେଗା ଧାରାବାହିକର ନାୟକ, ନାୟିକାମାନେ ଯୋଗ ଦେବେ ଓ ପ୍ରତ୍ୟେକ ସିନ୍ ହେବ ମନଲୋଭା ଓ ଆଣିବ କାହାଣୀରେ ରୋମାଞ୍ଚ। ଏହି ମେଗା ସିରିଏଲ୍‌ରେ ଆଲୋକ ଭୂମିକାରେ ଆର୍ଯ୍ୟ ପ୍ରଧାନ, ଛବି ଭୂମିକାରେ ଅର୍ଚ୍ଚିତା ରାଉତ ଏବଂ ଛାୟା ଭୂମିକାରେ ଅଦିତି ଦାଶ ଚମତ୍କାର ଅଭିନୟ କରୁଛନ୍ତି। ■






ପରଦା ପଛର କାହାଣୀ

# ୮୧ ଫୁଟ ଉଚ୍ଚତାରୁ ପଡ଼ି ସଲମାନ ଆହତ

ବଲିଉଡ୍ ସୁପରଷ୍ଟାର୍ ସଲମାନ ଖାନ୍ ନିଜର ଫିଟ୍‌ନେସ୍, ଆକ୍ସନ ଏବଂ ଦମଦାର୍ ଅଭିନୟ ପାଇଁ ପ୍ରସିଦ୍ଧ। ସେ ନିଜ କ୍ୟାରିୟରରେ ରୋମାଣ୍ଟିକରୁ ନେଇ ଆକ୍ସନ ପର୍ଯ୍ୟନ୍ତ ଅନେକ ସୁପରହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି। ନିକଟରେ ସଲମାନ ଫିଲ୍ମ 'ଜାଗୃତି'ର ଷ୍ଟଣ୍ଟ ସୁଟିଂ ପଛର ଏକ ବିପଜ୍ଜନକ କାହାଣୀ ପ୍ରକାଶ କରିଛନ୍ତି। 'ଜାଗୃତି' ଫିଲ୍ମରେ ଏକ ୮୦ ଫୁଟ୍ ଉଚ୍ଚ ପାହାଡ଼ରୁ ଖସିବାର ଦୃଶ୍ୟ ଥିଲା। ଏହାର ସୁଟିଂ ପାଇଁ ସମସ୍ତ ବନ୍ଦୋବସ୍ତ ହୋଇଥିଲା। ସେ ପାହାଡ଼ ଉପରୁ ତଳୁ ଦେଖିବା ପରେ ଡେଇଁପାରିବେ ବୋଲି ଭାବିଥିଲେ। ସାଧାରଣତଃ ଉଚ୍ଚରୁ ଡେଇଁବା ପାଇଁ ଗୋଟିଏ କିମ୍ବା ଦୁଇଟି ବକ୍ସ ମିଳିଥାଏ। ତେବେ ଏହି ପାହାଡ଼ ସୁଟିଂ ଦୃଶ୍ୟ ବହୁ ଉଚ୍ଚରେ ଥିବାରୁ ତାଙ୍କ ପାଇଁ ତ୍ରିସ୍ତରୀୟ ବକ୍ସ ବ୍ୟବସ୍ଥା କରାଯାଇଥିଲା। ଏହା ଉପରେ ଏକ ଗଦି ମଧ୍ୟ ବିଛା ହୋଇଥିଲା। ତେବେ ସେ ପାହାଡ଼ ଚଢ଼ିବା ପରେ, ପର୍ବତର ମଧ୍ୟ ଭାଗ ସାମାନ୍ୟ ବାହାରକୁ ବାହାରିଥିଲା। ତେଣୁ ଡେଇଁବାରେ ବାଧା ସୃଷ୍ଟି କରିପାରେ ବୋଲି ସେ ଭାବିଥିଲେ। ସେଥିପାଇଁ ସେ ଡେଇଁବାକୁ ଚାହୁଁ ନ ଥିଲେ। ସେପଟେ ସୁଟିଂ ପୂର୍ବରୁ ସେଠାରେ ଲୋକଙ୍କ ଭିଡ଼ ଜମି ସାରିଥିଲା। ତେଣୁ ତଳକୁ ଯାଇକି ଡେଇଁ ପାରିବେନି ବୋଲି କହିବାକୁ ତାଙ୍କୁ ଖରାପ ଲାଗୁଥିଲା। ଏଥିପାଇଁ ସେ ଯେ କୌଣସି ମତେ ପାହାଡ଼ରୁ ଡେଇଁବେ ବୋଲି ଭାବିଥିଲେ। ତଳେ ବକ୍ସ ଥିବା ଜାଣି ସେ ନିର୍ଭୟ ଥିଲେ। ହେଲେ ବକ୍ସଗୁଡ଼ିକ ଉଚ୍ଚରୁ ଦିଆସିଲି ବକ୍ସ ଭଳି ଦେଖାଯାଉଥିଲା। ଏହା ସତ୍ତ୍ୱେ ସେ ଦୌଡ଼ିକି ଡେଇଁବା ପ୍ରୟାସ କରିବା ସମୟରେ ଗୋଡ଼ ଖସିଯାଇଥିଲା। ଫଳରେ ସେ ପାହାଡ଼ରୁ ପଡ଼ି ଯାଇଥିଲେ। ଏଥିରେ ତାଙ୍କୁ ଗଭୀର ଆଘାତ ଲାଗିଥିଲା। ସେହିପରି ସେ ଫିଲ୍ମ 'ପତ୍ଥର୍ କେ ଫୁଲ୍' ସୁଟିଂ ସମୟରେ ମଧ୍ୟ ଏକ ଷ୍ଟଣ୍ଟ କରୁଥିବା ସମୟରେ ପଡ଼ିଯାଇଥିଲେ। ଫଳରେ ବହୁଦିନ ଧରି ତାଙ୍କ ପିଠିରେ ଯନ୍ତ୍ରଣା ଲାଗି ରହିଥିଲା। ■

## ଟେଲିଭିଜନ ପ୍ରିମିୟର

# ଅଦୃଶ୍ୟ

ଆଜି (ମେ୩୧) ସନ୍ଧ୍ୟା ୬ଟା ୩୦ରେ ଜି ସାର୍ଥକରେ ୱାଲ୍ର୍ଡ ଟେଲିଭିଜନ ପ୍ରିମିୟର ହେବ ଓଡ଼ିଆ ସିନେମା 'ଅଦୃଶ୍ୟ'। "ପାପକୁ ଲୁଚାଇବା ସହଜ କିନ୍ତୁ କର୍ମକୁ ନୁହଁ, ଶେଷ ପରିଣାମ କ'ଣ ହେବ କାରଣ କର୍ମ ଫଳ ଯେମିତି ହେଲେ ଭୋଗିବାକୁ ତ ପଡ଼ିବ"। ଯାହାକୁ ପ୍ରମାଣିତ କରିଛି ଏହି ଚଳଚ୍ଚିତ୍ର ନିଜର ଏକ ଦମଦାର କାହାଣୀ ସହ। ମା' ଗାୟତ୍ରୀ ଫିଲ୍ମସ୍ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରର କାହାଣୀ ଜୀବନ ସହ ଯୋଡ଼ି ହୋଇ ରହିଥିବା କର୍ମଫଳ ଏବଂ ଏକ ରହସ୍ୟମୟ 'ଅଦୃଶ୍ୟ ଶକ୍ତି' ଉପରେ ଆଧାରିତ। ଏହି ଫିଲ୍ମର ନିର୍ଦ୍ଦେଶନା, କାହାଣୀ ଓ ଚିତ୍ରନାଟ୍ୟ ଭାର ସତ୍ୟ ନାରାୟଣ ସାହୁ ସମ୍ଭାଳିଥିବା ବେଳେ ପ୍ରଯୋଜନା କରିଛନ୍ତି ସୁନନ୍ଦା ସାହୁ। ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ମଳୟ ମିଶ୍ରଙ୍କ ସ୍ୱର ଏବଂ ଅରୁଣ ମନ୍ତ୍ରୀ ଓ ସତ୍ୟ ନାରାୟଣ ସାହୁଙ୍କ ଗୀତ ଚଳଚ୍ଚିତ୍ରକୁ ଅଧିକ ଜୀବନ୍ତ କରିଛି। ମୁଖ୍ୟ ଭୂମିକାରେ ଅଭିଷେକ ଗିରି, ଲିପ୍‌ସା ମିଶ୍ର ଏବଂ ସାୟଲ ମୁଖାର୍ଜୀ ନଜର ଆସିବେ। ସେହିପରି ସହ-ଅଭିନେତା ଭାବେ ଚୌଧୁରୀ ଜୟପ୍ରକାଶ ଦାସ, ଜୀବନ ପଣ୍ଡା, ରାଜେଶ ଅଗ୍ରୱାଲ, ନୀଳମଣି, ପ୍ରଦୀପ ଦେବତା, ଅରବିନ୍ଦ ଜେନା ଓ କୁସୁମ ତ୍ରିପାଠୀ ପ୍ରମୁଖ ଅଭିନୟ କରିଛନ୍ତି। ■



# ଲୁଧିଆନାରେ ଚଳନ୍ତା ଟ୍ରେନ୍‌ରୁ ଅଲଗା ହେଲା ବଗି

ଲୁଧିଆନା, ୬।୬(ଏଜେନ୍ସି): ନ୍ୟୁଜଲପାଇଗୁଡ଼ିରୁ ମାତା ବୈଷ୍ଣୋଦେବୀ କାଟ୍ରା ଯାଉଥିବା ଏକ୍ସପ୍ରେସ ଟ୍ରେନ୍ ଶନିବାର ସକାଳେ ଲୁଧିଆନା ରେଳ ଷ୍ଟେସନରୁ ଛାଡ଼ିବା ସମୟରେ ଏକ ବଡ଼ ଦୁର୍ଘଟଣାରୁ ରକ୍ଷା ପାଇଯାଇଛି। ଟ୍ରେନ୍‌ଟି ଗତିଶୀଳ ହେବା ମାତ୍ରେ ଦୁଇଟି ବଗିକୁ ଯୋଡୁଥିବା କପ୍ଲର୍‌ଟି ହଠାତ୍ ଭାଙ୍ଗିଯାଇଥିଲା, ଯାହାଫଳରେ ଗୋଟିଏ ଶୋଇବା ବଗିର ଶୌଚାଳୟ ଅଂଶଟି ଭାଙ୍ଗି ସମ୍ପୂର୍ଣ୍ଣ ଅଲଗା ହୋଇଯାଇଥିଲା। ଏହି ସମୟରେ ଏକ ବିସ୍ଫୋରଣ ଭଳି ପ୍ରଚଣ୍ଡ ଶବ୍ଦ ହେବାରୁ ଯାତ୍ରୀମାନଙ୍କ ମଧ୍ୟରେ ତୀବ୍ର ଆତଙ୍କ ପ୍ରକାଶ ପାଇଥିଲା। ଘଟଣା ସମ୍ପର୍କରେ ସୂଚନା ପାଇ ରେଳ ସୁରକ୍ଷା ବଳ ଏବଂ ସ୍ଥାନୀୟ ପୁଲିସ ତୁରନ୍ତ ଷ୍ଟେସନରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ପୁଲିସ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଏହା କୌଣସି ବୋମା ବିସ୍ଫୋରଣ ନୁହେଁ, ବରଂ ଏକ ଯାନ୍ତ୍ରିକ ତ୍ରୁଟି। ରେଳବାଇର ଯାନ୍ତ୍ରିକ କର୍ମଚାରୀ ଓ ଯନ୍ତ୍ରୀମାନଙ୍କ ଅନୁସାରେ, ବଗିଟି ପୁରୁଣା ଥିବାରୁ ଏହାର ୱେଲ୍ଡିଂ ଦୁର୍ବଳ ହୋଇଯାଇଥିଲା ଏବଂ ସେହି ସ୍ଥାନରୁ ହିଁ ଏହା ଭାଙ୍ଗିଯାଇଛି। ସୌଭାଗ୍ୟବଶତଃ ଏହି ଦୁର୍ଘଟଣାରେ କୌଣସି ଯାତ୍ରୀ ଆହତ ହୋଇନାହାନ୍ତି।

# ସ୍ତ୍ରୀ, ପୁଅର କବରକୁ ଜାବୁଡ଼ି ଧରି ଚାଲିଗଲା ସ୍ୱାମୀର ଜୀବନ

ମହୋବା, ୬।୬(ଏଜେନ୍ସି): ଉତ୍ତର ପ୍ରଦେଶର ମହୋବା ଜିଲ୍ଲା ଚରଖାରୀ ସହରରୁ ଏକ ଅତ୍ୟନ୍ତ ଦୁଃଖଦ ତଥା ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ସ୍ତ୍ରୀ ଏବଂ ପୁଅର ମୃତ୍ୟୁର ମାତ୍ର ୧୧ ଦିନ ପରେ ଜଣେ ବ୍ୟକ୍ତି ସେମାନଙ୍କ କବରକୁ ଜାବୁଡ଼ି ଧରିଥିବା ଅବସ୍ଥାରେ ପ୍ରାଣ ହରାଇଛନ୍ତି। ମୃତ ବ୍ୟକ୍ତିଜଣକ ହେଲେ ୪୦ ବର୍ଷୀୟ ସୁଭାନ ଅହମ୍ମଦ। ପରିବାରର ତିନି ଜଣଙ୍କ ମୃତ୍ୟୁ ପରେ ଏବେ ୩ ପିଲା ସମ୍ପୂର୍ଣ୍ଣ ଅନାଥ ହୋଇଯାଇଛନ୍ତି। ଗତ ମେ ୨୫ ତାରିଖରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ସୁଭାନଙ୍କ ୬ ବର୍ଷର ପୁଅ ହସନୈନ ଅସୁସ୍ଥ ହୋଇ ଚିକିତ୍ସା ପାଇଁ ଯିବା ବାଟରେ ଆଖି ବୁଜିଥିଲା। ପୁଅର ମୃତ୍ୟୁ ଖବର ସହିନପାରି ସେହି ଦିନ ହିଁ ମା' ରାଜିଆ ଖାତୁନ ମଧ୍ୟ ପ୍ରାଣ ହରାଇଥିଲେ। ଗୋଟିଏ ଦିନରେ ମା' ଏବଂ ପୁଅଙ୍କୁ କବର ଦିଆଯାଇଥିଲା। ମାତ୍ର କେତେଟା ଘଣ୍ଟା ମଧ୍ୟରେ ସ୍ତ୍ରୀ ଓ ସବୁଠାରୁ ସାନ ପୁଅଙ୍କୁ ହରାଇ ସୁଭାନ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ ଏବଂ ଗଭୀର ମାନସିକ ଆଘାତରେ ଥିଲେ। ଶୁକ୍ରବାର ସକାଳ ପ୍ରାୟ ୪ଟା ସମୟରେ ସୁଭାନ ପ୍ରାର୍ଥନା କରିବା ପାଇଁ ଶ୍ମଶାନକୁ ଯାଇଥିଲେ। ଦୁଇ ଘଣ୍ଟା ପରେ ମଧ୍ୟ ସେ ଘରକୁ ନଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ସେଠାରେ ସୁଭାନ ଗୋଟିଏ ହାତ ପୁଅର କବର ଉପରେ ଏବଂ ଅନ୍ୟ ହାତଟି ସ୍ତ୍ରୀର କବର ଉପରେ ରଖି ଅଚେତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ମେଡିକାଲ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଗୋଡ଼ରେ ଏକ ଚିହ୍ନ ଥିବାରୁ କୌଣସି ବିଷାକ୍ତ କୀଟ କାମୁଡ଼ିବା ଯୋଗୁଁ କିମ୍ବା ଅତ୍ୟଧିକ ମାନସିକ ଆଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଇଛି।

# ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ମାର୍କ ପୁନଃଗଣତି ଅବଧି ବଢ଼ିଲା

ନୂଆଦିଲ୍ଲୀ, ୬।୬(ଏଜେନ୍ସି): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଖାତା ଯାଞ୍ଚ ଏବଂ ପୁନଃମୂଲ୍ୟାୟନ ପାଇଁ ଆବେଦନ ସମୟସୀମାକୁ ଜୁନ୍ ୬ରୁ ଜୁନ୍ ୭ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦେଇଛି। ବୋର୍ଡର ଅନ୍‌ଲାଇନ୍ ପୋର୍ଟାଲରେ ବୈଷୟିକ ସମସ୍ୟା ଦେଖାଯିବା କାରଣରୁ ଛାତ୍ରଛାତ୍ରୀଙ୍କୁ ଅଧିକ ସମୟ ଦେବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଜୁନ୍ ୨ ତାରିଖରୁ ଏହି ପୋର୍ଟାଲ୍ ଆରମ୍ଭ ହେବା ପରଠାରୁ ଏହା ଉପରେ କ୍ରମାଗତ ଭାବେ ସାଇବର ଆକ୍ରମଣ ହୋଇଥିଲା। ମାତ୍ର ଦୁଇ ମିନିଟ୍‌ରେ ପୋର୍ଟାଲ୍ ଉପରେ ୧୫ ଲକ୍ଷରୁ ଅଧିକ ଥର ଆକ୍ରମଣ କରି ୱେବସାଇଟ୍‌କୁ ଅଚଳ କରିବାକୁ ଚେଷ୍ଟା କରାଯାଇଥିଲା। ଏହା ସହିତ ପ୍ରାୟ ଏକ ଲକ୍ଷରୁ ଅଧିକ ଥର ବେଆଇନ ଭାବେ ତଥ୍ୟ ଚୋରି ପାଇଁ ଉଦ୍ୟମ ହୋଇଥିଲା। ତେବେ କୌଣସି ତଥ୍ୟ ଲିକ୍ ହୋଇ ନ ଥିବା ବୋର୍ଡ ସ୍ପଷ୍ଟ କରିଛି। ଏହି ଘଟଣାରେ ଦିଲ୍ଲୀ ପୁଲିସ ନିକଟରେ ଏକ ମାମଲା ଦାୟର କରାଯାଇ ତଦନ୍ତ ଆରମ୍ଭ ହୋଇଛି। କେନ୍ଦ୍ରୀୟ ଏଜେନ୍ସି ଏବଂ ପ୍ରଯୁକ୍ତିବିଦ୍ୟା ଅନୁଷ୍ଠାନର ବିଶେଷଜ୍ଞ ଦଳ ଏହାର ମୁକାବିଲା କରୁଛନ୍ତି। ଜୁନ୍ ୪ ସୁଦ୍ଧା ମୋଟ୍ ୭୦, ୪୩୩ଟି ପୁନଃମୂଲ୍ୟାୟନ ଆବେଦନ ମିଳିସାରିଛି। ଚଳିତ ବର୍ଷ ପ୍ରଥମ ଥର ପାଇଁ ଡିଜିଟାଲ୍ ମାଧ୍ୟମରେ ଖାତା ଦେଖା ହେବା ପରଠାରୁ ବୋର୍ଡ ବିବାଦରେ ରହିଛି। ଚଳିତ ମେ' ୧୩ରେ ପ୍ରକାଶିତ ଫଳାଫଳରେ ପାସ୍ ହାର ଗତବର୍ଷ ତୁଳନାରେ କମିଥିବା ବେଳେ ଖାତା ଦେଖାରେ ବହୁତ ତ୍ରୁଟି ଥିବା ନେଇ ଛାତ୍ରଛାତ୍ରୀମାନେ ଅଭିଯୋଗ କରିଥିଲେ। ଜଣେ ଛାତ୍ରଙ୍କୁ ଅନ୍ୟ ଜଣଙ୍କର ପଦାର୍ଥ ବିଜ୍ଞାନ ଖାତା ମିଳିବା ଘଟଣା ସାମ୍ନାକୁ ଆସିବା ପରେ ଏହି ବିବାଦ ତୀବ୍ର ହୋଇଥିଲା।

# ଆଗୁଆ ଜାମିନ ପାଇଁ କୋର୍ଟର ଦ୍ୱାରସ୍ଥ ହେଲେ ଖାନ୍ ସାର୍

ପାଟନା, ୬।୬(ଏଜେନ୍ସି): ପାଟନାର ପ୍ରସିଦ୍ଧ ଶିକ୍ଷାବିତ୍ ଫୈସଲ ଖାନ୍ (ଖାନ୍ ସାର୍) ନିଜ କୋଚିଂ ସେଣ୍ଟରରେ ହୋଇଥିବା ପଥରମାଡ଼ ଓ ଗୁଳିକାଣ୍ଡ ମାମଲାରେ ଶନିବାର ପାଟନା କୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ଏହି ଘଟଣାରେ ରୁଜୁ ହୋଇଥିବା ମାମଲାରେ ତାଙ୍କ ନାମ ସାମ୍ନାକୁ ଆସିବା ପରେ ସେ ଗିରଫଦାରୀରୁ ବର୍ତ୍ତିବା ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ମଙ୍ଗଳବାର ରାତିରେ ପ୍ରାୟ ୧୫ ରୁ ୨୦ ଜଣ ଦୁର୍ବୃତ୍ତ 'ଖାନ୍ ଗ୍ଲୋବାଲ୍ ଷ୍ଟଡିଜ୍ ଇନଷ୍ଟିଚ୍ୟୁଟ୍'ରେ ଭଙ୍ଗାରୁଜା ଓ ପଥରମାଡ଼ କରିଥିଲେ। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯିବାରୁ ସେଣ୍ଟରର ଦୁଇ ଜଣ ସୁରକ୍ଷାକର୍ମୀ ଆତ୍ମରକ୍ଷା ପାଇଁ ଫାୟାରିଂ କରିଥିଲେ। ପୁଲିସ ଗୁରୁବାର ସେହି ଦୁଇ ଜଣ ସୁରକ୍ଷାକର୍ମୀଙ୍କୁ ଅଟକ ରଖି ପଚରାଉଚରା କରିବା ସମୟରେ, ସେମାନେ ଖାନ୍ ସାର୍‌ଙ୍କ ନିର୍ଦ୍ଦେଶରେ ଗୁଳି ଚଳାଇଥିବା ପ୍ରକାଶ କରିଥିଲେ। ତେବେ ଖାନ୍ ସାର୍‌ଙ୍କ ଓକିଲ ଅରବିନ୍ଦ କୁମାର ମାଉ୍‌ଭର ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିବା ସହ ଏହା ଏକ ପ୍ରତିଦ୍ୱନ୍ଦ୍ୱୀ କୋଚିଂ ସେଣ୍ଟରର ନିର୍ଦ୍ଦେଶକଙ୍କ ଦ୍ୱାରା କରାଯାଇଥିବା ଏକ ବଡ଼ ଷଡ଼ଯନ୍ତ୍ର ବୋଲି କହିଛନ୍ତି। ସେ କହିଛନ୍ତି ଯେ ଖାନ୍ ସାର୍‌ଙ୍କୁ ବଦନାମ ଓ ମିଛ ମାମଲାରେ ଫସାଇବା ପାଇଁ ଏଫ୍‌ଆଇଆର୍‌ରେ ତାଙ୍କ ନାମ ଜବରଦସ୍ତି ଯୋଡ଼ାଯାଇଛି।

# ଟିଭିକେ ଓ ଡିଏମ୍‌କେରେ ସାମିଲ ହେଲେ ଅନେକ ପୂର୍ବତନ ମନ୍ତ୍ରୀ

ଚେନ୍ନାଇ, ୬।୬(ଏଜେନ୍ସି): ତାମିଲନାଡୁ ରାଜନୀତିରେ ଏଆଇଏଡିଏମକେ ଦଳର ସଙ୍କଟ ଆହୁରି ଗଭୀର ହେବାରେ ଲାଗିଛି। ବିଧାନସଭା ନିର୍ବାଚନରେ ଖରାପ ପ୍ରଦର୍ଶନ ପରେ ଦଳରେ ଦେଖାଦେଇଥିବା ଆଭ୍ୟନ୍ତରୀଣ ବିବାଦ ମଧ୍ୟରେ ଶନିବାର ଅନେକ ପୂର୍ବତନ ବିଧାୟକ ଓ ମନ୍ତ୍ରୀ ଦଳ ଛାଡ଼ିଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣ ପୂର୍ବତନ ମନ୍ତ୍ରୀ ଉଦୁମଲାଇ କେ ରାଧାକ୍ରିଷ୍ଣନ, ଏମସି ସମ୍ପଥ, କଦମ୍ବୁର ସି ରାଜୁ ଏବଂ ଏନଆର ଶିବପାଥି ମୁଖ୍ୟମନ୍ତ୍ରୀ ବିଜୟଙ୍କ ଦଳ 'ଟିଭିକେ' ରେ ସାମିଲ ହୋଇଛନ୍ତି। ଅନ୍ୟପଟେ, ଆଉ କିଛି ପୂର୍ବତନ ବିଧାୟକ ବିରୋଧୀ ଦଳ 'ଡିଏମକେ' ସଭାପତି ଏମକେ ଷ୍ଟାଲିନଙ୍କ ଉପସ୍ଥିତିରେ ସେହି ଦଳରେ ଯୋଗ ଦେଇଛନ୍ତି। ନିକଟରେ ଅନୁଷ୍ଠିତ ନିର୍ବାଚନ ପରେ ଏଆଇଏଡିଏମକେର ୨୫ ଜଣ ବିଦ୍ରୋହୀ ବିଧାୟକ ଦଳୀୟ ନିର୍ଦ୍ଦେଶକୁ ଅମାନ୍ୟ କରି ମୁଖ୍ୟମନ୍ତ୍ରୀ ବିଜୟଙ୍କ ସପକ୍ଷରେ ଭୋଟ୍ ଦେଇଥିଲେ। ଏହାପରଠାରୁ ଦଳର ଅନେକ ନେତା ଓ କର୍ମୀ କ୍ରମାଗତ ଭାବେ ଦଳ ଛାଡୁଥିବାରୁ ସାଧାରଣ ସମ୍ପାଦକ ଏଡାପାଡି ପାଲାନିସ୍ୱାମୀଙ୍କ ପାଇଁ ଚିନ୍ତା ବଢ଼ିଯାଇଛି।



# ପୁଣି ଅଶାନ୍ତ ହେଲା ହର୍ମୁଜ୍

## ଇରାନର ଡ୍ରୋନ୍ ମାଡ଼ ପରେ ଆମେରିକାର ପାଲଟା ଆକ୍ରମଣ

ୱାଶିଂଟନ/ତେହରାନ, ୬।୬(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ସାମରିକ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ରଣକ୍ଷେତ୍ର ପାଲଟିଛି ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଳପଥ ହର୍ମୁଜ୍ ପ୍ରଣାଳୀ। ଆମେରିକା ସେନା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଇରାନ ଦ୍ୱାରା ପଠାଯାଇଥିବା ଚାରୋଟି ଆତ୍ମଘାତୀ ଆକ୍ରମଣକାରୀ ଡ୍ରୋନ୍‌କୁ ଆକାଶମାର୍ଗରେ ଧ୍ୱଂସ କରିବା ପରେ ଆମେରିକା ଏହାର ପାଲଟା ଜବାବ ଦେଇଛି। ଆମେରିକୀୟ ବାହିନୀ ସିଧାସଳଖ ଇରାନ ସୀମା ଭିତରକୁ ପଶି ସେଠାକାର ଗୋରୁକ ଏବଂ କେଶମ ଦ୍ୱୀପରେ ଥିବା ଉପକୂଳବର୍ତ୍ତୀ ସାମରିକ ରାଡାର କେନ୍ଦ୍ରଗୁଡ଼ିକ ଉପରେ ଶକ୍ତ ଆକ୍ରମଣ କରି ସେଗୁଡ଼ିକୁ ନଷ୍ଟ କରିଦେଇଛି। ଆମେରିକା କେନ୍ଦ୍ରୀୟ କମାଣ୍ଡ (ସେଣ୍ଟକମ୍) ସାମାଜିକ ଗଣମାଧ୍ୟମରେ ଏକ ବିବୃତି ଜାରି କରି ଏହି ଆକ୍ରମଣ ସମ୍ପର୍କରେ ନିଶ୍ଚିତ କରିଛି। ସେଣ୍ଟକମ୍ ପକ୍ଷରୁ କୁହାଯାଇଛି ଯେ, ଇରାନର ଏହି ଚାରୋଟି ଡ୍ରୋନ୍ ଅନ୍ତର୍ଜାତୀୟ ଜଳପଥରେ ଚଳାଚଳ କରୁଥିବା ବାଣିଜ୍ୟିକ ଜାହାଜଗୁଡ଼ିକ ପାଇଁ ସିଧାସଳଖ ବିପଦ ସୃଷ୍ଟି କରୁଥିଲେ। ସେଥିପାଇଁ ଆତ୍ମରକ୍ଷା ଏବଂ ଜଳପଥର ସୁରକ୍ଷା ଖାତିରରେ ଆମେରିକା ସେନା ଏହି ପଦକ୍ଷେପ ନେଇଛି। ଆଗକୁ ମଧ୍ୟ ଇରାନର ଯେକୌଣସି ଅଯଥା ଆକ୍ରମଣର ଜବାବ ଦେବାକୁ ଆମେରିକା ସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ସେଣ୍ଟକମ୍ ଚେତାବନୀ ଦେଇଛି। ଅପରପକ୍ଷରେ, ଇରାନର ସରକାରୀ ଗଣମାଧ୍ୟମ ଅନୁଯାୟୀ, ଶନିବାର ସକାଳେ ହର୍ମୁଜ୍ ପ୍ରଣାଳୀ ନିକଟରେ ସେମାନଙ୍କ ସେନା ପକ୍ଷରୁ କେତେକ ଚେତାବନୀ ସୂଚକ ଗୁଳିଚାଳନା କରାଯାଇଥିଲା। ଆମେରିକାର ଯୁଦ୍ଧ ଜାହାଜଗୁଡ଼ିକ ନିଜର ସ୍ଥିତି ବଦଳାଇ ଇରାନ ସୀମା ଆଡ଼କୁ ଆସୁଥିବାରୁ ଏହାର ଜବାବରେ ଇରାନ ଏଭଳି ପଦକ୍ଷେପ ନେଇଥିବା ସେମାନଙ୍କ ସମ୍ବାଦ ସଂସ୍ଥା ପ୍ରକାଶ କରିଛି। କିନ୍ତୁ ଏହାପରେ ଆମେରିକାର ପାଲଟା ମିସାଇଲ୍ ମାଡ଼ ଇରାନର ସାମରିକ ପ୍ରସ୍ତୁତିକୁ ବଡ଼ ଝଟ୍‌କା ଦେଇଛି। ହର୍ମୁଜ ପ୍ରଣାଳୀ ହେଉଛି ସାରା ବିଶ୍ୱ ପାଇଁ ତେଲ ଏବଂ ଗ୍ୟାସ୍ ରପ୍ତାନିର ଏକ ପ୍ରମୁଖ ଚୋକପଏଣ୍ଟ ବା ସଙ୍କୁଚିତ ଜଳପଥ।

# ଜାତିସଂଘରେ ପାକିସ୍ତାନକୁ ଭାରତର ଚେତାବନୀ

## କାଶ୍ମୀର ପ୍ରସଙ୍ଗରେ ମିଥ୍ୟା ପ୍ରଚାର ବନ୍ଦ କରୁ ପାକିସ୍ତାନ

ନୂଆଦିଲ୍ଲୀ, ୬।୬(ଏଜେନ୍ସି): ମିଳିତ ଜାତିସଂଘ ମହାସଭାରେ ପୁଣି ଥରେ କାଶ୍ମୀର ପ୍ରସଙ୍ଗ ଉଠାଇ ଭାରତ ବିରୋଧରେ ବିଷୋଦ୍‌ଗାର କରିବା ପାକିସ୍ତାନ ପାଇଁ ମହଙ୍ଗା ପଡ଼ିଛି। ଶୁକ୍ରବାର ଦିନ ଜାତିସଂଘରେ ଭାରତ ପକ୍ଷରୁ ପାକିସ୍ତାନର ସମସ୍ତ ମିଥ୍ୟା ଓ ମନଗଢ଼ା ଅଭିଯୋଗକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରାଯିବା ସହ କଡ଼ା ଭାଷାରେ ଜବାବ ଦିଆଯାଇଛି। ଭାରତ ସ୍ପଷ୍ଟ କରିଛି ଯେ, ନିଜର ବ୍ୟକ୍ତିଗତ ତଥା ମନ୍ଦ ରାଜନୈତିକ ଉଦ୍ଦେଶ୍ୟ ଚରିତାର୍ଥ କରିବା ପାଇଁ ଜାତିସଂଘ ଭଳି ଏକ ସମ୍ମାନଜନକ ଅନ୍ତର୍ଜାତୀୟ ମଞ୍ଚକୁ ଅପବ୍ୟବହାର କରିବା ପାକିସ୍ତାନ ବନ୍ଦ କରୁ। ରାଷ୍ଟ୍ରସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ରାଷ୍ଟ୍ରଦୂତ ପାର୍ବଥାନେନି ହରିଶ୍ ପାକିସ୍ତାନର ଅଭିଯୋଗର ଜବାବ ଦେଇ କହିଛନ୍ତି, 'ପାକିସ୍ତାନ ପକ୍ଷରୁ ଭାରତର ସମ୍ପୂର୍ଣ୍ଣ ଆଭ୍ୟନ୍ତରୀଣ ପ୍ରସଙ୍ଗ ତଥା ଜମ୍ମୁ-କାଶ୍ମୀର ସମ୍ପର୍କରେ ଯେଉଁ ଅନାବଶ୍ୟକ ଟିପ୍ପଣୀ ଦିଆଯାଇଛି, ତାହାର ଉତ୍ତର ଦେବାକୁ ମୁଁ ବାଧ୍ୟ ହେଉଛି। ପାକିସ୍ତାନ



ନିଜର ସୀମିତ ରାଜନୈତିକ ସ୍ୱାର୍ଥ ପାଇଁ ଏହି ପବିତ୍ର ମଞ୍ଚକୁ ବ୍ୟବହାର କରିବାକୁ ପଛାଇ ନାହିଁ। ସୁରକ୍ଷା ପରିଷଦର ସଦସ୍ୟ ହେବା ଏକ ବଡ଼ ଦାୟିତ୍ୱ, ଏହା ମିଥ୍ୟା ଏବଂ ପକ୍ଷପାତମୂଳକ କାହାଣୀ ପ୍ରଚାର କରିବାର ସ୍ଥାନ ନୁହେଁ।' ସେ ଆହୁରି ମଧ୍ୟ ଦୃଢ଼ତାର ସହ କହିଛନ୍ତି ଯେ, ଜମ୍ମୁ ଓ କାଶ୍ମୀର ଭାରତର ଅଙ୍ଗ ଥିଲା, ଅଛି ଏବଂ ସଦାସର୍ବଦା ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିବ। ଏହା ବିରୋଧରେ କରାଯାଉଥିବା ଯେ, କୌଣସି ପ୍ରଚାର ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ଐତିହାସିକ ସତ୍ୟତାଠାରୁ ଦୂରରେ। ଜମ୍ମୁ-କାଶ୍ମୀର ପ୍ରସଙ୍ଗକୁ ଏକ ଅନ୍ତର୍ଜାତୀୟ ବିବାଦର ରୂପ ଦେବା ପାଇଁ ପାକିସ୍ତାନ ଦୀର୍ଘ ଦିନ ହେବ ଚେଷ୍ଟା କରିଆସୁଛି। କିନ୍ତୁ ଭାରତ ଏହାର କୂଟନୈତିକ ରଣନୀତି ମାଧ୍ୟମରେ ପାକିସ୍ତାନର ଏହି ପ୍ରୟାସକୁ ବାରମ୍ବାର ଧୂଳିସାତ୍ କରିଦେଇଛି। ରାଷ୍ଟ୍ରଦୂତ ହରିଶ୍ କହିଛନ୍ତି ଯେ, ପାକିସ୍ତାନର ଖୋଲା ଆସ୍ଫାଳନ ଏବଂ ଅସାର ଦାବି ଦ୍ୱାରା ଭୂମିପୁତ୍ରଙ୍କ ବାସ୍ତବତା ଏବଂ ଇତିହାସ କଦାପି ବଦଳିବ ନାହିଁ। କାଶ୍ମୀରରେ ସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ଅଛି ଏବଂ ଏହା ଭାରତର ସାର୍ବଭୌମତ୍ୱର ଅଂଶ ଅଟେ।



# କେନ୍ଦ୍ର ଭାରତକୁ ଝଟ୍‌କା ଦେବ ମୌସୁମୀ

ନୂଆଦିଲ୍ଲୀ, ୬।୬(ଏଜେନ୍ସି): ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଏବେ ଦ୍ରୁତ ଗତିରେ ଆଗକୁ ବଢ଼ିବାରେ ଲାଗିଛି। ସ୍ୱାଭାବିକ ସମୟଠାରୁ ତିନି ଦିନ ବିଳମ୍ବରେ କେରଳ ଛୁଇଁବା ପରେ, ଏହା କର୍ଣ୍ଣାଟକ ଓ ତାମିଲନାଡୁର ଉପକୂଳ ଅଞ୍ଚଳକୁ ସମ୍ପୂର୍ଣ୍ଣ ଆବୃତ କରି ଜୁନ୍ ୫ ତାରିଖରେ ଏହାର ସଠିକ୍ ସମୟରେ ଗୋଆରେ ପ୍ରବେଶ କରିଛି। ପାଣିପାଗ ବିଶେଷଜ୍ଞଙ୍କ ଅନୁସାରେ, ମୌସୁମୀ ବାୟୁ ସଠିକ୍ ସମୟରେ କିମ୍ବା ସମୟ ପୂର୍ବରୁ ମୁମ୍ବାଇରେ ପହଞ୍ଚିଯାଇପାରେ। ଆଗାମୀ ଦୁଇରୁ ତିନି ଦିନ ମଧ୍ୟରେ ଏହା ପଶ୍ଚିମବଙ୍ଗ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକୁ ଛୁଇଁବାର ସମ୍ଭାବନା ରହିଛି। ଏହା ସହିତ ଆଗାମୀ ୧୦ ଦିନ ମଧ୍ୟରେ ଓଡ଼ିଶା, ବିହାର ଏବଂ ଝାଡ଼ଖଣ୍ଡର କେତେକ ଅଞ୍ଚଳରେ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇପାରେ। ମାତ୍ର ବଙ୍ଗୋପସାଗରରେ କୌଣସି ଶକ୍ତିଶାଳୀ ପାଣିପାଗ ନିୟାମକ ବା ଅବପାତ ସୃଷ୍ଟି ହୋଇନଥିବାରୁ, ଚଳିତ ମାସ ଶେଷ ଆଡ଼କୁ ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଓଡ଼ିଶା ସମେତ କେନ୍ଦ୍ରୀୟ ଓ ପୂର୍ବ ଭାରତରେ ମୌସୁମୀର ଅଗ୍ରଗତି ମନ୍ଦେଇଯାଇପାରେ ବୋଲି ପାଣିପାଗ ବିଜ୍ଞାନୀମାନେ ଚେତାବନୀ ଦେଇଛନ୍ତି। ଅନ୍ୟପଟେ, ଗତକାଲି ରାଜସ୍ଥାନରେ ପ୍ରବଳ ଧୂଳିଝଡ଼ ଓ ବର୍ଷା ଯୋଗୁଁ ଭିନ୍ନ ଭିନ୍ନ ସ୍ଥାନରେ ୪ ଜଣଙ୍କର ମୃତ୍ୟୁ ହୋଇଛି। ମଧ୍ୟପ୍ରଦେଶ ଓ ଛତିଶଗଡ଼ର କେତେକ ସ୍ଥାନରେ ମଧ୍ୟ ପ୍ରବଳ ଝଡ଼ବର୍ଷା ସହ ସାମାନ୍ୟ କ୍ଷୟକ୍ଷତି ଘଟିଛି। ଭାରତୀୟ ପାଣିପାଗ ବିଭାଗ ଅନୁସାରେ, ଆରମ୍ଭରେ ବର୍ଷାର ପରିମାଣ ସ୍ୱାଭାବିକଠାରୁ କମ୍ ଥିଲେ ମଧ୍ୟ ଗତ କିଛି ଦିନ ହେବ ବର୍ଷାର ପ୍ରକୋପ ବଢ଼ିବା ଯୋଗୁଁ ଏହି ନିଅଣ୍ଟିଆ ସ୍ଥିତି ବହୁଳ ଭାବେ ହ୍ରାସ ପାଇଛି। ଆଗାମୀ ଦିନରେ ଓଡ଼ିଶା, ବିହାର, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗର ଅନେକ ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ପ୍ରାକ୍-ମୌସୁମୀ ବର୍ଷା ଜାରି ରହିବ ବୋଲି ପୂର୍ବାନୁମାନ କରାଯାଇଛି।

# ଲଣ୍ଡନରେ ଭାରତର ପ୍ରଧାନବିଚାରପତିଙ୍କୁ ଅସମ୍ମାନ

## ଭାଷଣ ବେଳେ ହଙ୍ଗାମା, ଭାରତର ନିନ୍ଦା

ନୂଆଦିଲ୍ଲୀ୬।୬(ଏଜେନ୍ସି): ଲଣ୍ଡନର ଏକ ବିଶ୍ୱବିଦ୍ୟାଳୟରେ ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଭାଷଣ ଚାଲିଥିବା ବେଳେ କେତେକ ଲୋକ ହଙ୍ଗାମା କରିଛନ୍ତି। ଏହି ଘଟଣାକୁ ନେଇ ବ୍ରିଟେନରେ ଥିବା ଭାରତୀୟ ଦୂତାବାସ ତୀବ୍ର ନିନ୍ଦା କରିବା ସହ ଏହାକୁ ଏକ ଅଶୋଭନୀୟ ଆଚରଣ ବୋଲି କହିଛି। ଜୁନ୍ ୪ ତାରିଖରେ ପ୍ରଧାନ ବିଚାରପତି 'କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ଅନ୍ତର୍ଜାତୀୟ ଆଇନ' ବିଷୟରେ ଭାଷଣ ଦେଉଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସମୟରେ କିଛି ଶ୍ରୋତା ଭାରତରେ ଅସନ୍ତୋଷ ପ୍ରକାଶର ସ୍ୱାଧୀନତା ଏବଂ ଗତ ମେ ୧୫ ତାରିଖରେ ଅଦାଲତରେ ପ୍ରଧାନ ବିଚାରପତିଙ୍କ ଦ୍ୱାରା ଦିଆଯାଇଥିବା ଏକ ବିବାଦୀୟ ବୟାନକୁ ନେଇ ପ୍ରଶ୍ନ ଉଠାଇଥିଲେ। ମୁଖ୍ୟ ବିଷୟବସ୍ତୁ ବାହାରେ ଥିବାରୁ ସଞ୍ଚାଳକ ଏହି ପ୍ରଶ୍ନଗୁଡ଼ିକୁ ରୋକିବାକୁ ଚେଷ୍ଟା କରିଥିଲେ, ଯାହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ କିଛି ଲୋକ ହଙ୍ଗାମା କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ମେ ମାସରେ ଏକ ଶୁଣାଣି ବେଳେ ପ୍ରଧାନ ବିଚାରପତି ବେକାର ଯୁବକମାନଙ୍କୁ ନେଇ କକ୍ରୋଚ୍ ଅର୍ଥାତ ଅସରପା ବା ପରଜୀବୀ ଭଳି ଏକ ଶବ୍ଦ ବ୍ୟବହାର କରିଥିଲେ, ଯାହାକୁ ନେଇ ପରେ ସେ ସ୍ପଷ୍ଟୀକରଣ ମଧ୍ୟ ଦେଇଥିଲେ। ଏହି ଘଟଣାକୁ ନେଇ ଦେଶରେ ଏକ ବ୍ୟଙ୍ଗାତ୍ମକ ରାଜନୈତିକ ଗୋଷ୍ଠୀ ମଧ୍ୟ ଗଠନ ହୋଇଛି, ଯେଉଁମାନେ ଏହି ଭିଡିଓକୁ ସାମାଜିକ ଗଣମାଧ୍ୟମରେ ପ୍ରସାରିତ କରୁଛନ୍ତି। ଭାରତୀୟ ଦୂତାବାସ କହିଛି ଯେ ଗଣତନ୍ତ୍ରରେ ମତଭେଦ ରହିବା ସ୍ୱାଭାବିକ, ମାତ୍ର ନିଜର ମତ ରଖିବା ବେଳେ ସଭ୍ୟତା ଓ ଶିଷ୍ଟାଚାର ବଜାୟ ରଖିବା ଉଚିତ।



# ଅନ୍ନାମଲାଇଙ୍କ ସହ ୧୦ ଘଣ୍ଟାରେ ଯୋଡ଼ି ହେଲେ ୧୦ ଲକ୍ଷ ଲୋକ

ଚେନ୍ନଇ, ୬।୬(ଏଜେନ୍ସି): ତାମିଲନାଡୁ ବିଜେପିର ପୂର୍ବତନ ସଭାପତି କେ. ଅନ୍ନାମଲାଇ ବିଜେପିରୁ ଇସ୍ତଫା ଦେବା ପରେ ନିଜର ଏକ ନୂଆ ରାଜନୈତିକ ଦଳ ଗଠନ କରିବାକୁ ସଙ୍କେତ ଦେଇଛନ୍ତି। ଖୁବଶୀଘ୍ର ଏକ ସ୍ୱାଧୀନ ଦଳ ଘୋଷଣା କରିବେ ବୋଲି ସେ ଭିଡିଓ ବାର୍ତ୍ତା ଜାରି କରିଛନ୍ତି। ଏଥିପାଇଁ ସେ 'ୱି ଦି ଲିଡର୍ସ' ନାମକ ରାଜନୈତିକ ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅଭିଯାନର ନାମ ଘୋଷଣାର ମାତ୍ର ୧୦ ଘଣ୍ଟା ମଧ୍ୟରେ ୧୦ ଲକ୍ଷରୁ ଅଧିକ ଲୋକ ଏହି ଆନ୍ଦୋଳନ ସହ ଅନ୍‌ଲାଇନ ଯୋଡ଼ି ହୋଇଛନ୍ତି। ତାଙ୍କର ଏହି ନିଷ୍ପତ୍ତି ପରେ ତାମିଲନାଡୁ ବିଜେପିରେ ଏକ ବଡ଼ ଧରଣର ସଙ୍କଟ ସୃଷ୍ଟି ହୋଇଛି। ଅନ୍ନାମଲାଇଙ୍କୁ ସମର୍ଥନ ଜଣାଇ ବିଜେପି ରାଜ୍ୟ ଉପସଭାପତି କାରୁ ନାଗରାଜନଙ୍କ ସମେତ ଅନେକ ବରିଷ୍ଠ ନେତା ଦଳରୁ ଇସ୍ତଫା ଦେଇଛନ୍ତି। ପୂର୍ବତନ ଆଇପିଏସ୍ ଅଧିକାରୀ ଅନ୍ନାମଲାଇ କହିଛନ୍ତି ଯେ ତାଙ୍କ ଦଳ ୨୦୩୧ ମସିହା ତାମିଲନାଡୁ ବିଧାନସଭା ନିର୍ବାଚନ ଲଢ଼ିବ ଏବଂ ରାଜ୍ୟରେ ବଂଶବାଦ ତଥା ବ୍ୟକ୍ତିଗତ ପୂଜା ପରିବର୍ତ୍ତେ ସାଧାରଣ ଜନତାଙ୍କ ପାଇଁ ପରିବର୍ତ୍ତନର ରାଜନୀତି କରିବ। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ତାମିଲନାଡୁରେ ଅନୁଷ୍ଠିତ ହୋଇଥିବା ବିଧାନସଭା ନିର୍ବାଚନରେ ବିଜେପି ମାତ୍ର ଗୋଟିଏ ଆସନ ଜିତିବାକୁ ସକ୍ଷମ ହୋଇଥିଲା। ଅନ୍ୟପଟେ ଅଭିନେତା ବିଜୟଙ୍କ ଦୁଇ ବର୍ଷର ପୁରୁଣା ଦଳ 'ତାମିଲଗା ଭେଟ୍ରି କାଜାଗାମ୍' ୧୦୮ ଟି ଆସନ ଜିତି କଂଗ୍ରେସ ସହ ମିଶି ସେଠାରେ ସରକାର ଗଠନ କରିଛି। ଏହି ନିର୍ବାଚନ ପରେ ବିଜେପିର ଶୀର୍ଷ ନେତୃତ୍ୱଙ୍କ ସହ ମତଭେଦ ଯୋଗୁଁ ଅନ୍ନାମଲାଇ ଗତ ଜୁନ୍ ଦୁଇ ତାରିଖରେ ନିଜ ପଦରୁ ଇସ୍ତଫା ଦେଇଥିଲେ। ଅନ୍ନାମଲାଇଙ୍କ ଏହି ନୂଆ ଅନ୍ଦୋଳନ ଏବଂ ବିଜେପି ନେତାମାନଙ୍କ ଦଳ ତ୍ୟାଗ ଆଗାମୀ ଦିନରେ ରାଜ୍ୟ ରାଜନୀତିକୁ କେଉଁ ମୋଡ଼ ଦେଉଛି ତାହା ଦେଖିବାକୁ ବାକି ରହିଲା।





# ଭାରତୀୟଙ୍କୁ ଟାର୍ଗେଟ୍ କରୁଥିବା ୧୪ ସୋସିଆଲ ମିଡିଆ ପୋଷ୍ଟ ବ୍ଲକ୍ କଲା ସିଙ୍ଗାପୁର

ସିଙ୍ଗାପୁର, ୬।୬(ଏଜେନ୍ସି): ସିଙ୍ଗାପୁର ସରକାର ନିଜ ଦେଶରେ ସାମାଜିକ ସଦ୍‌ଭାବନା ରକ୍ଷା କରିବା ପାଇଁ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଭାରତୀୟ ସମୁଦାୟକୁ ଟାର୍ଗେଟ୍ କରୁଥିବା ଏବଂ ଦେଶର ବହୁସଂସ୍କୃତିବାଦକୁ କ୍ଷତି ପହଞ୍ଚାଉଥିବା ୧୪ଟି ପୋଷ୍ଟକୁ ବ୍ଲକ କରିବା ପାଇଁ ସିଙ୍ଗାପୁର ପୁଲିସ ଫେସବୁକ୍, ୟୁଟ୍ୟୁବ୍ ଏବଂ ଏକ୍ସ (ଟ୍ୱିଟର) ଭଳି ପ୍ରମୁଖ ସାମାଜିକ ଗଣମାଧ୍ୟମଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ସିଙ୍ଗାପୁର ଗୃହ ମନ୍ତ୍ରଣାଳୟ ଅନୁସାରେ, ଏହିସବୁ ବିବାଦୀୟ ଭିଡିଓ ଓ ପୋଷ୍ଟଗୁଡ଼ିକ ଚୀନ୍‌ରୁ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଗତ ମେ ମାସରୁ ସେଠାକାର ଇଣ୍ଟରନେଟ୍ ମାଧ୍ୟମରେ ଏଭଳି ଭ୍ରମ ସୃଷ୍ଟି କଲା ଭଳି ତଥ୍ୟ ପ୍ରସାର କରାଯାଉଥିଲା, ଯେଉଁଥିରେ ସିଙ୍ଗାପୁର ଉପରେ ଭାରତୀୟମାନେ ପ୍ରଭାବ ବିସ୍ତାର କରୁଥିବା ନେଇ ଉତ୍ତେଜନାମୂଳକ କଥା କୁହାଯାଇଥିଲା। ଦେଶର ଗୃହ ରାଷ୍ଟ୍ରମନ୍ତ୍ରୀ ଏଡୱିନ୍ ଟୋଙ୍ଗ କହିଛନ୍ତି ଯେ, ଏହି ଭିଡିଓଗୁଡ଼ିକ ଜାତି ଆଧାରରେ ଲୋକଙ୍କୁ ବିଭାଜନ କରିବାକୁ ଚେଷ୍ଟା କରୁଛି। ସିଙ୍ଗାପୁରରେ ପ୍ରତ୍ୟେକ ସମୁଦାୟର ସମାନ ସ୍ଥାନ ରହିଛି ଏବଂ ବିଦେଶୀ ନାଗରିକଙ୍କ ଦ୍ୱାରା ଦେଶର ସାମ୍ପ୍ରଦାୟିକ ସଦ୍‌ଭାବନା ନଷ୍ଟ କରିବାକୁ ଚେଷ୍ଟା କରାଗଲେ ତାହାକୁ ବରଦାସ୍ତ କରାଯିବ ନାହିଁ।

# ମମତାଙ୍କ ପାଇଁ ସିଟ୍ ଛାଡ଼ିବାକୁ ମନାକଲେ ୟୁସୁଫ ପଠାନ!

କୋଲକାତା, ୬।୬(ଏଜେନ୍ସି): ପଶ୍ଚିମବଙ୍ଗ ରାଜନୀତିରେ ବର୍ତ୍ତମାନ ପୁଣି ଅନ୍ୟ ବିବାଦ ଦେଖା ଦେଇଛି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ ନିଜର ରାଜନୈତିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଲୋକସଭାକୁ ଯିବାକୁ ଯୋଜନା କରୁଥିବା ବେଳେ ଦଳ ମଧ୍ୟରେ ବିରୋଧାଭାଷ ଦେଖାଦେଇଛି। ବିଶେଷ କରି ବହରାମପୁର ସାଂସଦ ତଥା ପୂର୍ବତନ କ୍ରିକେଟର ୟୁସୁଫ ପଠାନ ନିଜ ପଦରୁ ଇସ୍ତଫା ଦେବାକୁ ମନା କରିଦେଇଥିବା ରିପୋର୍ଟ ପ୍ରକାଶ ପାଇଛି। ସୂତ୍ର ଅନୁଯାୟୀ, ନିକଟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ନିଜ ଆସନ ଭବାନୀପୁରରୁ ଶୁଭେନ୍ଦୁ ଅଧିକାରୀଙ୍କଠାରୁ ମମତା ପରାଜିତ ହୋଇଛନ୍ତି। ହେଲେ ଏହାପରେ ସେ କେନ୍ଦ୍ରୀୟ ରାଜନୀତିରେ ପ୍ରବେଶ ପାଇଁ ସଂସଦକୁ ଯିବାକୁ ମନ ବଳାଇଛନ୍ତି। ଏଥିପାଇଁ ସେ ମୁର୍ଶିଦାବାଦ ଜିଲ୍ଲାର ବହରାମପୁର ଆସନକୁ ବାଛିଛନ୍ତି। ୨୦୨୪ ଲୋକସଭା ନିର୍ବାଚନରେ ୟୁସୁଫ ପଠାନ ଏହି ଆସନରୁ କଂଗ୍ରେସର ପ୍ରଭାବଶାଳୀ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କୁ ପ୍ରାୟ ୮୫, ୦୦୦ ଭୋଟରେ ପରାସ୍ତ



କରିଥିଲେ। ବହରାମପୁରରେ ପ୍ରାୟ ୭୦ ପ୍ରତିଶତ ମୁସଲମାନ ଭୋଟର ଥିବାରୁ ଦଳ ଏହି ଆସନକୁ ମମତାଙ୍କ ପାଇଁ ସୁରକ୍ଷିତ ସୁଯୋଗ ବୋଲି ବିବେଚନା କରୁଛି। କିନ୍ତୁ ମମତାଙ୍କ ପାଇଁ ଆସନ ଖାଲି କରିବା ପ୍ରସ୍ତାବକୁ ୟୁସୁଫ ପଠାନ ସିଧାସଳଖ ପ୍ରତ୍ୟାଖ୍ୟାନ କରିଥିବା ଜଣାପଡ଼ିଛି।

ସେପଟେ ଏହି ସମଗ୍ର ବିବାଦ ମଧ୍ୟକୁ ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ନାମ ମଧ୍ୟ ଟଣାଯାଇଛି। ଗଣମାଧ୍ୟମର କିଛି ରିପୋର୍ଟ ଅନୁଯାୟୀ, ୟୁସୁଫଙ୍କୁ ମନାଇବା ପାଇଁ ମମତା ଗାଙ୍ଗୁଲିଙ୍କ ସହାୟତା ନେଇଥିବା କୁହାଯାଇଛି। ତେବେ ଗାଙ୍ଗୁଲି ଏହି ଅଭିଯୋଗକୁ କଡ଼ା ଭାଷାରେ ଖଣ୍ଡନ କରିଛନ୍ତି। ସେ ଏହାକୁ ସତ୍ୟର ଅପମାନ ଏବଂ ଭିତ୍ତିହୀନ ବୋଲି କହିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ, ସେ କେବେ ହେଲେ କୌଣସି ରାଜନୈତିକ ବ୍ୟାପାରରେ ଜଡ଼ିତ ନୁହନ୍ତି ଏବଂ ଏହି ବିଷୟରେ ସେ ୟୁସୁଫ ପଠାନଙ୍କ ସହ କୌଣସି ଯୋଗାଯୋଗ କରିନାହାନ୍ତି। ଅନ୍ୟପଟେ ଟିଏମସି ବିଧାୟକ ହୁମାୟୁନ କବୀର ନିଜର ରେଜିନଗର ଆସନ ମମତାଙ୍କ ପାଇଁ ଛାଡିବାକୁ ପ୍ରସ୍ତାବ ଦେଇଥିବା ଜଣାଯାଇଛି।



# ଆରଜେଡି କର୍ମକର୍ତ୍ତା ହାତରେ ବାଡ଼ି ଧରି ଜଗିଲେ ଲାଲୁଙ୍କ ଘର

## ଜେଡ୍ ପ୍ରତ୍ୟାହାର ପରେ ୱାଇ-ସୁରକ୍ଷା ଫେରାଇଦେଲେ ଲାଲୁ

ପାଟନା, ୬।୬(ଏଜେନ୍ସି): ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ଏବଂ ତାଙ୍କ ପରିବାର ସରକାରଙ୍କ ଦ୍ୱାରା ସେମାନଙ୍କ ସୁରକ୍ଷା ବ୍ୟବସ୍ଥା କମାଯିବା ପ୍ରତିବାଦରେ ସମସ୍ତ ସରକାରୀ ସୁରକ୍ଷା କର୍ମୀଙ୍କୁ ଫେରାଇ ଦେଇଛନ୍ତି। ବିହାର ସରକାର ଲାଲୁ ଯାଦବ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀଙ୍କୁ ମିଳୁଥିବା ଜେଡ ପ୍ଲସ୍ ସ୍ତରର ସୁରକ୍ଷାକୁ ପ୍ରତ୍ୟାହାର କରିଥିଲେ। ଏହାପରେ ସେମାନଙ୍କୁ ବିହାର ସ୍ୱତନ୍ତ୍ର ସଶସ୍ତ୍ର ପୁଲିସ (ବିଏସ୍‌ଏପି) ଅଧୀନରେ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିଷ୍ପତ୍ତି ପରେ ପାଟନା ସ୍ଥିତ ୧୦ ସର୍କୁଲାର ରୋଡ ବାସଭବନରେ ମୁତୟନ ଥିବା ସମସ୍ତ ସୁରକ୍ଷା କର୍ମୀଙ୍କୁ ଲାଲୁ ଯାଦବ ଏବଂ ରାବ୍ରୀ ଦେବୀ ସେଠାରୁ ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ପରେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ମଧ୍ୟ ନିଜକୁ ମିଳିଥିବା ୱାଇ ପ୍ଲସ୍ ସୁରକ୍ଷା ବ୍ୟବସ୍ଥାକୁ ଫେରାଇ ଦେଇଥିଲେ। ଏହି ଘଟଣା ପରେ ଆରଜେଡି କର୍ମକର୍ତ୍ତାମାନେ ଲାଲୁ ଯାଦବଙ୍କ ବାସଭବନ ସାମ୍ନାରେ ହାତରେ ବାଡ଼ି ଧରି ଜଗି ରହିଥିବା ଦେଖିବାକୁ ମିଳିଛି।

### ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ

# ଆୟରଙ୍କୁ ନେତୃତ୍ୱ; ସୂର୍ଯ୍ୟବଂଶୀଙ୍କୁ ସୁଯୋଗ

ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ଆଗାମୀ ଦିନରେ ଖେଳାଯିବାକୁ ଥିବା ଏକାଧିକ ଟି-୨୦ ପ୍ରତିଯୋଗିତା ଲାଗି ଶନିବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ବିସିସିଆଇ ସିନିଅର ଚୟନ କମିଟି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ଟି-୨୦ ଦଳର ନିୟମିତ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ଦଳରୁ ବାଦ୍ ଦେଇଛି। ତାଙ୍କ ସ୍ଥାନରେ ଶ୍ରେୟାସ ଆୟରଙ୍କୁ ସଂକ୍ଷିପ୍ତ ଫର୍ମାଟ୍‌ରେ ଭାରତର ନୂଆ ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ଆଇପିଏଲ୍ ତାରକା ବୈଭବ ସୂର୍ଯ୍ୟବଂଶୀଙ୍କୁ ପ୍ରଥମଥର ଲାଗି ଭାରତୀୟ ସିନିଅର ଦଳରେ ସାମିଲ କରାଯାଇଛି।






ଚଳିତ ମାସ ଶେଷ ଭାଗରେ ଆୟର୍ଲାଣ୍ଡ ଓ ପରେ ଇଂଲଣ୍ଡ ବିପକ୍ଷରେ ଟି-୨୦ ସିରିଜ ଖେଳିବ। ଏହି ଦୁଇଟି ସିରିଜ ଲାଗି ୧୬ ଜଣିଆ ଭାରତୀୟ ଦଳ ଘୋଷଣା ହୋଇଛି। ସୂର୍ଯ୍ୟକୁମାରଙ୍କୁ ବାଦ୍ ଦିଆଯାଇ ତାଙ୍କ ସ୍ଥାନରେ ଆୟରଙ୍କୁ ଟି-୨୦ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ସେହିଭଳି ଅନ୍ୟତମ ମଧ୍ୟକ୍ରମ ବ୍ୟାଟର ତିଲକ ବର୍ମା ଉପ-ଅଧିନାୟକ ନିଯୁକ୍ତ ହୋଇଛନ୍ତି। ନିକଟରେ ଆଇପିଏଲ୍‌ରେ ବିଧ୍ୱଂସୀ ବ୍ୟାଟିଂ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା ସୂର୍ଯ୍ୟବଂଶୀଙ୍କୁ ଚୟନକର୍ତ୍ତାମାନେ ନିରାଶ କରିନାହାନ୍ତି। ଆଶାନୁଯାୟୀ ତାଙ୍କୁ ପ୍ରଥମଥର ସିନିଅର ଦଳରେ ସାମିଲ କରାଯାଇଛି। ସେ ଅଭିଷେକ ଶର୍ମାଙ୍କ ସହ ଇନିଂସ ଓପନ୍ କରିବା ନିଶ୍ଚିତ ହୋଇଛି। ସେହିଭଳି ଦଳରେ ଦୁଇଜଣ ୱିକେଟ୍‌କିପର ଭାବେ ଅଭିଜ୍ଞ ସଞ୍ଜୁ ସାମସନଙ୍କ ସହ ବିସ୍ଫୋରକ ଇଶାନ କିଶାନଙ୍କୁ ନିଆଯାଇଛି। ଶୁଭମ ଦୁବେ, ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର ଓ ଅକ୍ଷର ପଟେଲ ଅଲରାଉଣ୍ଡର ଭାବେ ଦଳରେ ସ୍ଥାନ ପାଇଛନ୍ତି। ଅର୍ଶଦୀପ୍ ସିଂହ, ମହମ୍ମଦ ସିରାଜ, ହର୍ଷିତ ରାଣାଙ୍କ ସହ ଆଇପିଏଲ୍ ତାରକା ପ୍ରିନ୍ସ ଯାଦବ ପେସ୍ ବୋଲିଂ ଭାର ସମ୍ଭାଳିବେ। ରବି ବିଷ୍ଣୋଇ ଓ ବରୁଣ ଚକ୍ରବର୍ତ୍ତୀ ସ୍ପେଶାଲ ସ୍ପିନର ଭାବେ ଆୟର୍ଲାଣ୍ଡ ଓ ଇଂଲଣ୍ଡ ଗସ୍ତ କରିବେ।

ଉଲ୍ଲେଖଯୋଗ୍ୟ, ଭାରତୀୟ ଦଳ ପ୍ରଥମେ ଆୟର୍ଲାଣ୍ଡ ଗସ୍ତରେ ଯାଇ ସେଠାରେ ଜୁନ ୨୬ ଓ ୨୮ରେ ଘରୋଇ ଦଳ ବିପକ୍ଷରେ ଦୁଇଟି ଟି-୨୦ ମ୍ୟାଚ୍ ଖେଳିବ। ଏହି ଦୁଇଟି ମ୍ୟାଚ୍ ବେଲ୍‌ଫାଷ୍ଟରେ ଖେଳାଯିବ। ସେଠାରୁ ଭାରତୀୟ ଦଳ ଇଂଲଣ୍ଡ ଗସ୍ତରେ ଯାଇ ପାଞ୍ଚଟି ଟି-୨୦ ମ୍ୟାଚ୍ ଘରୋଇ ଦଳ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ଜୁଲାଇ ୧ରୁ ୧୧ ତାରିଖ ମଧ୍ୟରେ ଏହି ପାଞ୍ଚଟି ମ୍ୟାଚ୍ ଖେଳାଯିବ।

**ଆୟର୍ଲାଣ୍ଡ ଓ ଇଂଲଣ୍ଡ ଟି-୨୦ ସିରିଜ ଲାଗି ଘୋଷିତ ଦଳ**

**ଶ୍ରେୟସ ଆୟର (ଅଧିନାୟକ), ତିଲକ ବର୍ମା (ଉପ-ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଇଶାନ କିଶାନ (ଉଭୟ ୱିକେଟ୍‌କିପର), ଶିବମ ଦୁବେ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ବୈଭବ ସୂର୍ଯ୍ୟବଂଶୀ, ରବି ବିଷ୍ଣୋଇ, ମହମ୍ମଦ ସିରାଜ, ହର୍ଷିତ ରାଣା, ଅର୍ଶଦୀପ ସିଂହ ଓ ପ୍ରିନ୍ସ ଯାଦବ।**

## ଏସୀୟ କ୍ରୀଡ଼ା ଦଳରେ ବୁମରା

ଆଗାମୀ ଏସୀୟ କ୍ରୀଡ଼ା ଲାଗି ମଧ୍ୟ ଶନିବାର ଭାରତୀୟ ଟି-୨୦ ଦଳ ଘୋଷଣା କରାଯାଇଛି। ସେପ୍ଟେମ୍ବର ୧୯ରୁ ଜାପାନରେ ଆରମ୍ଭ ହେବାକୁ ଥିବା ଏହି ମେଗା ପ୍ରତିଯୋଗିତା ଲାଗି ଶ୍ରେୟସ ଆୟରଙ୍କୁ ମଧ୍ୟ ୧୫ ଜଣିଆ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଏହି ଦଳରେ ମଧ୍ୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ସୁଯୋଗ ମିଳିଛି। ସେହିଭଳି ଆୟର୍ଲାଣ୍ଡ ଓ ଇଂଲଣ୍ଡ ସିରିଜରେ ସ୍ଥାନ ପାଇ ନ ଥିବା ବରିଷ୍ଠ ଦ୍ରୁତ ବୋଲର ଯଶପ୍ରୀତ ବୁମରାଙ୍କୁ କିନ୍ତୁ ଏସୀୟ କ୍ରୀଡ଼ା ଲାଗି ଦଳରେ ନିଆଯାଇଛି। ୨୦୨୩ରେ ଅନୁଷ୍ଠିତ ଏସୀୟ କ୍ରୀଡ଼ାରେ ଭାରତୀୟ ଦଳ ଋତୁରାଜ ଗାଏକଓ୍ୱାଡଙ୍କ ନେତୃତ୍ୱରେ ଚାମ୍ପିଅନ ହୋଇଥିଲା। ତେଣୁ ଏଥର ଟାଇଟଲ୍ ବଜାୟ ରଖିବାକୁ ଆୟରଙ୍କ ଦଳ ଚେଷ୍ଟା କରିବ। ଭାରତ ବ୍ୟତୀତ ଆଫଗାନିସ୍ତାନ, ବାଂଲାଦେଶ, ପାକିସ୍ତାନ, ଶ୍ରୀଲଙ୍କା ଓ ଆୟୋଜକ ଜାପାନ ଏଥର ଏସୀୟ କ୍ରୀଡ଼ା ଟାଇଟଲ୍ ଲାଗି ଲଢ଼େଇ କରିବେ।

**ଏସୀୟ କ୍ରୀଡ଼ା ଲାଗି ଭାରତୀୟ ଦଳ**

**ଶ୍ରେୟସ ଆୟର (ଅଧିନାୟକ), ତିଲକ ବର୍ମା (ଉପ-ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଇଶାନ କିଶାନ (ଉଭୟ ୱିକେଟ୍‌କିପର), ଶିବମ ଦୁବେ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ବୈଭବ ସୂର୍ଯ୍ୟବଂଶୀ, ରବି ବିଷ୍ଣୋଇ, ଯଶପ୍ରୀତ୍ ବୁମରା, ହର୍ଷିତ ରାଣା, ଅର୍ଶଦୀପ ସିଂହ।**

### ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟ ଆରମ୍ଭ

# ରାହୁଲ, ଗିଲ୍‌ଙ୍କ ଶତକ





ମୁଲାନପୁର, ୬।୬ (ଏଜେନ୍ସି): ନ୍ୟୁ ଚଣ୍ଡିଗଡ଼ସ୍ଥିତ ମହାରାଜ ଯାଦବୀନ୍ଦର ସିଂହ ଷ୍ଟାଡିୟମରେ ଶନିବାରଠାରୁ ଘରୋଇ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ଅଧିନାୟକ ଶୁଭମନ ଗିଲ୍ ଓ ଉପ-ଅଧିନାୟକ ଲୋକେଶ ରାହୁଲଙ୍କ ଶତକ ବଳରେ ପ୍ରଥମ ଦିନରେ ଦମ୍‌ଦାର ପ୍ରଦର୍ଶନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଭାରତ ୮୫ ଓଭରରେ ୩ ୱିକେଟ ହରାଇ ୩୬୮ ରନ କରି ବିଶାଳ ସ୍କୋର ଅଭିମୁଖେ ଅଗ୍ରସର ହେଉଛି। ଖେଳ ଶେଷବେଳକୁ ଗିଲ୍ ୧୦୩ ଓ ୱିକେଟ୍‌କିପର ଋଷଭ ପନ୍ତ ୫୦ ରନ (୭୦ ବଲ୍, ୨ ଚୌକା ଓ ୩ ଛକା) କରି ଅପରାଜିତ ରହିଛନ୍ତି। ଆଇପିଏଲ୍‌ର ଫର୍ମକୁ ବଜାୟ ରଖିଥିବା ଗିଲ୍ ଏଠାରେ ଟେଷ୍ଟ କ୍ୟାରିୟରର ୧୧ତମ ଶତକ ହାସଲ କରିଛନ୍ତି। ୧୪୩ ବଲ୍‌ର ଏହି ପାଳିରେ ସେ ୧୧ଟି ଚୌକା ଓ ଗୋଟିଏ ଛକା ମାରିଛନ୍ତି। ଅସମାପ୍ତ ୪ର୍ଥ ୱିକେଟ ଭାଗୀଦାରିରେ ଗିଲ୍ ଓ ପନ୍ତ ୧୪୮ ବଲରୁ ୧୨୧ ରନ ଉଠାଇଥିଲେ। ଫଳରେ ଦଳୀୟ ସ୍କୋର ୩୫୦ ରନ ଅତିକ୍ରମ କରିଥିଲା।

ଅନ୍ୟମାନଙ୍କ ମଧ୍ୟରେ ଓପନର୍ ଲୋକେଶ ରାହୁଲ ମଧ୍ୟ ୧୧ଟି ଚୌକା ମାଧ୍ୟମରେ ଠିକ୍ ୧୦୦ ରନ କରିବା ପରେ ଜିଆଉର ରହମାନ ଶାରିଫିଙ୍କ ବଲରେ ଆଉଟ୍ ହୋଇଥିଲେ। ଟେଷ୍ଟରେ ରାହୁଲଙ୍କ ଏହା ୧୨ତମ ଶତକୀୟ ପାଳି ଥିଲା। ରାହୁଲଙ୍କ ଓପନିଂ ପାର୍ଟନର ଯଶସ୍ୱୀ ଜୟସ୍ୱାଲ କିନ୍ତୁ ନିରାଶ କରିଛନ୍ତି। ପାଞ୍ଚଟି ଚୌକା ସହାୟତାରେ ୩୨ ବଲରୁ ୨୪ ରନ କରି ଜୟସ୍ୱାଲ ଆଉଟ୍ ହୋଇଥିଲେ। ତେବେ ବ୍ୟାଟିଂକ୍ରମର ୩ୟ ସ୍ଥାନରେ ସୁଯୋଗ ପାଇଥିବା ସାଇ ସୁଦର୍ଶନ ୮୧ ରନର ଦର୍ଶନୀୟ ପାଳି ଖେଳି ଦଳକୁ ବଡ଼ ସ୍କୋର ଦେବାରେ ସହାୟତା କରିଥିଲେ। ୧୦୪ ବଲର ଏହି ପାଳିରେ ସୁଦର୍ଶନ ୧୩ଟି ଚୌକା ମାରିଥିଲେ। ଭ୍ରମଣକାରୀ ଆଫଗାନିସ୍ତାନ ବୋଲରମାନେ ପ୍ରଥମ ଦିବସରେ ପ୍ରଭାବଶୂନ୍ୟ ରହିଥିଲେ। ମଧ୍ୟଗତିର ବୋଲର ମହମ୍ମଦ ସଲିମ ସାଫିଙ୍କୁ ୨ଟି ଓ ରହମାନ ଶାରିଫିଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା। ଭାରତର ବ୍ୟାଟିଂ ଲାଇନଅପ୍ ବେଶ୍ ଶକ୍ତିଶାଳୀ ଥିବାରୁ ବଳକା ୭ ୱିକେଟ୍‌ରେ ଦଳ ଏକ ବିଶାଳ ସ୍କୋର ଏଠାରେ ଠିଆ କରାଇବାର ସମ୍ଭାବନା ରହିଛି।

**ସଂକ୍ଷିପ୍ତ ସ୍କୋର**

**ଭାରତର ପ୍ରଥମ ଇନିଂସ: ୩୬୮/୩, ୮୫ ଓଭର** (ରାହୁଲ- ୧୦୦, ଗିଲ୍- ୧୦୩*, ସୁଦର୍ଶନ- ୮୧, ପନ୍ତ- ୫୦*, ଜୟସ୍ୱାଲ- ୨୪, ସଲିମ ସାଫି- ୨/୬୭)।

### ଫ୍ରେଞ୍ଚ ଓପନ୍

# ପ୍ରଥମ ଗ୍ରାଣ୍ଡସ୍ଲାମ ଜିତିଲେ ଆନ୍ଦ୍ରିଭା

ପ୍ୟାରିସ, ୬।୬ (ଏଜେନ୍ସି): ରୁଷିଆର ଯୁବ ତାରକା ମାରିଆ ଆନ୍ଦ୍ରିଭା ଏଠାରେ ଚାଲିଥିବା ଫ୍ରେଞ୍ଚ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ୧୨୫ତମ ସଂସ୍କରଣରେ ଚାମ୍ପିଅନ ହୋଇଛନ୍ତି। ଶନିବାର ରୋଲାଣ୍ଡ ଗାରସରେ ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲ ମୁକାବିଲାରେ ୮ମ ସିଡ୍ ଆନ୍ଦ୍ରିଭା ୬-୩, ୬-୨ ସିଧାସଳଖ ସେଟରେ ପୋଲାଣ୍ଡର ଯୋଗ୍ୟତା ଅର୍ଜନକାରୀ ମାଜା ଚୱାଲିସ୍କଙ୍କୁ ହରାଇଥିଲେ। ୧୯ ବର୍ଷୀୟା ଆନ୍ଦ୍ରିଭାଙ୍କ ସାମ୍ନାରେ ବିଶ୍ୱ ମାନ୍ୟତାର ୧୧୪ତମ ସ୍ଥାନରେ ଥିବା ମାଜା ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିଥିଲେ। ବିଜୟ ସହ ଆନ୍ଦ୍ରିଭା ତାଙ୍କ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଟ୍ରଫି ହାସଲ କରିଛନ୍ତି। ସେହିଭଳି ଆନ୍ଦ୍ରିଭାଙ୍କ ବିଜୟ ସହ ଫ୍ରେଞ୍ଚ ଓପନ୍ ମହିଳା ବିଭାଗରେ ଜଣେ ନୂଆ ବିଜୟିନୀଙ୍କୁ ଦେଖିବାକୁ ମିଳିଛି। ଚାମ୍ପିଅନ ଆନ୍ଦ୍ରିଭା ଟ୍ରଫି ସହ ୩.୨ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ୩୦ କୋଟି ୩୮ ଲକ୍ଷ ଟଙ୍କା) ପୁରସ୍କାର ହାସଲ କରିଛନ୍ତି। ସେହିଭଳି ରନର୍ସଅପ୍ ହୋଇଥିବା ମାଜା ୧୫ କୋଟି ୧୯ ଲକ୍ଷ ଟଙ୍କା ଘରକୁ ନେଇଛନ୍ତି।



**ଟାଇଟଲ ବଜାୟ ରଖିଲେ ଗ୍ରାନୋଲର୍ସ-ଜେବାଲୋସ୍**

ଅପରପକ୍ଷରେ ପୁରୁଷ ଯୁଗଳରେ ସ୍ପେନର ମାର୍ସେଲ୍ ଗ୍ରାନୋଲର୍ସ ଓ ଆର୍ଜେଣ୍ଟିନାର ହୋରାସିଓ ଜେବାଲୋସ୍ ଯୋଡ଼ି ଟାଇଟଲ ବଜାୟ ରଖିଛନ୍ତି। ଏକପାଖିଆ ଫାଇନାଲ୍ ମ୍ୟାଚ୍‌ରେ ଏହି ଟପ୍ ସିଡ୍ ଯୋଡ଼ି ୬-୪, ୬-୨ ସିଧାସଳଖ ସେଟ୍‌ରେ ପ୍ରତିପକ୍ଷ ଦ୍ୱିତୀୟ ସିଡ୍ ଯୋଡି ଫିନଲାଣ୍ଡର ହାରି ହେଲିଓଭାରା ଏବଂ ବ୍ରିଟେନର ହେନ୍ରୀ ପ୍ୟାଟେନ୍‌ଙ୍କୁ ସହଜରେ ପରାସ୍ତ କରି କ୍ରମାଗତ ଦ୍ୱିତୀୟ ଥର ପାଇଁ ଏଠାରେ ଟାଇଟଲ୍ ହାସଲ କରିଛନ୍ତି।

# ଆଶିଷଙ୍କ ହ୍ୟାଟ୍ରିକ୍; ଭାରତ ଚାମ୍ପିଅନ

### ଜୁନିଅର ଏସିଆ କପ୍ ହକି

କାକାମିଗହରା, ୬।୬ (ଏଜେନ୍ସି): ଜାପାନରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ପୁରୁଷ ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟର ଷଷ୍ଠ ସଂସ୍କରଣରେ ଭାରତ ଚାମ୍ପିଅନ ହୋଇଛି। ଶନିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଭାରତ ୪-୧ ଗୋଲ୍‌ରେ ଘରୋଇ ଜାପାନକୁ ପରାସ୍ତ କରି ଟାଇଟଲ୍ ଜିତିଥିଲା। ଯୁବ ଭାରତୀୟ ଦଳ ପକ୍ଷରୁ ଝାଡ଼ଖଣ୍ଡ ତାରକା ଆଶିଷ ତାନି ପୁର୍ତ୍ତୀ ହ୍ୟାଟ୍ରିକ ଗୋଲ୍ ଦେଇ ଦଳକୁ ସ୍ୱର୍ଣ୍ଣ ପଦକ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ମ୍ୟାଚର ଦ୍ୱିତୀୟ, ୨୮ତମ ଓ ୩୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ମ୍ୟାଚର ୩୦ତମ ମିନିଟରେ କେତନ କୁଶୱାହଙ୍କ ଷ୍ଟିକରୁ ଅନ୍ୟତମ ଗୋଲ୍‌ଟି ହୋଇଥିଲା। ବିଜୟ ସହ ଭାରତ ୩ୟଥର ଲାଗି ଜୁନିଅର ଏସିଆ କପ୍ ହକି ଟ୍ରଫି ଜିତିଛି। ଏଥିପୂର୍ବରୁ ଭାରତ ୨୦୦୧ ଓ ୨୦୧୬ରେ ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିଲା।



**ମହିଳା ଦଳ କାଂସ୍ୟରେ ସନ୍ତୁଷ୍ଟ**

ଅପରପକ୍ଷରେ ଭାରତୀୟ କନିଷ୍ଠ ମହିଳା ଦଳ ଏହି ଟୁର୍ଣ୍ଣାମେଣ୍ଟରେ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଛି। ତୃତୀୟ ଓ ୪ର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ଭାରତ ୩-୦ ଗୋଲରେ କୋରିଆକୁ ପରାସ୍ତ କରିଥିଲା। ଭାରତ ପକ୍ଷରୁ ଓଡ଼ିଆ ଖେଳାଳି ସୁଇଟି କୁଜୁର, ସନ୍ଦୀପା କୁମାରୀ ଓ ନୌଶିନ ନାଜ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ପୂର୍ବରୁ ଭାରତୀୟ ଦଳ ସେମିଫାଇନାଲରେ ପରାସ୍ତ ହୋଇ ଟାଇଟଲ୍ ଦୌଡ଼ରୁ ବାଦ୍ ପଡ଼ିଥିଲା। ଜୁନିଅର ଏସିଆ କପ୍ ହକିରେ ଦୁଇ ଦୁଇଟି ପଦକ ଜିତିବା ପରେ ହକି ଇଣ୍ଡିଆ ପକ୍ଷରୁ ପୁରସ୍କାର ରାଶି ଘୋଷଣା କରାଯାଇଛି। ସ୍ୱର୍ଣ୍ଣ ବିଜୟୀ ପୁରୁଷ ଦଳର ପ୍ରତ୍ୟେକ ଖେଳାଳିଙ୍କୁ ୩ ଲକ୍ଷ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ୧.୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ। ସେହିଭଳି କାଂସ୍ୟ ପଦକ ଜିତିଥିବା ମହିଳା ଦଳର ପ୍ରତ୍ୟେକ ସଦସ୍ୟାଙ୍କୁ ୧.୫ ଲକ୍ଷ ଟଙ୍କା ଓ ସପୋର୍ଟ ଷ୍ଟାଫଙ୍କ ପାଇଁ ୫୦ ହଜାର ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଛି।

# ବୈଭବଙ୍କ ସହ ଆୟର୍ଲାଣ୍ଡ ଓ ଇଂଲଣ୍ଡ ଯିବେ ପିତାମାତା

ମୁମ୍ବଇ,୬।୬(ଏଜେନ୍ସି): ୧୯୮୯ ମସିହାରେ ଯେତେବେଳେ ୧୬ ବର୍ଷୀୟ ସଚିନ ତେନ୍ଦୁଲକର ନିଜର ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାକୁ ପାକିସ୍ତାନ ଯାଇଥିଲେ, ସେତେବେଳେ ତାଙ୍କୁ ସାହସ ଦେବା ପାଇଁ ବଡ଼ ଭାଇ ଅଜିତ ସାଙ୍ଗରେ ଯାଇଥିଲେ। ଠିକ୍ ସେହିଭଳି ୩୭ ବର୍ଷ ପରେ ଆଉ ଜଣେ ବିସ୍ମୟ ବାଳକଙ୍କ ପାଇଁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏକ ବଡ଼ ନିଷ୍ପତ୍ତି ନେଇଛି। ଭାରତୀୟ ସିନିଅର ଦଳରେ ସ୍ଥାନ ପାଇଥିବା ୧୫ ବର୍ଷୀୟ ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କ ସହ ତାଙ୍କ ପିତାମାତା ମଧ୍ୟ ଆୟର୍ଲାଣ୍ଡ ଏବଂ ଇଂଲଣ୍ଡ ଗସ୍ତରେ ଯିବେ। ବୈଭବଙ୍କ ବୟସ ବହୁତ କମ୍ ହୋଇଥିବାରୁ ଅନ୍ତର୍ଜାତୀୟ କ୍ରିକେଟର ଚାପ ଏବଂ ବାହାର ପରିବେଶ ସହ ନିଜକୁ ଖାପଖୁଆଇ ଚଳିବାରେ ପରିବାରର ଉପସ୍ଥିତି ସହାୟକ ହେବ ବୋଲି ବିସିସିଆଇ ଅନୁଭବ କରିଛି। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି ଯେ, ବୈଭବ ଜଣେ ଶିଶୁ ହୋଇଥିବାରୁ ତାଙ୍କ ପିତାମାତାଙ୍କୁ ସାଙ୍ଗରେ ଯିବାକୁ ଅନୁମତି ଦିଆଯାଇଛି। ସେମାନଙ୍କର ସମସ୍ତ ଗସ୍ତ ଖର୍ଚ୍ଚ ବୋର୍ଡ ବହନ କରିବ। ବିହାରର ଏହି ବାମହାତୀ ବ୍ୟାଟର ନିକଟରେ ଶେଷ ହୋଇଥିବା ଆଇପିଏଲ୍‌ରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ୨୩୭.୩୦ ଷ୍ଟ୍ରାଇକ୍ ରେଟ୍‌ରେ ୭୭୬ ରନ୍ ସଂଗ୍ରହ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଚିନଙ୍କ ପରେ ସେ ଭାରତୀୟ ସିନିଅର ଦଳରେ ସ୍ଥାନ ପାଇଥିବା ସବୁଠାରୁ କମ୍ ବୟସ୍କ ଖେଳାଳି ହେବେ।

## ଗୀତାଞ୍ଜଳିଙ୍କ କୃତିତ୍ୱ



ଭୁବନେଶ୍ୱର, ୬।୬ (ସମିସ): ପୋଲାଣ୍ଡରେ ବିଶ୍ୱ ବେଞ୍ଚ ପ୍ରେସ ଚାମ୍ପିଅନସିପ ଅନୁଷ୍ଠିତ ହୋଇଯାଇଛି। ଏହି ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ୫୦ଟି ଦେଶ ଭାଗ ନେଇଥିଲେ। ଯେଉଁଥିରେ ଓଡ଼ିଶାର ଗୀତାଞ୍ଜଳି ନାୟକ ଅଂଶଗ୍ରହଣ କରି ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିଥିଲେ। ଗୀତାଞ୍ଜଳିଙ୍କ ଏହି ସଫଳତା ପାଇଁ କୋଚ୍ ତଥା ଓଡ଼ିଶା ରାଜ୍ୟ ପାୱାର ଲିଫ୍ଟିଂ ସଂଘର ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି।

# ୧୮ କ୍ୟାରେଟ୍ ସୁନାରେ ତିଆରି ଟ୍ରଫି

ଆଉ ଦିନ କେଇଟା ପରେ ଆରମ୍ଭ ହେବ ଫୁଟବଲ୍‌ର ମହାକୁମ୍ଭ ଫିଫା ବିଶ୍ୱକପ୍। ପ୍ରଥମଥର ଲାଗି ୩ଟି ଦେଶ ଆମେରିକାର, ମେକ୍ସିକୋ ଓ କାନାଡା ମିଳିତ ଭାବେ ବିଶ୍ୱକପ୍‌ର ୨୩ତମ ସଂସ୍କରଣକୁ ଆୟୋଜନ କରୁଛନ୍ତି। ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ଦଳ ଏଥର ଡିଫେଣ୍ଡିଂ ଚାମ୍ପିଅନ ଭାବେ ବିଶ୍ୱକପ୍‌ରେ ପ୍ରବେଶ କରିଛି। ଚାରିବର୍ଷରେ ଥରେ ଆୟୋଜିତ ହେଉଥିବା ବିଶ୍ୱର ଏହି ସବୁଠୁ ଲୋକପ୍ରିୟ କ୍ରୀଡ଼ାକୁ ନେଇ ଏବେ ପ୍ରଶଂସକଙ୍କ ମନରେ ନାହିଁ ନ ଥିବା ଉତ୍ସୁକତା ଦେଖାଦେଇଛି। ବିଶେଷ କରି ବିଶ୍ୱକପ୍ ସମ୍ବନ୍ଧୀୟ ଟିକିନିଖି ଖବର ଜାଣିବାକୁ ଫୁଟବଲପ୍ରେମୀ ଆଗ୍ରହ ରଖୁଛନ୍ତି। ବିଶ୍ୱକପ୍‌ରେ ପ୍ରଦାନ କରାଯାଉଥିବା ଟ୍ରଫି ସମ୍ପର୍କ କିଛିଟା ରୋଚକ ତଥ୍ୟ ଏଠାରେ ଉଲ୍ଲେଖ କରୁଛୁ।

ଚାମ୍ପିଅନ ଦଳକୁ ପ୍ରଦାନ କରାଯାଉଥିବା ଟ୍ରଫିର ଉଚ୍ଚତା ୩୭ ସେଣ୍ଟିମିଟର। ଏହି ଟ୍ରଫିଟି ୧୮ କ୍ୟାରେଟ ସୁନାରେ ନିର୍ମିତ ହୋଇଛି। ଯାହାର ଓଜନ ୬ କିଲୋଗ୍ରାମ ରହିଛି। ଏହି ଟ୍ରଫିର ଡିଜାଇନ ଦୁଇଟି ମାନବ ପ୍ରତିମୂର୍ତ୍ତି ପୃଥିବୀକୁ ଧରି ରହିଥିବା ଦର୍ଶାଉଛି। ଏହି ଚିତ୍ର ପ୍ରକୃତରେ ଦର୍ଶାଉଛି ଯେ କାହିଁକି ଫୁଟବଲ୍ ବିଶ୍ୱର ଶ୍ରେଷ୍ଠ କ୍ରୀଡ଼ା।

ଉଲ୍ଲେଖନୀୟ କଥା ହେଉଛି ଏହି ଟ୍ରଫିଟି ସମ୍ପୂର୍ଣ୍ଣ କଠିନ ନୁହେଁ; ଏହା ଭିତରଟା ଫମ୍ପା। ଯଦି ଏହା ସମ୍ପୂର୍ଣ୍ଣ ସୁନାରେ ତିଆରି ହୋଇଥାନ୍ତା, ତେବେ ବହୁତ ଭାରୀ ହୋଇଥାନ୍ତା। ଫଳରେ ଖେଳାଳିମାନେ ବିଜୟ ଉତ୍ସବ ପାଳନ ସମୟରେ ଏହାକୁ ସହଜରେ ଉଠାଇପାରନ୍ତେ ନାହିଁ। ଟ୍ରଫିର ମୂଳ ଭାଗରେ ମାଲାକାଇଟ୍‌ର ଦୁଇଟିସ୍ତର ରହିଛି, ଯାହା ଏକ ସବୁଜ ଅର୍ଦ୍ଧ-ମୂଲ୍ୟବାନ ଖଣିଜ ପଦାର୍ଥ। ୧୯୭୦ ମସିହାରେ ଫିଫା ଏକ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆରମ୍ଭ କରିବା ପରେ ଏହାକୁ ଇଟାଲୀୟ ମୂର୍ତ୍ତିକାର ସିଲଭିଓ ଗାଜାନିଗା ଡିଜାଇନ୍ କରିଥିଲେ। ୧୯୭୦ରେ ମେକ୍ସିକୋରେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ରେ ବ୍ରାଜିଲ ଚାମ୍ପିଅନ ହୋଇଥିଲା। ତୃତୀୟ ବିଶ୍ୱକପ୍ ଟାଇଟଲ ଜିତିବା ପରେ ପୂର୍ବ ଟ୍ରଫି 'ଜୁଲ୍ସ ରିମେଟ୍ ଟ୍ରଫି'କୁ ସ୍ଥାୟୀ ଭାବରେ ବ୍ରାଜିଲକୁ ପ୍ରଦାନ କରାଯାଇଥିଲା।

**ଫିଫା ବିଶ୍ୱକପ୍**
**ଆଉ ୪ ଦିନ**




୧୯୭୪ ମସିହାରେ କିମ୍ବଦନ୍ତୀ ଡିଫେଣ୍ଡର ଫ୍ରାଞ୍ଜ ବେକେନବାଉରଙ୍କ ନେତୃତ୍ୱରେ ପଶ୍ଚିମ ଜର୍ମାନୀ ପ୍ରଥମଥର ପାଇଁ ବର୍ତ୍ତମାନ ପ୍ରଦାନ କରାଯାଉଥିବା ଟ୍ରଫି ଗ୍ରହଣ କରିଥିଲା। ବର୍ତ୍ତମାନ ରହିଥବା ବିଶ୍ୱକପ୍ ଟ୍ରଫିର ମୂଲ୍ୟ ପ୍ରାୟ ୨୫୦,୦୦୦ ଆମେରିକୀୟ ଡଲାର (୨.୩୮ କୋଟି ଟଙ୍କା) ହେବ ବୋଲି ଆକଳନ କରାଯାଇଛି। ଗତ କିଛି ମାସ ମଧ୍ୟରେ ସୁନାର ଅନ୍ତର୍ଜାତୀୟ ମୂଲ୍ୟ ବୃଦ୍ଧି ପାଇଛି, ଏବଂ ଟ୍ରଫି ତିଆରି କରିବା ପାଇଁ ଆବଶ୍ୟକ କାରିଗରୀ ବହୁତ ଅଧିକ। ତଥାପି, ଟ୍ରଫିର ପ୍ରକୃତ ମୂଲ୍ୟ ଅନେକ ଗୁଣ ଅଧିକ। ଯଦି ଆଜି ବଜାରରେ ଟ୍ରଫିକୁ ନିଲାମ କରାଯାଏ, ତେବେ ଏହାର ମୂଲ୍ୟ ୨୦ ନିଯୁତ ଡଲାର (୧୯୦ କୋଟି ୮୦ ଲକ୍ଷ ଟଙ୍କା) ଅତିକ୍ରମ କରିପାରେ ବୋଲି ଆକଳନ କରାଯାଉଛି।

ବହୁତ କମ୍ ଲୋକ ଜାଣିଥିବେ ଯେ ବିଜେତା ଦଳଗୁଡ଼ିକ ମୂଳ ତଥା ଅରିଜିନାଲ ଟ୍ରଫିକୁ ସମ୍ପୂର୍ଣ୍ଣ ଭାବେ ରଖିବାକୁ ଦିଆଯାଏ ନାହିଁ। ଫିଫା ପ୍ରକୃତ ଟ୍ରଫିର ମାଲିକାନା ବଜାୟ ରଖିଥାଏ। ଯାହାକୁ ଫାଇନାଲ୍ ଶେଷ ହେବା ପରେ ତୁରନ୍ତ ଜୁରିଚ୍‌ରେ ଥିବା ଏହାର ମୁଖ୍ୟାଳୟକୁ ଫେରାଇ ନିଆଯାଏ। ଏହା ବଦଳରେ ଚାମ୍ପିଅନ ଦେଶକୁ ଏକ ସୁନା ପ୍ଲେଟେଡ୍ ବ୍ରୋଞ୍ଜ ପ୍ରତିକୃତି ଦିଆଯାଇଥାଏ। ସେହି ଟ୍ରଫିକୁ ଧରି ଚାମ୍ପିଅନ ଦଳ ସ୍ୱଦେଶ ଫେରିଥାଏ।

# ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍ ଉଦ୍‌ଯାପିତ


ଭୁବନେଶ୍ୱର, ୬।୬ (ସମିସ): ଏହେସାସ ତାଏକ୍ୱୋଣ୍ଡୋ ଏକାଡେମୀ ପକ୍ଷରୁ ବଡ଼ଗଡ଼ସ୍ଥିତ ତାଏକ୍ୱୋଣ୍ଡୋ ଟ୍ରେନିଂ ସେଣ୍ଟରରେ ଦ୍ୱିତୀୟ ଭୁବେନେଶ୍ୱର ଜିଲ୍ଲା କ୍ୟୁରୋଜୀ ଏବଂ ପୁମସେ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ ଅନୁଷ୍ଠିତ ହୋଇଯାଇଛି। ଏହି ଦିନିକିଆ ପ୍ରତିଯୋଗିତାରେ ଚାରୋଟି କ୍ଲବରୁ ପାଖାପାଖି ୭୦ ଜଣ ପ୍ରତିଯୋଗୀ ଭାଗନେଇଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଓଡିଶା ରାଜ୍ୟ ତାଏକ୍ୱୋଣ୍ଡୋ ଆସୋସିଏସନର ସମ୍ପାଦକ ମନମୋହନ ଭଞ୍ଜ, ସ୍ୱତନ୍ତ୍ର ଅତିଥିଭାବେ କୋଷାଧକ୍ଷ ବିବେକାନନ୍ଦ ସାମଲ, ଗେଷ୍ଟ ଅଫ ଅନର ଭାବେ କୋଚ ଗଣେଶ ଗୌଡ଼, ଜୟନ୍ତ ପଣ୍ଡା ଏବଂ ତାଏକ୍ୱୋଣ୍ଡୋ କୋଚ ତଥା ଅନ୍ତର୍ଜାତୀୟ ଖେଳାଳି ଏହେସାସ ହୋତା ପ୍ରମୁଖ ଯୋଗଦାନ କରି କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ। ଓଡିଶା ତାଏକ୍ୱୋଣ୍ଡୋ ଆସୋସିଏସନ ପକ୍ଷରୁ ଏହି ପ୍ରତିଯୋଗିତାକୁ ସମସ୍ତ ଟେକ୍ନିକାଲ ସପୋର୍ଟ କରାଯାଇଥିବା। ଭୁବନେଶ୍ୱର ଆମେଚର ତାଏକ୍ୱୋଣ୍ଡୋ ଆସୋସିଏସନ ପକ୍ଷରୁ ପ୍ରମୋଟ କରାଯାଇଛି। ଏଥିରେ ଭଲ କରିଥିବା କ୍ରୀଡ଼ାବିତଙ୍କୁ ଆଗାମୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସୁଯୋଗ ମିଳିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।



### ସିଦ୍ଧାନ୍ତ ସ୍ମାରକୀ ଜୁନିଅର କ୍ରିକେଟ୍

# ଯଦୁପୁରକୁ ଜିତାଇଲେ ଆଶୁତୋଷ

ଭୁବନେଶ୍ୱର, ୬।୬ (ସମିସ): ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଏଠାରେ ଚାଲିଥିବା ୧୬ ବର୍ଷରୁ କମ୍ ସିଦ୍ଧାନ୍ତ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ଯଦୁପର ଏକାଡେମୀ ବିଜୟୀ ହୋଇଛି। ଶନିବାର ଖେଳାଯାଇଥିବା ମ୍ୟାଚରେ ଯଦୁପୁର ୯ ୱିକେଟରେ ସନସାଇନ ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ସନସାଇନ ୧୧ ଓଭରରେ ୫୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ପ୍ରତିପକ୍ଷ ଯଦୁପୁର ପକ୍ଷରୁ ଆଶୁତୋଷ ଯାଦବ ମାରାତ୍ମକ ବୋଲିଂ କରି ୧୫ ରନରେ ୫ଟି ୱିକେଟ୍ ନେଇଥିଲେ। ଜବାବରେ ଯଦୁପର ଏକାଡେମୀ ୯.୨ ଓଭରରେ ଗୋଟିଏ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ବରିଷ୍ଠ ଖେଳାଳି ଚିତ୍ତରଞ୍ଜନ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଆଶୁତୋଷଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS